• Vol.- 46, Issue No. 48
• Tuesday, 19 May 2026
• ମଙ୍ଗଳବାର, ୧୯ ମଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ଆଗକୁ ପଞ୍ଚାୟତ ନିର୍ବାଚନ: ଦଳକୁ 'ନୀତିନ'ଙ୍କ ୫ମନ୍ତ୍ର

# ଘରେ ଘରେ ପହଞ୍ଚୁ ସରକାରୀ ଯୋଜନା



• ସରକାର-ସଂଗଠନ ମଧ୍ୟରେ ରହୁ ଉତ୍ତମ ସମନ୍ୱୟ
• ଯେତେ ପାରୁଛନ୍ତି କାମ କରନ୍ତୁ, ଅଳ୍ପରେ ସନ୍ତୁଷ୍ଟ ହୁଅନ୍ତୁ ନାହିଁ

ଭୁବନେଶ୍ୱର,୧୮।୫: ଆଗାମୀ ୨୦୩୬ ବିକଶିତ ଓଡ଼ିଶା ଗଠନରେ ରୋଡ୍ ମ୍ୟାପ ନେଇ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ୫ ଟି ପରାମର୍ଶ ଦେଇଛନ୍ତି। ନେତା ଓ କର୍ମୀଙ୍କ ମଧ୍ୟରେ ସମନ୍ୱୟ ରହୁ। ସଂଗଠନ ସୁସ୍ଥ ରହିଲେ ସରକାର ଆଗକୁ ବଢ଼ିବ; ତେଣୁ ସଂଗଠନ ପାଇଁ ଯେତେ ପାରୁଛନ୍ତି କାମ କରନ୍ତୁ, ଅଳ୍ପରେ ସନ୍ତୁଷ୍ଟ ହୁଅନ୍ତୁ ନାହିଁ। ପ୍ରତି କର୍ମକର୍ତ୍ତାଙ୍କୁ ଗୁରୁତ୍ୱ ଦିଆଯାଉ। ସରକାର କିପରି ନିଖୁଣତାର ସହ ଲୋକଙ୍କ ପାଖରେ ପହଞ୍ଚିବ ତାହା ଉପରେ ଧ୍ୟାନ ଦିଆଯାଉ,ସରକାରଙ୍କ ଗ୍ରହଣୀୟତା ଉପରେ ଗୁରୁତ୍ୱ ରହୁ। ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଞ୍ଚୁ।ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଓଡ଼ିଶାର ଶାସନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଦକ୍ଷ ଏବଂ ଜନକଲ୍ୟାଣକାରୀ କରିବା ପାଇଁ ରାଷ୍ଟ୍ରୀୟ ଅଧ୍ୟକ୍ଷ ସରକାର ଓ ସଂଗଠନ ଉଭୟଙ୍କ ପାଇଁ ଭିନ୍ନ ଭିନ୍ନ ରଣନୀତି ନିର୍ଦ୍ଧାରଣ କରିଛନ୍ତି। ୨୦୩୬ରେ ଓଡ଼ିଶା ଗଠନର ଶତବାର୍ଷିକୀ ଉତ୍ସବକୁ ଆଖିରେ ରଖି ରାଜ୍ୟକୁ ଅଗ୍ରଣୀ ଓ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ରାଷ୍ଟ୍ରୀୟ ଅଧ୍ୟକ୍ଷ ୫ ପ୍ରମୁଖ ଓ କାର୍ଯ୍ୟକାରୀ ସୂତ୍ର ଦେଇଛନ୍ତି। ଏହି ପାଞ୍ଚଟି ମନ୍ତ୍ର ଆଗାମୀ ଦିନରେ ଓଡ଼ିଶାର ପ୍ରଗତିର ମୂଳଦୁଆ ସାଜିବ।ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଯୋଜନା ଯେପରି ସମାଜର ସବୁଠାରୁ ଗରିବ ଏବଂ ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ କୌଣସି ବାଧାବିଘ୍ନ ବିନା ପହଞ୍ଚିପାରିବ, ସେଥିପାଇଁ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଯୋଜନାକୁ ଶେଷ ପ୍ରାନ୍ତରେ ଥିବା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଦଳ ଓ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ଭାବେ ଘୋଷଣା କରାଯାଇଛି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗ୍ରାମାଞ୍ଚଳର ବିକାଶ ପାଇଁ ଏକ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯିବ।

ଜଟଣୀସ୍ଥିତ ଏସିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ହେଲଥ୍ ୟୁନିଭର୍ସିଟି କ୍ୟାମ୍ପସଠାରେ ଆୟୋଜିତ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସ୍ତରୀୟ 'ପଣ୍ଡିତ ଦୀନଦୟାଲ ପ୍ରଶିକ୍ଷଣ ମହା-ଅଭିଯାନ ଶିବିର-୨୦୨୬'କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ । ୨୦୨୭ ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଦଳର କ୍ୟାଡର ବେସ୍‌କୁ ଆହୁରି ଶକ୍ତିଶାଳୀ ଓ ଆଦର୍ଶଗତ ଭାବେ ସୁଦୃଢ଼ କରିବା ପାଇଁ ଏହି ମେଗା କ୍ୟାମ୍ପର ଆୟୋଜନ କରାଯାଇଛି । ସମର୍ଥ କାର୍ଯ୍ୟକର୍ତ୍ତା ଓ ସଶକ୍ତ ସଂଗଠନ ଉପରେ ଗୁରୁତ୍ୱ ଦିଆଯାଇଛି। ସରକାର ଓ ସଂଗଠନ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ନୀତିନ ଗସ୍ତର ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ବିଜେପି ହେଉଛି କାର୍ଯ୍ୟକର୍ତ୍ତା ଆଧାରିତ ଜାତୀୟତାବାଦୀ ଦଳ। "ଜ୍ଞାନ ହେଉଛି ଶକ୍ତି ଏବଂ ଅଭିଜ୍ଞତା ହେଉଛି ମୂଲ୍ୟବାନ"। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରୀୟ ପ୍ରଶିକ୍ଷଣ ଟୋଲିର ସହସଂଯୋଜିକା ତଥା ସାଂସଦ କବିତା ପଟିଦାର, କ୍ଷେତ୍ରୀୟ ସଂଯୋଜକ ଅଧ୍ୟାପକ ଦିନେଶାନନ୍ଦ ଗୋସ୍ୱାମୀ ଏବଂ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲା

# ଏନଟିଏ ମୁଖ୍ୟଙ୍କୁ ସମନ




ନୂଆଦିଲ୍ଲୀ,୧୮।୫: ଭାରତର ସର୍ବବୃହତ ଡାକ୍ତରୀ ପ୍ରବେଶିକା ପରୀକ୍ଷାର ବିଶ୍ୱସନୀୟତା ଉପରେ ବଢୁଥିବା ଚିନ୍ତା ମଧ୍ୟରେ ଶିକ୍ଷା, ମହିଳା, ଶିଶୁ, ଯୁବ ଏବଂ କ୍ରୀଡା ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟି ନିଟ୍ ୟୁଜି ୨୦୨୬ ପେପର୍ ଲିକ୍ ମାମଲାର ତଦନ୍ତ ସମ୍ପର୍କରେ ସୂଚନା ପ୍ରଦାନ କରିବା ପାଇଁ ଜାତୀୟ ପରୀକ୍ଷା ଏଜେନ୍ସି ଅଧ୍ୟକ୍ଷ ପ୍ରଦୀପ କୁମାର ଜୋଶୀଙ୍କୁ ସମନ କରିଛି।ବୈଠକରେ ତଦନ୍ତର ଅଗ୍ରଗତି, ନିଟ୍ ୟୁଜି ୨୦୨୬ ରେ ଅନିୟମିତତାର ଅଭିଯୋଗ ଆସିବା ପରେ ଏନଟିଏ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଏବଂ ଉଚ୍ଚ-ପଦବୀ ପରୀକ୍ଷାରେ ଭବିଷ୍ୟତରେ ଉଲ୍ଲଂଘନକୁ ରୋକିବା ପାଇଁ ଆରମ୍ଭ କରାଯାଉଥିବା ପଦକ୍ଷେପ ଉପରେ ଧ୍ୟାନ ଦିଆଯିବାର ଆଶା କରାଯାଉଛି। ସୂତ୍ରରୁ ଜଣାପଡିଛି ଯେ ସଂସଦୀୟ କମିଟିର ସଦସ୍ୟମାନେ ଲିକ୍ ସମୟସୀମା, ତଦନ୍ତ ଏଜେନ୍ସି ମଧ୍ୟରେ ସମନ୍ୱୟ, ପରୀକ୍ଷା ପରିଚାଳନାରେ ତ୍ରୁଟି ଚିହ୍ନଟ ଏବଂ ଏପର୍ଯ୍ୟନ୍ତ କୌଣସି ଅଧିକାରୀ କିମ୍ବା ପ୍ରତିଷ୍ଠାନକୁ ଦାୟୀ କରାଯାଇଛି କି ନାହିଁ ସେ ବିଷୟରେ ସ୍ପଷ୍ଟତା ଲୋଡ଼ିବାର ସମ୍ଭାବନା ରହିଛି।ଏନଟିଏ ଅଧ୍ୟକ୍ଷ ପ୍ରଦୀପ କୁମାର ଜୋଶୀ ଏବଂ ଅନ୍ୟ ଅମଲାମାନଙ୍କୁ ମେ ୨୧ ତାରିଖରେ ଆଲୋଚନା ପାଇଁ ଡକାଯାଇଛି।

## ୨୦ରେ ଯୁକ୍ତ ଦୁଇ ଫଳାଫଳ

ଭୁବନେଶ୍ୱର,୧୮।୫(ନିପ୍ର): ଆସନ୍ତା୨୦ ତାରିଖରେ ପ୍ରକାଶ ପାଇବ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତଦୁଇ ଫଳାଫଳ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ଏକାସଙ୍ଗେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ରେଜଲ୍ଟ ବାହାରିବ ବୋଲି ମନ୍ତ୍ରୀ କହିଛନ୍ତି । ଚଳିତ ଥର ଫେବୃଆରୀ୧୮ରୁ ମାର୍ଚ୍ଚ ୨୮ ତାରିଖ ଯାଏଁ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୪ ଲକ୍ଷରୁ ଉର୍ଦ୍ଧ୍ୱଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

## ଶ୍ରୀମନ୍ଦିର ଉପରେ ଡ୍ରୋନ, ସନ୍ଦିଗ୍ଧ ଅଟକ

ପୁରୀ,୧୮।୫(ନିପ୍ର): ସୋମବାର ସନ୍ଧ୍ୟା ପ୍ରାୟ ୫ଟା ୫୫ ମିନିଟ୍ ସମୟରେ ଶ୍ରୀମନ୍ଦିର ପରିସର ଉପରେ ଏକ ଡ୍ରୋନ୍ ଉଡୁଥିବାର ଖବର ନଜରକୁ ଆସିଥିଲା। ସିଂହଦ୍ୱାର ଥାନା ପୋଲିସ ଓ ଏକ ସ୍ୱତନ୍ତ୍ର ଟିମ୍ ତତ୍କ୍ଷଣାତ୍ ଡ୍ରୋନ୍‌ଟିକୁ କାବୁ କରିବା ପାଇଁ କାର୍ଯ୍ୟରତ ହୋଇଥିଲେ। ଏହି ଅଭିଯାନ ମଧ୍ୟରେ ଧାନକୁଟି ସାହି ଗଳି ଅଞ୍ଚଳରୁ ଜଣେ ବ୍ୟକ୍ତି ଡ୍ରୋନ୍‌ଟିକୁ ଅପରେଟ୍ କରୁଥିବା ବେଳେ ଚିହ୍ନଟ ହୋଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଝାଡ଼ଖଣ୍ଡ ରାଜ୍ୟ ଦିପୁ କୁମାର ଯାଦବ (୨୫) ବୋଲି ଜଣାପଡ଼ିଛି। ତାଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖାଯାଇଥିବା ପ୍ରକାଶ। ଆଇନ ଅନୁଯାୟୀ ତାଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

## ଯୁଦ୍ଧ ନେଇଗଲା ଓଡ଼ିଆ ଯୁବକଙ୍କ ଜୀବନ

ନୂଆଦିଲ୍ଲୀ,୧୮।୫: ରୁଷ ଉପରେ ୟୁକ୍ରେନ ଡ୍ରୋନ ମାଡ଼ରେ ୪ ମୃତକଙ୍କ ମଧ୍ୟରେ ରହିଛନ୍ତି ଜଣେ ଓଡ଼ିଆ ଯୁବକ। ମୃତକ ହେଲେ ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ମାଧବନ୍ଧ ଗାଁ ର ଏ. ରାମୟ୍ୟା । ଏକ ଏଜେନ୍ସି ଜରିଆରେ ରୁଷର ଏକ କମ୍ପାନୀରେ କାମ କରିବାକୁ ସେ ଯାଇଥିଲେ। ଶନିବାର ୟୁକ୍ରେନର ଭୟଙ୍କର ଡ୍ରୋନ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଛି । ଏନେଇ ରାମୟାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ ସେଠାରେ କାମ କରୁଥିବା ପିତାତଳି ଗାଁର ଜଣେ ଯୁବକ । ଅନ୍ୟପକ୍ଷେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଭେଟି ମୃତଦେହ ଆଣିବାକୁ ଅନୁରୋଧ କରିଛନ୍ତି ରାମେୟାଙ୍କ ପରିବାର ଲୋକ ।

## ଗୁଳି ଫୁଟାଇ ଲୁଟିଲେ ୮ଲକ୍ଷ ଟଙ୍କା

କେନ୍ଦୁଝର,୧୮।୫: ବାଉରିପଦା ପଞ୍ଚାୟତରେ ସୋମବାର ଦେବାକୁ ଥିଲା ଭତ୍ତା । ଏଣୁ ସକାଳୁ କେନ୍ଦୁଝର ଏଚଡିଏଫସି ବ୍ୟାଙ୍କରୁ ବାଉରିପଦା ପିଇଓ ଏବଂ ଏଡିଇଓ ମିଶି ୮ ଲକ୍ଷ ୧୮ ହଜାର ଏକ ଶହ ଟଙ୍କା ଉଠାଇ ପଞ୍ଚାୟତ ଅଭିମୁଖେ ବାଇକରେ ଯାଉଥିଲେ । ଉଭୟଙ୍କୁ ଜଣାନଥିଲା ଯେ କେହି ଜଣେ ତାଙ୍କୁ ପିଛା କରୁଛି ବୋଲି । ସଦର ଥାନା ମୁକୁନା ବଜାର ଠାରୁ କିଛି ଦୂରରେ ପଲସର ବାଇକରେ ଥିବା ତିନି ଜଣ ହଠାତ୍ ତାଙ୍କ ସାମ୍ନାରେ ବାଇକ ରଖି ତାଙ୍କୁ ଟଙ୍କା ଭରା ବ୍ୟାଗ ମାଗିଲେ । ଦୁହେଁ ନ ଦେବାରୁ ବନ୍ଧୁକ ବାହାର କରି ଗୋଟିଏ ରାଉଣ୍ଡ ଗୁଳି ଫୁଟାଇଥିଲେ । ଗୁଳି ଫୁଟାଇ ଦୁଇ ଅଧିକାରୀଙ୍କ ଦୁଇଟି ବ୍ୟାଗକୁ ଛଡାଇ ନାଲି ପଲସର ଗାଡିରେ ବେଲଦା ଅଭିମୁଖେ ପଳାଇ ଯାଇଥିଲେ । ପରେ ପିଇଓ ଫୋନ ମାଧ୍ୟମରେ ସଦର ବିଡିଓଙ୍କୁ ଅବଗତ କରାଇଥିଲେ । ସବୁ କଥା ଶୁଣିବା ପରେ ଅଧିକାରୀମାନେ ସଦର ବିଡିଓଙ୍କୁ ଅବଗତ କରାଇଥିଲେ ।

### ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

## ୧୨ ସ୍ଥାନରେ ଚଢ଼ାଉ

କେନ୍ଦୁଝର, ୧୮।୫: କେନ୍ଦୁଝର ଜିଲ୍ଲାରେ ସକ୍ରିୟ ଥିବା ବେଆଇନ ବାଲି ମାଫିଆଙ୍କ ବିରୋଧରେ ପୁଲିସ ପ୍ରଶାସନ ପକ୍ଷରୁ ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କେନ୍ଦୁଝର ପୁଲିସର ସ୍ପେସାଲ୍ ସ୍କ୍ୱାଡ ପକ୍ଷରୁ ବିଭିନ୍ନ ସ୍ଥାନରେ ଏକକାଳୀନ ମେଗା ଚଢ଼ଉ କରାଯାଇଛି । ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାର ଆନନ୍ଦପୁର, ଘଷିପୁରା, ହାଟଡିହି ଏବଂ ଘଟଗାଁ ଅଞ୍ଚଳର ପ୍ରାୟ ୧୨ଟି ସ୍ଥାନରେ ପୁଲିସ୍ ବାଲି ମାଫିଆଙ୍କ ଆଡ୍ଡା ଓ ବାସଭବନ ଉପରେ ଚଢ଼ାଉ କରିଛି । ଚଢ଼ାଉ ସମୟରେ ପୁଲିସ ହାତରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଏବଂ ସାମଗ୍ରୀ ଲାଗିଛି। ମାଫିଆଙ୍କ ଘରୁ ୨୫ ଲକ୍ଷରୁ ଅଧିକ ନଗଦ ଟଙ୍କା ଜବତ କରାଯିବା ସହ ବାଲି ଚୋରା ଚାଲାଣରେ ବ୍ୟବହୃତ ହେଉଥିବା ୩୦ରୁ ଅଧିକ ଗାଡ଼ିକୁ ପୁଲିସ ଜବତ କରିଛି । ଏହା ବ୍ୟତୀତ ବହୁ ସଂଖ୍ୟାରେ ବ୍ୟାଙ୍କ ପାସ୍ ବୁକ୍, ବୀମା କାଗଜପତ୍ର ଏବଂ ବାଲି ପରିବହନ ପାଇଁ ପ୍ରସ୍ତୁତ କରାଯାଇଥିବା ଏକାଧିକ ଜାଲ୍ ଦସ୍ତାବିଜକୁ ମଧ୍ୟ ପୁଲିସ ନିଜ ହେପାଜତକୁ ନେଇଛି । ପୁଲିସର ବିଭିନ୍ନ ଟିମ୍ ସୂଚନା ଆଧାରରେ ଚିହ୍ନଟ ହୋଇଥିବା ମାଫିଆଙ୍କ ଘର ଚଢ଼ାଉ ଜାରି ରଖିଛନ୍ତି । ହାଟଡହି ବ୍ଲକ୍ ନନ୍ଦିପଦା ଥାନା ଅନ୍ତର୍ଗତ ବଞ୍ଝୋ ଗାଁର ରତିକାନ୍ତ ରାଉତ, ଜଳକଳଙ୍ଗ ଗାଁର ସନ୍ତୋଷ ନାୟକ, ଏଲକଣିଆ ଗାଁର ଯୋଗେନ୍ଦ୍ର ବେହେରା ଏବଂ ଶାଳଣିଆଁ ଗାଁର ଗୁରୁବ୍ରତ ଖଣ୍ଡେଇଙ୍କ ଘରେ ସ୍ପେସାଲ ସ୍କ୍ୱାଡ୍ ଖୋଳତାଡ ଚଳାଇଛି । ଆନନ୍ଦପୁର ଥାନା ଅଞ୍ଚଳର ପ୍ରଭାବଶାଳୀ ବାଲି ମାଫିଆ ରାଜାପ୍ରଭୁ ଦାସଙ୍କ ଘରେ ଚଢ଼ାଉ ଜାରି ରହିଛି । ସେହିପରି ଘଷିପୁରା ଥାନା ଧକୋଠା ଗାଁର ଅଜିତ୍ ପୃଷ୍ଟି, ସୁଦର ସାହୁ ଏବଂ ଶାନ୍ତନୁ ନାୟକଙ୍କ ବାସଭବନରେ ପୁଲିସ ତଦନ୍ତ ଚଳାଇଛି । ଅନ୍ୟାନ୍ୟ ଅଞ୍ଚଳ ଯେପରିକି ବୀରଗୋବିନ୍ଦପୁର ଗାଁର ସୌମ୍ୟ ରଞ୍ଜନ ମହାପାତ୍ର ଏବଂ ଅମାରଙ୍ଗ ଗାଁର ସନ୍ତୋଷ ନାୟକଙ୍କ ଘରେ ମଧ୍ୟ ପୁଲିସ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି।

## ଭୁବନେଶ୍ୱରରେ ଖୋଲିବ 'ସେବି' ଶାଖା




ଭୁବନେଶ୍ୱର,୧୮।୫: ପୁଞ୍ଜି ବଜାରର ନିୟାମକ ସଂସ୍ଥା ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଭୁବନେଶ୍ୱରରେ ଏକ ନୂତନ କାର୍ଯ୍ୟାଳୟ ଖୋଲିବାକୁ ଯାଉଛି। ସୋମବାର ଏଥିପାଇଁ ଭଡ଼ା ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଏକ ଛୋଟ କାର୍ଯ୍ୟାଳୟ ଆରମ୍ଭ ହେବ। ପୂର୍ବରୁ ସେବିର ମୁମ୍ବାଇ ଓ କୋଲକାତା କାର୍ଯ୍ୟାଳୟ ଜରିଆରେ କରାଯାଉଥିବା କାମଗୁଡ଼ିକୁ ଆଗକୁ ଭୁବନେଶ୍ୱରରୁ କରାଯିବ। ଏଥି ସହିତ ଭବିଷ୍ୟତରେ ଏଠାରେ ଏକ ସ୍ଥାୟୀ କାର୍ଯ୍ୟାଳୟ ସ୍ଥାପନ କରାଯିବ ବୋଲି ସେବିର ଅଧ୍ୟକ୍ଷ ତୁହିନକାନ୍ତ ପାଣ୍ଡେ କହିଛନ୍ତି। ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡସ ଇନ୍ ଇଣ୍ଡିଆ (ଆମ୍ଫି) ପକ୍ଷରୁ ଆୟୋଜିତ ଆଞ୍ଚଳିକ ନିବେଶକ ସଚେତନତା କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ପାଣ୍ଡେ ମୁନସିପାଲିଟି ବଣ୍ଡର ବଢୁଥିବା ଗ୍ରହଣୀୟତା ଉପରେ ଆଲୋକପାତ କରିଥିଲେ। ମୁନିସପାଲିଟି ଗୁଡ଼ିକ ପାଇଁ ପାଣ୍ଠି ସଂଗ୍ରହ କରିବାର ଏହି ବ୍ୟବସ୍ଥାକୁ ଓଡ଼ିଶା ଗମ୍ଭୀରତାର ସହ ଗ୍ରହଣ କରିବା ଦରକାର ବୋଲି ସେ କହିଥିଲେ। ସେ କହିଲେ, ବର୍ତ୍ତମାନ ସୁଦ୍ଧା ଦେଶର ୨୨ଟି ସହରାଞ୍ଚଳ ପୌର ସଂସ୍ଥା ୩୩ ମୁନସିପାଲିଟି ବଣ୍ଡ ଜାରି କରି ୪୫୦୦ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ମୁନସିପାଲିଟିଗୁଡ଼ିକ ଏହି ବଣ୍ଡ୍ ଜାରି କରିଛନ୍ତି। ଓଡ଼ିଶା ମଧ୍ୟ ସେଥିରେ ସାମିଲ ହୋଇ ସେହି ବଣ୍ଡ୍‌ର ଲାଭ ହାସଲ କରିବା ଉଚିତ।

## ୪୩.୪ ଡିଗ୍ରୀରେ ସିଝିଲା ଝାରସୁଗୁଡ଼ା

ଭୁବନେଶ୍ୱର,୧୮।୫: ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଗରମ ଅନୁଭୂତ ହୋଇଛି। ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରେକର୍ଡ କରାଯାଇଛି।ଏହା ଭାରତୀୟ ପାଣିପାଗ ବିଭାଗ ଭୁବନେଶ୍ୱର ପାଣିପାଗ କେନ୍ଦ୍ର ଦ୍ୱାରା ଜାରି କରାଯାଇଥିବା ସାନ୍ଧ୍ୟ ପାଣିପାଗ ବୁଲେଟିନ୍ ଅନୁଯାୟୀ।ଝାରସୁଗୁଡ଼ା ରାଜ୍ୟର ସର୍ବାଧିକ ତାପମାତ୍ରା ୪୩.୪ ଡିଗ୍ରୀ ସେଲସିୟସ ସହିତ ସବୁଠାରୁ ଉତ୍ତପ୍ତ ସ୍ଥାନ ଭାବରେ ଉଭା ହୋଇଛି। ବୌଦ୍ଧରେ ୪୨.୮ ଡିଗ୍ରୀ , ଅନୁଗୁଳ ଏବଂ ସମ୍ବଲପୁରରେ ୪୨.୩ ଡିଗ୍ରୀ ,ହୀରାକୁଦରେ ୪୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ବାରିପଦାରେ ୪୧.୮ ଡିଗ୍ରୀ , ଭବାନୀପାଟଣା, ବଲାଙ୍ଗିର ଏବଂ ଟିଟିଲାଗଡ଼ରେ ପ୍ରତ୍ୟେକରେ ୪୧.୫ ଡିଗ୍ରୀ ଓ ତାଳଚେରରେ ୪୧.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।ବାଲେଶ୍ୱରରେ ୪୦.୨ ଡିଗ୍ରୀ, ସୁନ୍ଦରଗଡ଼ରେ ୪୦.୫ ଡିଗ୍ରୀ, ଭଦ୍ରକରେ ୪୦ ଡିଗ୍ରୀ ଏବଂ ବରଗଡ଼ରେ ୪୦.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୩୯ ଡିଗ୍ରୀ ଓ କଟକରେ ତାପମାତ୍ରା ୩୯.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।

# ରାଜ୍ୟରେ ତେଲ ସଂକଟ ନାହିଁ: ମୁଖ୍ୟ ଶାସନ ସଚିବ

### ଅନାବଶ୍ୟକ ଭିଡ଼ କରିବାର କୌଣସି ଆବଶ୍ୟକତା ନାହିଁ



ଭୁବନେଶ୍ୱର,୧୮।୫(ନିପ୍ର): ରାଜ୍ୟରେ ତେଲ ସଂକଟ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ। ତୈଳ ସ୍ଥିତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଅନାବଶ୍ୟକ ଭିଡ଼ କରିବାର କୌଣସି ଆବଶ୍ୟକତା ନାହିଁ। ଯଦି କେହି ବେଆଇନ ଭାବେ ପେଟ୍ରୋଲ ଡିଜେଲ ମହଜୁଦ କରନ୍ତି କାର୍ଯ୍ୟାନୁଷ୍ଠାନ ହେବ। ଯଦି କେହି ବେଆଇନ ମହଜୁଦ କରୁଥିବେ ଜିଲ୍ଲାପାଳ ଆକ୍ସନ ନେବେ ବୋଲି କହିଛନ୍ତି ମୁଖ୍ୟ ଶାସନ ସଚିବ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଛି ରାଜ୍ୟ କ୍ରାଇସେସ ଗ୍ରୁପ ବୈଠକ । ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ମଧ୍ୟ ପ୍ରାଚ୍ୟ ଦେଶରେ ସୃଷ୍ଟି ହୋଇଥିବା ସମସ୍ୟା ନେଇ ଆଲୋଚନା ହୋଇଛି । ରାଜ୍ୟରେ ପେଟ୍ରୋଲ, ଡିଜେଲ, ଏଲପିଜି, ଜରୁରୀକାଳୀନ ସାମଗ୍ରୀ ସହ ସାର ଯୋଗାଣ ସ୍ଥିତି ବାବଦରେ ବୈଠକରେ ହୋଇଛି ଆଲୋଚନା । ରାଜ୍ୟରେ ତୈଳ ସଙ୍କଟ ନଥିବାବେଳେ ବେଆଇନ ମହଜୁଦକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ । ଆଇଓସିଏଲ ସିଜିଏମ୍ କମଲ ସିଲ କହିଛନ୍ତି, 'ବୈଠକରେ ପେଟ୍ରୋଲିୟମ ସାମଗ୍ରୀର ସୁପରିଚାଳନା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଓ ଡିଜେଲ ଉପଲବ୍ଧ ରହିଛି । ସମସ୍ତ ମାର୍କେଟିଂ ଲୋକେସନ, ରିଟେଲ ଆଉଟଲେଟରେ ତୈଳ ମହଜୁଦ ରହିଛି। ଆବଶ୍ୟକତା ଅନୁସାରେ ତୈଳ ଯୋଗାଣ ହେଉଛି। ଲୋକେ କୌଣସି ପ୍ରକାର ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ । ଆମ ପାଖରେ ଆବଶ୍ୟକ ପରିମାଣର ତୈଳ ମହଜୁଦ ଅଛି।'

## ନିଟ୍ ପେପର ଲିକ୍ ମାମଲା: ମହାରାଷ୍ଟ୍ରର କେମେଷ୍ଟ୍ରୀ ପ୍ରଫେସର ଗିରଫ



ନୂଆଦିଲ୍ଲୀ,୧୮।୫: ନିଟ୍ ୟୁଜି ୨୦୨୬ ପେପର ପ୍ରଘଟ ମାମଲାରେ ସିବିଆଇ ଏକ କୋଚିଂ ଇନଷ୍ଟିଚ୍ୟୁଟର ମାଲିକଙ୍କୁ ଗିରଫ କରିଛି। ତାଙ୍କ ନାମ ପ୍ରଫେସର ଶିବରାଜ ମୋଟେଗାଓଁକର । ଲାଟୁରରେ ଆରସିସି କୋଚିଂ ଇନଷ୍ଟିଚ୍ୟୁଟର ସେ ମାଲିକ। ସେ ଏହି ଇନଷ୍ଟିଚ୍ୟୁଟ ପରିଚାଳନା କରନ୍ତି, ଯାହା ନିଟ୍ ୟୁଜି ପରୀକ୍ଷା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରେ। ଏହାର ନଅଟି ଶାଖା ଅଛି, ମୁଖ୍ୟ ଶାଖା ଲାଟୁରରେ ରହିଛି। ସେ ଏନଟିଏ ସହିତ ଜଡିତ ରସାୟନ ବିଜ୍ଞାନ ଅଧ୍ୟାପକ ପି.ଭି. କୁଲକର୍ଣ୍ଣୀଙ୍କ ଘନିଷ୍ଠ। ତାଙ୍କ ଇନଷ୍ଟିଚ୍ୟୁଟ ଏବଂ ବାସଭବନରେ ଯାଞ୍ଚ ସମୟରେ ଏକ ରସାୟନ ବିଜ୍ଞାନ ପ୍ରଶ୍ନପତ୍ର ତାଙ୍କ ମୋବାଇଲରୁ ମିଳିଥିଲା। ଏହା ୩ ମଇରେ ଅନୁଷ୍ଠିତ ନିଟ୍ ପରୀକ୍ଷାରେ ପଚରାଯାଇଥିବା ପ୍ରଶ୍ନ ସହିତ ସମାନ ପ୍ରଶ୍ନ ଥିଲା। ଏହି ମାମଲାରେ ଏପର୍ଯ୍ୟନ୍ତ ୧୦ ଜଣଙ୍କୁ ଗିରଫ କରାଯାଇଛି।

# ଏକାମ୍ରେଶ୍ୱର

ଏହି ଆମ୍ରବନ ମଧ୍ୟରେ ସ୍ଫଟିକ ଓ ବୈଦୁର୍ଯ୍ୟ ମଣିରେ ଉଦ୍‌ଭାସିତ ମୋର ଏକ ଶିବଲିଙ୍ଗ ଅଛି। ଏହି ଲିଙ୍ଗର ଊର୍ଦ୍ଧ୍ୱଭାଗ ପଦ୍ମରାଗ ମଣିଦ୍ୱାରା ବିମଣ୍ଡିତ ହୋଇଥିବାରୁ ଏଥିରୁ ଜ୍ୱଳନ୍ତ ଅଗ୍ନି ସଦୃଶ ତେଜ ନିର୍ଗତ ହେଉଛି। ସେହି ତେଜସମୂହ ଦ୍ୱାରା ଦିଗବିଦିଗ ଉଦ୍‌ଭାସିତ ହେଉଛି।



ଶ୍ରୀଲୋକନାଥଙ୍କୁ ଦର୍ଶନ କରିବାପରେ ଶ୍ରୀକ୍ଷେତ୍ର ପରିଭ୍ରମଣ କରି ରାମଚନ୍ଦ୍ର ମାର୍କଣ୍ଡେଶ୍ୱର, କପାଳମୋଚନ, ବାଲୁଙ୍କେଶ୍ୱର, ନୀଳକଣ୍ଠ ଆଦିଙ୍କୁ ଦର୍ଶନ କରି ପୁଣ୍ୟତୋୟା ଭାର୍ଗବୀ ନଦୀ ପାର ହୋଇ ଏକାମ୍ରକାନନରେ ପହଞ୍ଚିଲେ ଏବଂ ସେଠାରେ ବିନ୍ଦୁସାଗରରେ ସ୍ନାନ କଲେ। ସୀତା ଏହି ସୁନ୍ଦର କାନନ, ବିନ୍ଦୁସାଗର ତଥା ପୂଜିତ ଶିବଲିଙ୍ଗଙ୍କ ସଂପର୍କରେ ଜାଣିବାକୁ ଉତ୍ସାହ ପ୍ରକାଶ କରିବାରୁ ଶ୍ରୀରାମ ଏହି କ୍ଷେତ୍ର ସଂପର୍କରେ ଯେଉଁ ତଥ୍ୟ ପ୍ରଦାନ କରିଥିଲେ ତାହା ଏହିପରି: ଏହି କ୍ଷେତ୍ରର ନାମ ଏକାମ୍ର ଚକ୍ରକ୍ଷେତ୍ର। କାରଣ ଏହି କାନନରେ ଗୋଟିଏ ଆମ୍ରତରୁ ଚକ୍ରାକାର ହୋଇ ଏକ ବିଶାଳ ବନଭୂମି ସୃଷ୍ଟି କରିଛି। ଏହାର ଅନ୍ୟ ଏକ ନାମ ଗୁପ୍ତକାଶୀ। କୈଳାସ ପରେ ଶିବଙ୍କର ପ୍ରିୟ କ୍ଷେତ୍ର ଥିଲା କାଶୀ। ମାତ୍ର ଏହି ସ୍ଥାନ ତାହାଠାରୁ ମଧ୍ୟ ପ୍ରିୟ। ଦେବୀ ସୀତାଙ୍କର ମୃତ୍ୟୁ ପରେ ଦେବୀ ମହାମାୟା ପୁନଶ୍ଚ ପର୍ବତରାଜ ହିମାଳୟଙ୍କ କନ୍ୟା ପାର୍ବତୀ ଭାବରେ ଜନ୍ମଗ୍ରହଣ କରି ଶିବଙ୍କୁ ବିବାହ କଲେ। ବିବାହ ପରେ ପାର୍ବତୀ ପିତ୍ରାଳୟ (କୈଳାସ)ରେ ରହିବାକୁ ଅନିଚ୍ଛା ପ୍ରକାଶ କରିବାରୁ ଶିବ ତାଙ୍କୁ ଆଣି କାଶୀରେ ରହିଲେ। କିନ୍ତୁ କାଶୀକ୍ଷେତ୍ର କ୍ରମଶଃ ଜନାକୀର୍ଣ୍ଣ ହେବାରୁ ସେମାନଙ୍କର ଯୋଗ ଓ ଧ୍ୟାନ ସମ୍ଭବ ହେଲା ନାହିଁ। ଏଥିରେ ପାର୍ବତୀ ବ୍ୟଥିତ ହେବାରୁ ଶିବ ପାର୍ବତୀଙ୍କୁ ଏକ ଉତ୍ତମ ସ୍ଥାନର ସନ୍ଧାନ କରିବେ ବୋଲି କହିଲେ। ସେ କହିଲେ- ଦକ୍ଷିଣ ସମୁଦ୍ରତଟରେ ଏକ ବିଶାଳ ଆମ୍ରବୃକ୍ଷ ଦ୍ୱାରା ପରିଶୋଭିତ ଏକ କାନନ ରହିଛି। ଏହି ଆମ୍ରବନ ମଧ୍ୟରେ ସ୍ଫଟିକ ଓ ବୈଦୁର୍ଯ୍ୟ ମଣିରେ ଉଦ୍‌ଭାସିତ ମୋର ଏକ ଶିବଲିଙ୍ଗ ଅଛି। ଏହି ଲିଙ୍ଗର ଊର୍ଦ୍ଧ୍ୱଭାଗ ପଦ୍ମରାଗ ମଣିଦ୍ୱାରା ବିମଣ୍ଡିତ ହୋଇଥିବାରୁ ଏଥିରୁ ଜ୍ୱଳନ୍ତ ଅଗ୍ନି ସଦୃଶ ତେଜ ନିର୍ଗତ ହେଉଛି। ସେହି ତେଜସମୂହ ଦ୍ୱାରା ଦିଗବିଦିଗ ଉଦ୍‌ଭାସିତ ହେଉଛି। ସେହି ସ୍ଥାନ ଅତ୍ୟନ୍ତ ମୁକ୍ତିପ୍ରଦ। ଏହା ଜାଣି ପାର୍ବତୀ ପ୍ରଥମେ ସ୍ଥାନଟିକୁ ଦେଖିବା ପାଇଁ ଆସିଲେ। ଆମ୍ରକାନନ ତାଙ୍କୁ ଅତ୍ୟନ୍ତ ଆକୃଷ୍ଟ କଲା। କିନ୍ତୁ ବନ ମଧ୍ୟରେ ଶିବଲିଙ୍ଗଙ୍କୁ ନ ପାଇ ସେ ବ୍ୟଥିତ ହୋଇ ନିକଟରେ ଥିବା ଗୋପାଳବସ୍ତିର ରମଣୀମାନଙ୍କୁ ଦେଖି ସେହି ରୂପ ନେଇ ସେ ସମଗ୍ର ବନ ପରିଭ୍ରମଣ କଲେ। ପାର୍ବତୀ ଦେଖିଲେ, ପ୍ରତ୍ୟେକ ଦିନ ଗୋ ଗୋଷ୍ଠରୁ ଏକ ଗାଈ ଏକ ନିକାଞ୍ଚନ ଜାଗାକୁ ଯାଇ ଥନରୁ କିଛି କ୍ଷୀର ସେଠାରେ ସ୍ରବଣ କରି ଫେରି ଯାଉଛି। ଏକାଧିକ ବାର ଏହା ଦେଖି ପାର୍ବତୀ ସେହି ସ୍ଥାନକୁ ଯାଇ ମାଟି ଓ ଲତା ପତ୍ର ଆଦିକୁ ପରିଷ୍କାର କରିବାରୁ ଏକ ଦିବ୍ୟଲିଙ୍ଗଙ୍କର ଦର୍ଶନ ପାଇଲେ। ସେ ଆନନ୍ଦିତ ହୋଇ ସେହି ଦିବ୍ୟଲିଙ୍ଗଙ୍କର ପୂଜନ କଲେ। ପାର୍ବତୀ ଯେଉଁ ଦିବ୍ୟଲିଙ୍ଗଙ୍କର ପୂଜନ କରିଥିଲେ ସେହି ଦିବ୍ୟଲିଙ୍ଗ ଏକାମ୍ରେଶ୍ୱର ଭାବରେ ଖ୍ୟାତ ହେଲେ। ପରବର୍ତ୍ତୀ କାଳରେ ସେହି ଲିଙ୍ଗ ହେଲେ ଲିଙ୍ଗରାଜ, ଭୁବନେଶ୍ୱର ଭାବେ ହେଲେ ପରିଚିତ।



ସମଗ୍ର ଭାରତରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ରହିଥିଲେ ମଧ୍ୟ ଏହା ସେମାନଙ୍କ ମଧ୍ୟରେ ଗଣ୍ୟ ନୁହେଁ, କାରଣ ଏହି ଲିଙ୍ଗ ସେମାନଙ୍କଠାରୁ ଶ୍ରେଷ୍ଠ ହୋଇଥିବାରୁ ଏହାଙ୍କର ନାମ ଲିଙ୍ଗରାଜ। ଶ୍ରୀରାମଙ୍କଠାରୁ ଏକାମ୍ରେଶ୍ୱରଙ୍କ ସଂପର୍କରେ ଶୁଣି ସୀତା ଅତ୍ୟନ୍ତ ପ୍ରୀତ ହେଲେ। ସେ ପୁନଶ୍ଚ ଏହି କ୍ଷେତ୍ରରେ ଥିବା ତୀର୍ଥ, ଶିବଲିଙ୍ଗ ତଥା ପୁଣ୍ୟପ୍ରଦା ଓ ପାପନାଶିନୀ ବିନ୍ଦୁ ସରୋବର ସଂପର୍କରେ ଜାଣିବାକୁ ଚାହିଁବାରୁ ରାମଚନ୍ଦ୍ର ସେ ସଂପର୍କରେ ସୀତାଙ୍କୁ ଜଣାଇ ଥିଲେ।

# ଶକ୍ତିର ଗର୍ବ ଠିକ୍ ନୁହେଁ



ଶ୍ରୀକୃଷ୍ଣ କୁହନ୍ତି ଯେ ଆସୁରୀ ପ୍ରବୃତ୍ତି ବାଲା ବ୍ୟକ୍ତି ଚିନ୍ତା କରିଥାଏ,'ମୁଁ ଆଜି ଏହା ପ୍ରାପ୍ତ କରି ଦେଇଛି ଆଉ ଏବେ ଏହି ଇଚ୍ଛାକୁ ପୂରା କରିବି' । ଏସବୁ ମୋର ଅଟେ ଆଉ କାଲି ମୋତେ ଏହାଠୁ ଆହୁରି ଅଧିକ ମିଳିବ । ମୁଁ ଏହି ଶତ୍ରୁକୁ ମଧ୍ୟ ମାରି ଦେଇଛି ଆଉ ଅନ୍ୟ ଶତ୍ରୁମାନଙ୍କୁ ମଧ୍ୟ ମାରିଦେବି । ମୁଁ ମନୁଷ୍ୟରେ ଶାସକ ଅଟେ, ଭୋଗୀ ଅଟେ,ମୁଁ ପୂର୍ଣ୍ଣ ଶକ୍ତିଶାଳୀ ଆଉ ସୁଖୀ । ମୁଁ ଧନବାନ ଆଉ ଉଚ୍ଚ କୂଳର,ମୋର ସମାନ ଆଉ କିଏ ଅଛି ? ମୁଁ ତ୍ୟାଗ କରିବି,ଦାନ କରିବି, ମୁଁ ଆନନ୍ଦ ମନେଇବି । ଏହି ପ୍ରକାର ଆସୁରୀ ପ୍ରବୃତ୍ତି ବାଲା ବ୍ୟକ୍ତି ଅଜ୍ଞାନତାରୁ ମୋହିତ ହୋଇଯାଆନ୍ତି । ଆଜିର ଦୁନିଆରେ ଏହାକୁ ପ୍ରାୟତଃ ସଫଳତାରେ ବୁଝାଯାଏ । ଏହା ଅହଂକାରର ଭାଷା ଅଟେ ଯାହା ଅନ୍ୟମାନଙ୍କୁ ତୁଳନା କରିଲେ ପଲ୍ଲବିତ ହୋଇଯାଏ । ଆସୁରୀ ବ୍ୟକ୍ତି ଅହଂକାରରେ ଗ୍ରସିତ ହୋଇଥାଏ, ଯିଏ ଅନ୍ୟମାନଙ୍କ ତୁଳନାରେ ଅଧିକ ଧନ ଅର୍ଜିତ କରିବାରେ ସଫଳତା ମିଳିବା ପରେ ଶତ୍ରୁମାନଙ୍କୁ ପରାସ୍ତ କରି ଉନ୍ନତିର ଶିଖର ଉପରେ ପହଞ୍ଚିଲା ପରେ ଶାସକ ଭଳି ଅନୁଭବ କରିଥାଏ । ଏମିତି ହେଲା ପରେ ଅହଂକାରରେ ବୃଦ୍ଧି ହୋଇଥାଏ । ତୁଳନା ଇଚ୍ଛା ପ୍ରେରିତ କରିଥାଏ,ଯେଉଁଥିରେ ସଂଚୟ ଆଉ ଇନ୍ଦ୍ରିୟରେ ତୃପ୍ତିର ଇଚ୍ଛା ମଧ୍ୟ ସମ୍ମିଳିତ ଥାଏ । କିନ୍ତୁ ଇନ୍ଦ୍ରିୟର ତୃପ୍ତିର କୌଣସି ଅନ୍ତ ନାହିଁ । ଆଉ ଶ୍ରୀକୃଷ୍ଣ ଏହାକୁ ଅଜ୍ଞାନ ଜନିତ ମୋହ କହିଥାନ୍ତି । ଶ୍ରୀକୃଷ୍ଣ ଅଜ୍ଞାନକୁ ନାଶ କରିବା ପାଇଁ ଜ୍ଞାନର ହତିଆରକୁ ଉପଯୋଗ କରିବା ପାଇଁ କହିଥିଲେ ଆଉ କହିଥିଲେ କି ଏହି ସଂସାରରେ ଜ୍ଞାନରୁ ଅଧିକ ପବିତ୍ର କିଛି ବି ନାହିଁ । ସମୟ ଆସିଲା ପରେ,ଯିଏ ଯୋଗ ସିଦ୍ଧ କରିନେଇ ଥିବ ସେ ଏହାକୁ ସ୍ୱୟଂଠାରେ ପାଇ ଯାଇଥାଏ । ଏହାର ଚାବି ହେଲା ଧୈର୍ଯ୍ୟ ସହିତ ଶ୍ରଦ୍ଧା । ଆମର ବର୍ତ୍ତମାନ ସ୍ଥିତି ଯେଣିକି ଯାହା ହେଇଥାଉ,ଜ୍ଞାନ ଯୋଗର ଅଭ୍ୟାସରେ ଆମେ ଉପଯୁକ୍ତ ସମୟରେ ଜ୍ଞାନ ପ୍ରାପ୍ତ କରିପାରିବା । ସାର ଏହା କି ଯେତେବେଳେ ଆମେ ତୁଳନା କରିଥାନ୍ତି ଆଉ ନିଜକୁ ଅବଲୋକନ କରୁ। ଗୋଟିଏ ଭଲ ବିଦ୍ୟାର୍ଥୀର ପରି ଏହି ପ୍ରବୃତ୍ତିରେ ପ୍ରଶ୍ନ କରିବା,ଆଉ ଆମେ ସ୍ୱୟଂ ଆହୁରି ଭଲ ବନେଇ ଦେଇ ପାରିବା । ଶ୍ରୀକୃଷ୍ଣ ପ୍ରଥମେ ଆଶ୍ୱାସନା ଦେଇଥିଲେ କି ଅଭ୍ୟାସର ଛୋଟ ପ୍ରୟାସ ମଧ୍ୟ ପରିଣାମ ଦେଇଥାଏ ।

**ମନୋଜ କୁମାର ବେହେରା , ଭୁବନେଶ୍ୱର-୨୨, ମୋ- ୭୯୭୮୮୩୦୬୧୧**

# ରାମକଥା ପ୍ରଥମେ କିଏ କାହାକୁ ଶୁଣାଇଥିଲେ



ରାମଚରିତମାନସରେ ଉଲ୍ଲେଖ ରହିଛି ଯେ ସର୍ବପ୍ରଥମେ ଦେବୀ ପାର୍ବତୀଙ୍କୁ ଭଗବାନ ଶଙ୍କର ରାମକଥା ଶୁଣାଇଥିଲେ । ଏହି କଥାକୁ ଏକ କାଉ ଶୁଣି ନେଇଥିଲା । କାକଭୁଶୁଣ୍ଡି ରୂପରେ ସେହି କାଉର ପୁନର୍ଜନ୍ମ ହେଲା । କାକଭୁଶୁଣ୍ଡି ପୂର୍ବ ଜନ୍ମରେ ଭଗବାନ ଶଙ୍କରଙ୍କ ମୁଖରୁ ଶୁଣିଥିବା ରାମକଥା ସମ୍ପୂର୍ଣ୍ଣ ମନେ ରହିଥିଲା । ସେ ଏହି କଥା ନିଜ ଶିଷ୍ୟଙ୍କୁ ଶୁଣାଇଥିଲେ । ଏହିପରି ରାମ କଥାର ପ୍ରସାର ହୋଇଥିଲା । ଭଗବାନ ଶଙ୍କରଙ୍କ ମୁଖରୁ ବାହାରିଥିବା ଶ୍ରୀରାମଙ୍କ ଏହି ପବିତ୍ର କଥା 'ଆଧ୍ୟାତ୍ମ ରାମାୟଣ' ନାମରେ ବିଖ୍ୟାତ ହେଲା । ତେବେ ରାମାୟଣକୁ ନେଇ ଆଉ ଏକ ମତ ପ୍ରଚଳିତ ରହିଛି । ସର୍ବପ୍ରଥମେ ହନୁମାନଙ୍କ ଦ୍ୱାରା ରାମାୟଣ ଲେଖାଯାଇଥିଲା । ମହର୍ଷି ବାଲ୍ମିକୀ ସଂସ୍କୃତ ମହାକାବ୍ୟ 'ରାମାୟଣ' ରଚନା କରିଥିଲେ । ମହାକାବ୍ୟ ରାମାୟଣ ପରେ ଅନେକ ଭାଷାରେ ରାମାୟଣ ଲେଖାଯାଇଥିଲା । ହନୁମାନ ଏକ ଶୀଳା ବା ପଥର ଉପରେ ରାମାୟଣ ଲେଖିଥିଲେ ବୋଲି ବିଶ୍ୱାସ କରାଯାଏ । ମହର୍ଷି ବାଲ୍ମିକୀଙ୍କ ପୂର୍ବରୁ ଏହି ରାମାୟଣ ଲେଖାଯାଇଥିଲା । ଏହା ହନୁମନ୍ନାଟକ ନାମରେ ମଧ୍ୟ ପ୍ରସିଦ୍ଧ । ବର୍ତ୍ତମାନ ବିଶ୍ୱରେ ରାମାୟଣକୁ ନେଇ ବିଭିନ୍ନ ପ୍ରକାର ଗ୍ରନ୍ଥ ରହିଛି । ହଜାର ହଜାର ବର୍ଷ ଧରି ରାମାୟଣ ପ୍ରଚଳିତ ହୋଇ ଆସୁଛି । ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଭାଷାରେ ଏବଂ ପ୍ରକାରରେ ରାମାୟଣ ଲେଖାଯାଇଛି । କେତେକ ରାମାୟଣ କାହାଣୀରେ ଭିନ୍ନତା ପରିଲକ୍ଷିତ ହୋଇଥାଏ । ତେବେ ସବୁଥିରେ କେବଳ ଶ୍ରୀରାମଙ୍କୁ ଗୁରୁତ୍ୱ ଦିଆଯାଇ ରାମାୟଣ ରଚନା କରାଯାଇଛି । ତେବେ ମହର୍ଷି ବାଲ୍ମିକୀଙ୍କ ଦ୍ୱାରା ରଚିତ ସଂସ୍କୃତ ରାମାୟଣକୁ ସର୍ବପ୍ରାଚୀନ ରାମାୟଣ ବୋଲି ଗ୍ରହଣ କରାଯାଇଥାଏ । ସେଥିପାଇଁ ଏହାକୁ ଆଦି ରାମାୟଣ କୁହାଯାଏ । ବାଲ୍ମିକୀ ରାମାୟଣ ଏବଂ ଅନ୍ୟ ରାମାୟଣ ମଧ୍ୟରେ ପ୍ରଭେଦ ଦେଖିବାକୁ ମିଳିଥାଏ । ତଥ୍ୟ ଏବଂ ଘଟଣାବଳୀ ଆଧାରରେ ବାଲ୍ମିକୀ ରାମାୟଣ ରଚନା କରିଥିଲେ । ଅନ୍ୟପକ୍ଷରେ ଜନଶ୍ରୁତି ଆଧାରରେ ପରବର୍ତ୍ତୀ ରାମାୟଣ ରଚନା କରାଯାଇଥିବା ଜଣାଯାଏ । ଉଦାହରଣ ସ୍ୱରୂପ ଭାରତର କେତେକ ପ୍ରାନ୍ତରେ ଏକ ଜନଶ୍ରୁତି ରହିଛି ଯେ ଭଗବାନ ବୁଦ୍ଧ ନିଜ ପୂର୍ବ ଜନ୍ମର ବୃତ୍ତାନ୍ତ ଶିଷ୍ୟମାନଙ୍କୁ କହୁଥିବା ସମୟରେ ସେମାନଙ୍କୁ ରାମକଥା ଶୁଣାଇଥିଲେ । ବୁଦ୍ଧଙ୍କ ପରେ ଗୋସ୍ୱାମୀ ତୁଳସୀ ଦାସ ଶ୍ରୀରାମଚରିତ ମାନସ ଲେଖିଥିଲେ । ଏହା ଅୱଧୀ ଭାଷାରେ ଲେଖାଯାଇଥିଲା । ଠିକ୍ ସେହିପରି ଜନଶ୍ରୁତି ଆଧାରରେ ଦେଶର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ଭାଷାରେ ରାମାୟଣ ରଚନା କରାଯାଇଥିଲା । ଅନ୍ନାମୀ, ବାଳୀ, ବଙ୍ଗଳା, କାମ୍ବୋଡିଆ ଭାଷା, ଚୀନୀ, ଗୁଜରାଟୀ, ଜାବାଇ, କନ୍ନଡ଼, କାଶ୍ମିରୀ, ଖୋଟାନୀ, ଲାଓସୀ, ମାଲେସିଆୟୀ, ମରାଠି, ଓଡିଆ, ପ୍ରାକୃତ, ସଂସ୍କୃତ, ସାନ୍ତାଳୀ, ସିଂହଳୀ, ତାମିଲ, ତେଲୁଗୁ, ଥାଇ, ତୀବ୍‌ବତୀ, କାବୀ ଆଦି ଭାଷାରେ ରାମାୟଣ

# ଅଁଳାର ଉପକାରିତା

ବର୍ତ୍ତମାନ ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ରହିବା ପାଇଁ ସର୍ବଦା ଉଦ୍ୟମ କରୁଛନ୍ତି ।ତେବେ ବହୁ କ୍ଷେତ୍ରରେ ମେଦ ବହୁଳତା ସାଜିଛି ଚିନ୍ତାର ବିଷୟ । ଏପରି ଏକ ଚା'ବିଷୟରେ ଏଠାରେ ଏବେ ସୂଚନା ଦିଆଯାଇଛି ଯାହା ସୁସ୍ଥ ରଖିବା ସହ ଓଜନ କମାଇବାରେ ମଧ୍ୟ ସାହାଯ୍ୟ କରିବ । ଅଁଳା ଭିଟାମିନ୍, ମିନେରାଲ୍ସ ଏବଂ ପୋଷକ ତତ୍ତ୍ୱରେ ଭରପୁର । ଏହା ଖାଇବା ଦ୍ୱାରା ଅନେକ ଲାଭ ମିଳିଥାଏ । ପ୍ରତିଦିନ ସକାଳେ ଅଁଳା ଚା ପିଇବା ଦ୍ୱାରା ଶରୀରରୁ ଅନେକ ରୋଗ ଦୂର ହୋଇଥାଏ । ଏହା ପେଟ ସମସ୍ୟା ଦୂର କରିଥାଏ । ଏହାସହ ଓଜନ ମଧ୍ୟ ଶୀଘ୍ର ହ୍ରାସ କରିବାରେ ସାହାଯ୍ୟ କରିଥାଏ ।ଅଁଳାରେ ଅନେକ ପ୍ରକାରର ଭିଟାମିନ୍, ମିନେରାଲ୍ସ ଏବଂ ପୋଷକ ତତ୍ତ୍ୱ ରହିଛି । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟଗୁଡିକ ବହୁତ ଶକ୍ତିଶାଳୀ, ଯାହା ଚର୍ମ, ଆଖି ଏବଂ କେଶ ପାଇଁ ଲାଭଦାୟକ । ଅଁଳାରେ ଫାଇବର ମଧ୍ୟ ରହିଛି , ଯାହା ହଜମ ପ୍ରକ୍ରିୟାରେ ଉନ୍ନତି କରି ପେଟ ସମ୍ବନ୍ଧୀୟ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ । ଅଁଳା ଖାଇବା ଦ୍ୱାରା ଜଣେ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଅନୁଭବ କରେ ନାହିଁ ଏବଂ ଓଜନ ନିୟନ୍ତ୍ରଣରେ କରିବାରେ ସହଜ ହୋଇଥାଏ । ଅଁଳା ଚା ହଜମ ପ୍ରକ୍ରିୟାରେ ଉନ୍ନତି ଆଣିଥାଏ । ଏହା ବ୍ୟତୀତ ଅଁଳା ଶରୀରରେ ଜମା ହୋଇଥିବା ଚର୍ବିକୁ ହ୍ରାସ କରିଥାଏ । ଏଥିରୁ ମିଳୁଥିବା ଡାଏଟାରୀ ଫାଇବର ଓଜନ ପରିଚାଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।



## ବୟସ୍କମାନଙ୍କ ରୋଗ

# ପାର୍କିନସନ୍



ବର୍ତ୍ତମାନ ଦେଖିବା ରୋଗଟିର ପରିସଂଖ୍ୟାନକୁ। ପାର୍କିନସନ ଉପରେ ବିଶ୍ୱବ୍ୟାପୀ ଗବେଷଣା ଓ ଜନସଚେତନତା ସୃଷ୍ଟି କରୁଥିବା ଆମେରିକାର ସଂସ୍ଥା ପାର୍କିନସନ ଫାଉଣ୍ଡେସନ (Parkinson Foundation) ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, କେବଳ ଯୁକ୍ତରାଷ୍ଟ୍ରରେ ପ୍ରତିବର୍ଷ ୯୦,୦୦୦ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି ଏବଂ ୧.୧ ମିଲିଅନ ଲୋକ ବର୍ତ୍ତମାନ ସେଠାରେ ଏହି ରୋଗ ସହିତ ବଞ୍ଚିଛନ୍ତି। ସଂସ୍ଥା ଏହା ମଧ୍ୟ ଜଣାଇଛି ୨୦୩୦ ସୁଦ୍ଧା ପାର୍କିନସନ ସହ ବଞ୍ଚୁଥିବା ଲୋକଙ୍କ ସଂଖ୍ୟା, ଆମେରିକାରେ ୧.୧ ମିଲିଅନ୍ ରୁ ୧.୨ ମିଲିଅନକୁ ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ବର୍ତ୍ତମାନ ସମୟରେ ସ୍ନାୟୁକୋଷ ବିନଷ୍ଟକାରୀ ରୋଗ (Neurodegenerative disease) କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଛି ଆଲଝାଇମର (Alzheimer's Disease) ଓ ଦ୍ୱିତୀୟ ସ୍ଥାନରେ ଅଛି ପାର୍କିନସନ୍। ସମଗ୍ର ବିଶ୍ୱରେ ବର୍ତ୍ତମାନ ୧୦ ମିଲିଅନରୁ ଅଧିକ ଲୋକ ଏହି ରୋଗରେ ପୀଡ଼ିତ ଅଛନ୍ତି। ଭାରତ ସନ୍ଦର୍ଭରେ ଦେଖିଲେ ପ୍ରତି ଏକଲକ୍ଷ ଜନସଂଖ୍ୟାରେ ପାର୍କିନସନ ୧୫ ରୁ ୪୩ ଜଣ ଲୋକଙ୍କୁ ଆକ୍ରାନ୍ତ କରିଛି। ୨୦୩୦ ସୁଦ୍ଧା ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଚିନ୍ତାର ବିଷୟ ହେଉଛି କି, ଭାରତରେ ଏହି ରୋଗରେ ପ୍ରଭାବିତ ହେଉଥିବା ଲୋକମାନଙ୍କ ମଧ୍ୟରୁ ୪୦ ରୁ ୪୫ ପ୍ରତିଶତ ହେଉଛନ୍ତି ୨୨ ରୁ ୪୯ ବର୍ଷ ବୟସ ମଧ୍ୟରେ। ତେଣୁ ଯୁବବର୍ଗ ଏହି ରୋଗର ଶିକାର ହେଉଛନ୍ତି ବୋଲି ଆମେ କହିପାରିବା। ଡାକ୍ତରମାନେ ଏହା ଉପରେ ମତବ୍ୟକ୍ତ କରି କହିଛନ୍ତି ଯେ, କଳକାରଖାନାର ପ୍ରାବଲ୍ୟ, ବାୟୁ ପ୍ରଦୂଷଣ ଓ ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁଁ ଏହିପରି ଘଟୁଛି। ଆହୁରି ଉତ୍ତର ଭାରତରେ ଆନୁବଂଶିକ ଇତିହାସ (Genetic History), ମସ୍ତିଷ୍କଘାତ (Head Injury) ଥିବା ରୋଗୀ ଓ ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କୁ ଏହି ରୋଗ ବେଶୀ ଆକ୍ରାନ୍ତ କରୁଛି।

ଚିକିତ୍ସାକୁ ଆସିଲେ ଏହି ରୋଗରେ ମୁଖ୍ୟତଃ ଲିଭୋଡୋପା (Levodopa or L-dopa)କୁ ଔଷଧ ଭାବରେ ବ୍ୟବହାର କରାଯାଇଥାଏ। ଲିଭୋଡୋପାକୁ ଏହି ରୋଗର ଗୋଲ୍‌ଡ ଷ୍ଟାଣ୍ଡାର୍ଡ଼ ଔଷଧ ବୋଲି ମଧ୍ୟ କୁହାଯାଇଥାଏ। ଏହା ମସ୍ତିଷ୍କରେ ଡୋପାମିନକୁ ପରିବର୍ତ୍ତିତ ହୋଇ, ଏହାର ଅଭାବକୁ ପୂରଣ କରିଥାଏ। ଲିଭୋଡୋପାକୁ କିନ୍ତୁ ଗୋଟିଏ ଏନଜାଇମ୍ ବିଘଟନ କରି, ଏହାକୁ ମସ୍ତିଷ୍କ ବାହାରେ ଡୋପାମିନରେ ପରିଣତ କରିଥାଏ। ଏହାଦ୍ୱାରା ଶତପ୍ରତିଶତ ଲିଭୋଡୋପା ମସ୍ତିଷ୍କରେ ଏହାର କାର୍ଯ୍ୟ ସମ୍ପାଦନ କରିପାରିନଥାଏ। ଏହି ଏନଜାଇମ୍‌ର ନାମ ହେଉଛି "ଡୋପା ଡି କାରବୋକ୍‌ସିଲେଜ୍"। ଏହାକୁ ପ୍ରତିରୋଧ କରିବା ନିମନ୍ତେ ଲିଭୋଡୋପାକୁ "କାର୍ବିଡୋପା" ସାଙ୍ଗରେ ମିଶ୍ରିତ କରି ଦିଆଯାଇଥାଏ। କାର୍ବିଡୋପା ଉପରୋକ୍ତ ଏନଜାଇମଟିକୁ ପ୍ରତିରୋଧ କରି ମସ୍ତିଷ୍କରେ ଲିଭୋଡୋପାର ଉପସ୍ଥିତିକୁ ସୁନିଶ୍ଚିତ କରାଇଥାଏ। ପାର୍କିନସନ ବିଷୟରେ ମତବ୍ୟକ୍ତ କରି ଚେନ୍ନାଇର "ରିଲା ହସ୍ପିଟାଲ"ର ସ୍ନାୟୁ ବିଭାଗର ମୁଖ୍ୟ ଡାକ୍ତର ଏନ. ଦାମୋଦରନ୍ କହିଛନ୍ତି କି, ବିଗତ ଜନବର୍ଷକୁ ତୁଳନା କଲେ, ବର୍ତ୍ତମାନ ସମୟରେ ଏହି ରୋଗ ବିଷୟରେ ଜନସଚେତନାରେ ଯଥେଷ୍ଟ ବୃଦ୍ଧି ଘଟିଛି। ସେ କହିଛନ୍ତି କି, ପାର୍କିନସନରେ ଆକ୍ରାନ୍ତ ପ୍ରାୟ ରୋଗୀ, ରୋଗଟିର ପ୍ରାରମ୍ଭିକ ଲକ୍ଷଣକୁ ଗୁରୁତ୍ୱର ସହ ନିଅନ୍ତି ନାହିଁ। ହାତ କିମ୍ବା ଗୋଡ଼ ଥରିଲେ ସେମାନେ ଏହାକୁ ଭିଟାମିନ୍ ଅଭାବ ବା ସ୍ନାୟୁବିକ ଦୁର୍ବଳତା ବୋଲି ଧରିନେଇଥାନ୍ତି। ପରିଶେଷରେ ଡାକ୍ତରଙ୍କ ପାଖକୁ ଗଲାବେଳକୁ ରୋଗଟି ଜଟିଳ ଆକାର ଧାରଣ କରିସାରିଥାଏ। ଯଦିଓ "ଡିପ୍ ବ୍ରେନ-ଷ୍ଟିମୁଲେସନ୍" (DBS) ନାମକ ଏକ ଶଲ୍ୟ ଚିକିତ୍ସା, ଏହି ରୋଗ ପାଇଁ ଉପଲବ୍ଧ ଅଛି, ଏହାର ପରିସର କିନ୍ତୁ ଅତ୍ୟନ୍ତ ସୀମିତ। ବର୍ତ୍ତମାନ ସମୟରେ ପାର୍କିନସନ ରୋଗରେ ଆକ୍ରାନ୍ତ ବ୍ୟକ୍ତି ବିଶେଷ ଓ ତାଙ୍କର କେୟାର ଟେକରମାନ ନେଇ କ୍ଷୁଦ୍ର କ୍ଷୁଦ୍ର ସହଯୋଗ ଗୋଷ୍ଠୀମାନ କରାଯାଉଛି। ଏହି ଗୋଷ୍ଠୀ ଜରିଆରେ କେୟାର ଟେକରମାନଙ୍କୁ ରୋଗୀର ଯତ୍ନ ବିଷୟରେ ଶିକ୍ଷା ଓ ରୋଗୀମାନଙ୍କୁ ଫିଜିଓଥେରାପି ସାଇକୋଥେରାପି ଆଦି ପ୍ରଦାନ କରାଯାଉଛି। ଏହା ଏକ ଭଲ ପଦକ୍ଷେପ। ଏ ମଧ୍ୟରେ ଲଣ୍ଡନରୁ ବାହାରୁଥିବା ପୃଥିବୀ ପ୍ରସିଦ୍ଧ ବିଜ୍ଞାନ ପତ୍ରିକା "ନିଉ ସାଇଣ୍ଟିଷ୍ଟ" (New Scientist) ରେ ପାର୍କିନସନକୁ ନେଇ ଏକ ପ୍ରବନ୍ଧ ପ୍ରକାଶ ପାଇଛି। ଏହି ଆଲେଖ୍ୟଟି ରୋଗର ଏକ ସମ୍ଭାବ୍ୟ ଔଷଧ ସମ୍ପର୍କରେ। ଅଷ୍ଟ୍ରେଲିଆର ମେଲବୋର୍ଣ୍ଣସ୍ଥିତ "ସ୍ୱିନବର୍ଣ୍ଣ ବିଶ୍ୱବିଦ୍ୟାଳୟରେ" ବୈଜ୍ଞାନିକମାନେ ଏକ ପରୀକ୍ଷା କରିଥିଲେ ମୂଷାମାନଙ୍କୁ ନେଇ। ଗବେଷକମାନେ ମୂଷାମାନଙ୍କୁ "ଆଲଫା ସାଇନ୍ୟୁକ୍ଲିନ୍" ପ୍ରୋଟିନର କିଛି ଦ୍ରବଣକୁ ନିୟମିତ ଭାବରେ ନାକ ମାଧ୍ୟମରେ ଦେଲେ। ପୂର୍ବରୁ ଆମେ ଜାଣିଛେ ଯେ ଏହି ପ୍ରୋଟିନ ହିଁ ପାର୍କିନସନ କରାଇଥାଏ। ଫଳସ୍ୱରୂପ ମୂଷାମାନଙ୍କ ଦେହରେ ପାର୍କିନସନର ଲକ୍ଷଣ ଦେଖାଗଲା। ଏହାପରେ ଏହି ମୂଷାମାନଙ୍କୁ ଦୁଇଦଳରେ ବିଭକ୍ତ କରାଯାଇ, ଗୋଟିଏ ଦଳକୁ କମ୍ପାଉଣ୍ଡ- ଏକ୍ସ (Compound- x ଏହା ହିଁ ସମ୍ଭାବ୍ୟ ଔଷଧ) ଦିଆଗଲା। ଅନ୍ୟ ଦଳକୁ କୌଣସି ଔଷଧ ଦିଆଗଲା ନାହିଁ। କିଛି ଦିନ ପରେ ପରୀକ୍ଷାରୁ ଜଣାପଡ଼ିଲା ଯେ, ଯେଉଁ ଦଳଟି ଉପରୋକ୍ତ ଔଷଧ ପାଇଛନ୍ତି, ସେମାନେ ନ ପାଇଥିବା ଦଳଠାରୁ ଅପେକ୍ଷାକୃତ ସୁସ୍ଥ ଅଛନ୍ତି। ଏହି କମ୍ପାଉଣ୍ଡ- ଏକ୍ସ ଔଷଧଟି ସମ୍ପ୍ରତି ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେସନ୍‌ର ସ୍ୱୀକୃତି ପାଇଛି। ବୈଜ୍ଞାନିକମାନେ ଦାବି କରୁଛନ୍ତି କି, ଏହି ଔଷଧଟିର ମୁଖ୍ୟକାମ ହେଉଛି ମସ୍ତିଷ୍କରୁ ବର୍ଜ୍ୟବସ୍ତୁର ନିଷ୍କାସନ କରିବା। ଯେହେତୁ ଔଷଧକୁ ନେଇ ଆଉ କିଛି ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ରହିଛି, ତେଣୁ ଏହାର ପୂର୍ଣ୍ଣାଙ୍ଗ ନାମକରଣ ଏପର୍ଯ୍ୟନ୍ତ କରାଯାଇନାହିଁ। ଆଗାମୀ ସମୟରେ ଏହି ଔଷଧ ପାର୍କିନସନ ରୋଗୀମାନଙ୍କ ପାଇଁ ଏକ ଆଲୋକବର୍ତ୍ତିକା ହେବ ବୋଲି ଆଶା କରାଯାଉଛି। **(ଅନ୍ତିମ ଭାଗ)**



*ଡାକ୍ତର ରାଜକିଶୋର ପଣ୍ଡା*
*ଭୁବନେଶ୍ୱର*
*ମୋ- ୮୧୪୪୦୪୨୯୯୭*

# ଗ୍ରାମାଞ୍ଚଳ ପ୍ରତିଭାଙ୍କୁ ଆଗକୁ ନେବା ପାଇଁ ଗୁରୁତ୍ୱ



ନିମାପଡ଼ା,(ନି.ପ୍ର.): ନିମାପଡ଼ାର ଅନ୍ୟତମ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଶୀ ବିକାଶ ପରିଷଦର ୨୧ତମ ବାର୍ଷିକ ଉତ୍ସବ ଏବଂ ସାଂସ୍କୃତିକ ସମାରୋହ ଗତ ରବିବାର ଦିନ ସହୀଦ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଅଧକ୍ଷ ତଥା ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ରାୟମହାପାତ୍ର, ଡ଼ଃ ପ୍ରଭାତ ମିଶ୍ର, ଅବସରପ୍ରାପ୍ତ ପ୍ରାଧାପକ ଲକ୍ଷ୍ମୀଧର ପଣ୍ଡା, ଡ଼ଃ ରବୀନ୍ଦ୍ର ନାଥ ପାଢ଼ୀ, ଅଧାପକ ଅରବିନ୍ଦ ସ୍ୱାଇଁ, ଅନୁଷ୍ଠାନ ଉପ-ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ସଂପାଦକ ରବି ନାରାୟଣ ଛାଟୋଇ, ସଂଗୀତଜ୍ଞ ଭରତ ସାହୁ, ସଂଗଠକ ବିଶ୍ୱମ୍ଭର ସାହୁ, ନିରନ ରଥ, ବାହାଦୁର ବଳବନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳ ପ୍ରତିଭାକୁ ବିକଶିତ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମକୁ ସାକାର କରିବା ନିମନ୍ତେ ଆୟୋଜକଙ୍କୁ ମାର୍ଗ ଦର୍ଶନ କରିଥିଲେ । ଉପ-ସଭାପତି ଶ୍ରୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶ୍ୱମ୍ଭର ସାହୁ ବିବରଣୀ ପାଠ କରି ଅନୁଷ୍ଠାନକୁ ଆଗେଇ ନେବା ପାଇଁ କଳାକାରଙ୍କ ସହଯୋଗ ଲୋଡ଼ି ଥିଲେ ।

# ମାଟି ତଳୁ ଉଦ୍ଧାର ହେଲେ ଗଙ୍ଗସମୟର ପ୍ରାଚୀନ ବରାହ ବିଗ୍ରହ

କଟକ(ନିପ୍ର): ବିଧର୍ମୀଙ୍କ ଆକ୍ରମଣରୁ ଲୁଚାଯାଇଥିଲା ପ୍ରାଚୀନ ବିଗ୍ରହ, ଯାହାକୁ ଏବେ ଐତିହ୍ୟପ୍ରେମୀମାନେ ମାଟିତଳୁ ଖୋଳି ଉଦ୍ଧାର କରିଛନ୍ତି। କଟକ ଜିଲ୍ଲା ସାଲେପୁର ତହସିଲ ଅନ୍ତର୍ଗତ ପୂର୍ବକଚ୍ଛ ଗ୍ରାମ ଧାନଗହୀର ମଧ୍ୟସ୍ଥ ଏକ ମାଟିକୁଦ ମଧ୍ୟରୁ ମିଳିଛି ଓଡ଼ିଶାରେ ଗଙ୍ଗଶାସନ ସମୟର ଏକ ପୁରାତନ ବରାହଙ୍କ ପ୍ରସ୍ତର ମୂର୍ତ୍ତି। ପୂର୍ବକଚ୍ଛ ଗ୍ରାମର ଚନ୍ଦନ ପୁଷ୍କରିଣୀ ଠାରୁ ଅନତି ଦୂରରେ ଥିବା ଏହି ମାଟି କୁଦଟିରେ ବଣଲତା ମଧ୍ୟରେ ଏହି ମୂର୍ତ୍ତିଟିର ମସ୍ତକର କିଛି ଅଂଶ ସ୍ଥାନୀୟ ଐତିହ୍ୟପ୍ରେମୀ ବିଶ୍ୱଜିତ ସିଂହ ଦେଖିବାକୁ ପାଇଥିଲେ । ପରେ ସେ ଏ ସମ୍ପର୍କରେ ରେଡ଼ିସ୍କବାର ଲଷ୍ଟ ହେରିଟେଜ ଟ୍ରଷ୍ଟ (ଆରଏଲଏଚଟି )ର ସଦସ୍ୟ ନୃପତି ନିହାର ସିଅଳଙ୍କୁ ସୂଚନା ପ୍ରଦାନ କରିଥିଲେ। ଗତକାଲି ଟ୍ରଷ୍ଟର ଏକ ଐତିହ୍ୟ ଅନୁସନ୍ଧାନକାରୀ ଦଳ ପୂର୍ବକଚ୍ଛ ଗସ୍ତ କରି ସ୍ଥାନୀୟ ଐତିହ୍ୟପ୍ରେମୀମାନଙ୍କ ସହଯୋଗରେ ଏହି ପ୍ରାଚୀନ ଐତିହ୍ୟଟିକୁ ଖୋଳି ବାହାର କରିଥିଲେ। ବର୍ତ୍ତମାନ ମୂର୍ତ୍ତିଟିକୁ ପୂର୍ବକଚ୍ଛ କପିଳେଶ୍ୱର ମହାଦେବଙ୍କ ମନ୍ଦିରରେ ସୁରକ୍ଷିତ ଭାବରେ ସ୍ଥାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନୃପତି



ନିହାର ସିଅଳ, ଆଶୁତୋଷ ଆଚାର୍ଯ୍ୟ, ଦୁର୍ଗାପ୍ରସାଦ ନାୟକ, ବରଦା ପ୍ରସାଦ ଜେନା, ବିଶ୍ୱଜିତ ସିଂହ ଓ ଦୀପକ କୁମାର ନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଅନେକ ଐତିହ୍ୟପ୍ରେମୀ ଯୋଗଦାନ କରିଥିଲେ।ଏହି ଐତିହାସିକ ଆବିଷ୍କାର ସମ୍ପର୍କରେ ଅଧିକ ତଥ୍ୟ ରଖି ଟ୍ରଷ୍ଟର ସଦସ୍ୟ ନୃପତି ନିହାର ଶିଅଳ କହିଛନ୍ତି ଯେ ପ୍ରାୟ ୩ ଫୁଟ ଉଚ୍ଚତା ବିଶିଷ୍ଟ ଏହି ବରାହଙ୍କ ବିଗ୍ରହଟିର କେବଳ ମୁଖର କିଛି ଅଂଶ ଭୂମି ଉପରକୁ ଦୃଷ୍ଟିମାନ ହେଉଥିଲା । ଐତିହ୍ୟପ୍ରେମୀମାନେ ସମ୍ପୂର୍ଣ୍ଣ ମୂର୍ତ୍ତିଟିକୁ ମାଟି ଖୋଳି ବାହାର କରିଥିଲେ। ଗଠନଶୈଳୀ ଦୃଷ୍ଟିରୁ ଏହା ପୂର୍ବଗଙ୍ଗବଂଶୀମାନଙ୍କ ରାଜୁତି ସମୟରେ ନିର୍ମିତ ହୋଇଥିବାର ସମ୍ଭାବନା ରହିଛି। ମୂର୍ତ୍ତିଟିର କିଛି ଅଂଶ ଅନେକ ବର୍ଷ ମାଟିତଳେ ଅସୁରକ୍ଷିତ ଅବସ୍ଥାରେ ରହିବାରୁ କ୍ଷୟପ୍ରାପ୍ତ ହୋଇଛି। ପୂର୍ବକଚ୍ଛର ପ୍ରାଚୀନ ଲକ୍ଷ୍ମୀ ନୃସିଂହମନ୍ଦିର ବିଧର୍ମୀ କଳାପାହାଡ଼ ଆକ୍ରମଣ କରି ଭାଙ୍ଗିଦେଇଥିବାର ଜନଶ୍ରୁତି ରହିଛି। ହୁଏତ ସେହି ସମୟରେ ଦେବତାମାନଙ୍କ ବିଗ୍ରହ ସବୁକୁ ଆକ୍ରମଣରୁ ରକ୍ଷା କରିବା ନିମନ୍ତେ ବିଭିନ୍ନ ସ୍ଥାନରେ ଲୁଚାଇ ରଖାଯାଇଥିଲା। ଏହାର ପ୍ରମାଣ ସ୍ୱରୂପ ଆଜି ମଧ୍ୟ ପୂର୍ବକଚ୍ଛ ଚନ୍ଦନ ପୋଖରୀ ମଧ୍ୟରେ ଲକ୍ଷ୍ମୀନୃସିଂହଙ୍କ ଏକ ବିଶାଳ କମନୀୟ ମୂର୍ତ୍ତି ବୁଡି ରହିଛନ୍ତି। କିଛି ବର୍ଷ ତଳେ ଚନ୍ଦନପୋଖରୀର ପାଣି ଶୁଖିଯାଇଥିବା ସମୟରେ ଏହି ମୂର୍ତ୍ତିଟି ଦୃଷ୍ଟିଗୋଚର ହୋଇଥିଲା। ଏହାହିଁ ପୂର୍ବକଚ୍ଛ ଲକ୍ଷ୍ମୀ ନୃସିଂହ ମନ୍ଦିରର ପ୍ରକୃତ ସର୍ବପୁରାତନ ବିଗ୍ରହ ହୋଇପାରେ ତଥା ମାଟିକୁଦରୁ ମିଳିଥିବା ବରାହ ମୂର୍ତ୍ତିଟି ସେହି ପୁରାତନ ମନ୍ଦିରର ପାର୍ଶ୍ୱଦେବତା ହୋଇପାରନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଐତିହ୍ୟ ଅନୁସନ୍ଧାନରେ ଅଂଶଗ୍ରହଣ କରିଥିବା ଐତିହ୍ୟ ଗବେଷକ ତଥା ଟ୍ରଷ୍ଟର ପ୍ରତିଷ୍ଠାତା ସଦସ୍ୟ ଦୀପକ କୁମାର ନାୟକ କହିଛନ୍ତି ଯେ ଓଡ଼ିଶାର ପ୍ରାକ୍ତନ ରାଜଧାନୀ ଐତିହାସିକ କଟକ ସହରଠାରୁ ଅନତି ଦୂରରେ ଅବସ୍ଥିତ ସାଲେପୁର ଅଞ୍ଚଳଟି ପ୍ରାଚୀନ ପ୍ରନ୍ତାତ୍ତ୍ୱିକ ଐତିହ୍ୟରେ ପରିପୂର୍ଣ୍ଣ। କଟକରେ ଗଙ୍ଗବଂଶୀ ତଥା ସୂର୍ଯ୍ୟବଂଶୀ ଶାସନ କାଳରେ ଏହି ଅଞ୍ଚଳରେ ଅନେକ ନୃସିଂହ ମନ୍ଦିରମାନ ପ୍ରତିଷ୍ଠା ହୋଇଥିବାର ପ୍ରମାଣ ମିଳେ। ଏହି କ୍ରମରେ ସାଲେପୁର ଅଞ୍ଚଳର ଲୁଣହରା, ପୁରୁଷୋତ୍ତମପୁର, କିଶିନାପୁର, ତରିତୋ ଆଦି ଅଞ୍ଚଳର ନୃସିଂହପୀଠ ସବୁ ଉଲ୍ଲେଖଯୋଗ୍ୟ।

## ଚୋରି ବୃଦ୍ଧି ନେଇ ଅସନ୍ତୋଷ

# ରଡ଼ ସିମେଣ୍ଟ, ମଟର ପମ୍ପ ଲୁଟ

ନିମାପଡ଼ା, (ନି.ପ୍ର.): ନିମାପଡ଼ା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଲଗାତାର ଚୋରୀ ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉ ଥିବାରୁ ପୋଲିସ କାର୍ଯ୍ୟକଳାପ ପ୍ରତି ଜନ ଅସନ୍ତୋଷ ବୃଦ୍ଧି ପାଉଛି । ଖେଲାର ନିକଟସ୍ଥ ବସନ୍ତ କୁମାର ଜେନାଙ୍କ ନିର୍ମାଣାଧୀନ ଷ୍ଟୋର ରମରୁ ତାଲା ଭାଙ୍ଗି ୩ କ୍ୱିଣ୍ଟାଲ ରଡ଼, ୨୦ ବସ୍ତା ସିମେଣ୍ଟ, ପାଣି ପମ୍ପ-୨ ଆଦି ଅନେକ ସାମଗ୍ରୀ ଚୋରୀ ହୋଇଯାଇଛି । ନିର୍ମାଣାଧୀନ ଗୃହ ନିକଟରେ ସଦାସର୍ବଦା ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡା ଜମୁ ଥିବା ବେଳେ ପୋଲିସ ନୀରବଦ୍ରଷ୍ଟା ସାଜିବା ନେଇ ପ୍ରବଳ ଜନ ଅସନ୍ତୋଷ ଦେଖାଦେଇଛି । ଗତ ୨ ମାସ ତଳେ ଖେଲାର ହନୁମାନ ମନ୍ଦିର ହୁଣ୍ଡି ଭାଙ୍ଗି ନଗଦ ଟଙ୍କା ସହ ଆସବାବପତ୍ର ଲୁଟ୍ ହୋଇଥିଲେ ମଧ୍ୟ ପୋଲିସ କାହାରିକୁ ଗିରଫ କରି ନଥିବା ଉଲ୍ଲେଖଯୋଗ୍ୟ ।

# ଦମକଳ କେନ୍ଦ୍ରର କ୍ୱାଟର କାମ ଅଧାପନ୍ତରିଆ, କର୍ମଚାରୀ ହନ୍ତସନ୍ତ

ଶେରଗଡ଼(ନିପ୍ର): ଶେରଗଡ଼ ନିକଟସ୍ଥ କାନସା ସ୍ଥିତ ଦମକଳ କେନ୍ଦ୍ର ରହିଛି ।ସେହି କେନ୍ଦ୍ର ୫୦ ଲକ୍ଷ ଟଙ୍କା ବ୍ୟୟରେ କୋଠା ନିର୍ମାଣ ଚାଲିଛି। ଉକ୍ତ କୋଠା ନିର୍ମାଣ ଅଧା ପନ୍ତରିଆ ପଡ଼ି ରହିଛି ।୨ମାସ ହେଲା କାମ ବନ୍ଦ ରହିଛି ।କାମ ଯେଉଁ ମାନେ କରୁଥିଲେ ସେମାନେ କାମ ବନ୍ଦ କରି ଦେଇଛନ୍ତି। କର୍ମଚାରୀ ମାନେ ରହିବା ପାଇଁ କ୍ୱାଟରର ନିହାତି ଆବଶ୍ୟକ ଥିବା ବେଳେ ଠିକାଦାର କାମ ବିଳମ୍ବ ଯୋଗୁଁ କର୍ମଚାରୀ ମାନେ ହନ୍ତସନ୍ତ ହେଉଛନ୍ତି ।ଏଣୁ ନିର୍ମାଣଧୀନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଉଛି।

# କୁଲାଗଡ଼ ପଞ୍ଚାୟତରେ ୩୨ ଅଭିଯୋଗ ଶୁଣିଲେ ବିଡ଼ିଓ

ଶେରଗଡ଼(ନିପ୍ର): ଶେରଗଡ଼ ବ୍ଲକ କୁଲାଗଡ଼ ପଞ୍ଚାୟତ ଆଜି ଥିଲା ଅଭିଯୋଗ ଶୁଣାଣୀ ।ବିଡ଼ିଓ ତୃପ୍ତିମୟୀ ଜେନା ଉପସ୍ଥିତ ରହି ୩୨ ଟି ଅଭିଯୋଗ ଶୁଣିଥିଲେ ।୩୨ ଟି ଅଭିଯୋଗ ମଧ୍ୟରେ ରାସନକାର୍ଡ ପାଇଁ ୨୪ ଟି , ଭତ୍ତା ପାଇଁ ୫ ଟି, ଆବାସ ଯୋଜନା ପାଇଁ ୩ଟି ଆସିଥିଲା। ସମାଧାନ ନିମନ୍ତେ ନିଜ ନିଜ ବିଭାଗ କୁ ପଠାଇ ଦେଇଛନ୍ତି। ଅଧିକାରୀ ମାନଙ୍କ ମଧ୍ୟରେ ସିଡ଼ିପିଓ ମମତାଞ୍ଜଳୀ ପଣ୍ଡା, ଅତିରିକ୍ତ ତହସିଲଦାର ଲକ୍ଷ୍ମୀପ୍ରିୟା ନାୟକ,ଏବିଡିଓ ନିରାକାର ଜେନା, ନାଳନର୍ଦ୍ଦମା ସହକାରୀ ଯନ୍ତ୍ରୀ ବେଣୁ ଗୋପାଳ ବେହେରା,ଏବିଇଓ ଦିବାକର ଗମାଙ୍ଗ ଉପସ୍ଥିତ ଥିବାବେଳେ କୃଷି, ପୂର୍ତ୍ତ ବିଭାଗ, ଗ୍ରାମ୍ୟଉନ୍ନୟନ, ବିଦ୍ୟୁତ, ଜଳପରିମଳ, ଜଳସେଚନ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଯୋଗଦେଇ ଥିଲେ। ଗ୍ରାମ ସେବକ ଅଭିମନ୍ୟୁ ସାହୁ , ସରପଞ୍ଚ ତୁଳସୀ ବେହେରା, ସରପଞ୍ଚ ଙ୍କ ପ୍ରତିନିଧି ବୃନ୍ଦାବନ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ସାନ କାଇଁଚପୁର ଗ୍ରାମରେ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ



ରମ୍ଭା :(ନିପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ କାଇଁଚପୁର ଗ୍ରାମରେ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ଅତି ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି । କିଟ୍, କିସ, କିମ୍ସ ଓ କଳିଙ୍ଗ ଟିଭିର ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଗତ ୨୦୧୩ ମସିହାରୁ ପ୍ରତିଷ୍ଠା ହୋଇଥିବା ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ୧୩ ବର୍ଷ ଧରି ବିଭିନ୍ନ ଥିମ ଅନୁସାରେ କାର୍ଯ୍ୟ କରୁଥିବା ବେଳେ ଚଳିତ ବର୍ଷ ସେର ଟୁ ସାଇନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର କିଟ ୟୁନିଭରସିଟି ର ଡେପୁଟି ଡେଭଲପମେଣ୍ଟ ଛାୟାକାନ୍ତ ପଟ୍ଟନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କିଟ ୟୁନିଭରସିଟିର କର୍ମଚାରୀ ହେମନ୍ତ କୁମାର ବେହେରାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ପରିଷଦର ୧୫ ନମ୍ବର ଜୋନ ସଭ୍ୟ ସନାତନ ବେହେରା, ସମାଜସେବୀ ପୁର୍ନେନ୍ଦୁ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସାନ କାଇଁଚପୁର ଗ୍ରାମର ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହିତ ଭଲିବଲ ଓ ନେଟ ପ୍ରଦାନ କରିଥିଲେ। ପରେ ଖେଳାଳୀ ମାନଙ୍କୁ ନେଇ ଭଲିବଲ ଖେଳ ଆୟୋଜନ କରାଯାଇଥିଲା । ଏହା ସହିତ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ଏଭଳି ପଦକ୍ଷେପକୁ ଅତିଥି ଓ ଖେଳାଳୀ ମାନେ ଭୁରି ଭୁରି ପ୍ରଶଂସା କରିଥିଲେ ।ଏହି ଭଲିବଲ ଟୁର୍ନାମେଣ୍ଟରେ କୁନା ବେହେରା, ତ୍ରିପତି ରେଡ୍ଡୀଙ୍କ ସମେତ ବହୁ ଖେଳାଳୀ ମାନେ ସାମିଲ ଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ଅପିଲ୍‌ର ପ୍ରଭାବ

# ସାଇକେଲ୍‌ରେ ହାଇକୋର୍ଟ ଗଲେ ୩ ବିଚାରପତି




କଟକ,(ନିପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇନ୍ଧନ ସଞ୍ଚୟ କରିବା ଅପିଲ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡିଛି ଓଡ଼ିଶା ଉପରେ । ଓଡ଼ିଶା ହାଇକୋର୍ଟର ୩ ବିଚାରପତି ସାଇକେଲରେ କୋର୍ଟକୁ ଯାଇଛନ୍ତି । ବିଚାରପତି ସାବିତ୍ରୀ ରଥ, ବିଚାରପତି ଭି ନରସିଂହ ଓ ବିଚାରପତି ଏସ୍. ଏସ୍ ମିଶ୍ର ସାଇକେଲରେ କୋର୍ଟକୁ ଯାଇଥିବା ଦେଖିବାକୁ ମିଳିଛି । ପେଟ୍ରୋଲ ଏବଂ ଡିଜେଲ ସଞ୍ଚୟ କରିବାର ବାର୍ତ୍ତା ନେଇ ସଚେତନତା ସୃଷ୍ଟି କରିବା ପାଇଁ ଏହି ବିଚାରପତି ମାନେ ସାଇକେଲରେ କୋର୍ଟକୁ ଯାଇଛନ୍ତି ।କିଛି ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପେଟ୍ରୋଲ ଓ ଡିଜେଲ ବ୍ୟବହାର କମାଇବା ସହ ପରିବେଶ ସନ୍ତୁଳନ ରକ୍ଷା ପାଇଁ ଆହ୍ୱାନ ଦେଇଥିଲେ । ସେଇ ଆଧାରରେ ଓଡ଼ିଶା ହାଇକୋର୍ଟର ଏହି ତିନି ଜଣ ବିଚାରପତି ସାଇକେଲରେ ଯାତ୍ରା କରିଛନ୍ତି । ଏମାନେ ଜୁଡିସିଆଲ ଏକାଡେମୀ ନିକଟରୁ ବାହାରି ହାଇକୋର୍ଟକୁ ସାଇକେଲ ଯୋଗେ ଯାଇଥିଲେ । ଯଦିଓ ସେମାନଙ୍କ ସାଙ୍ଗରେ ପିଏସ୍‌ଓ ଥିଲେ ହେଲେ ସେଭଳି କୌଣସି ଏସ୍କର୍ଟ କି ଅଧିକ ପୋଲିସ ନଥିବା ଦେଖିବାକୁ ମିଳିଥିଲା । ଉଲ୍ଲେଖଯୋଗ୍ୟ ଯେ, ପଶ୍ଚିମ ଏସିଆରେ ତୈଳ ସଙ୍କଟକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନସାଧାରଣ ମାନଙ୍କୁ ଇନ୍ଧନ ସଞ୍ଚୟ କରିବାକୁ ଅପିଲ୍ କରିଥିଲେ । ଜନସାଧାରଣଙ୍କୁ ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ହ୍ରାସ କରିବାକୁ, ଘରୁ କାମ କରିବାକୁ ଏବଂ ଆବଶ୍ୟକ ନଥିଲେ ବିଦେଶ ଯାତ୍ରା ନକରିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଥିଲେ । ଏମିତିକି ଗୋଟିଏ ବର୍ଷ ପାଇଁ ସୁନା ନକିବାକୁ ମଧ୍ୟ ଅନୁରୋଧ କରିଥିଲେ । ପ୍ରଧାନମନ୍ତ୍ରୀ ନିଜେ ତାଙ୍କ ଅପିଲ୍‌କୁ ପାଳନ କରିବାକୁ ଯାଇ ନିଜ କନଭୟକୁ ୫୦% ହ୍ରାସ କରିଛନ୍ତି । ତାଙ୍କ ସରକାରୀ କନ୍‌ଭୟରେ ଯାନବାହାନ ସଂଖ୍ୟା ଯଥେଷ୍ଟ ସୀମିତ ହୋଇଥିବା ଜଣାପଡିଛି ।

# ଧର୍ମପରାୟଣ ବୃଦ୍ଧାଙ୍କ ବିୟୋଗ

ମାର୍ଶାଘାଇ,( ନି.ପ୍ର) ବ୍ଲକ ଦଶିପୁର ଗ୍ରାମର ଧର୍ମପରାୟଣ ବୃଦ୍ଧା ଓଶି ବେୱା ଙ୍କ ୧୦୦ ବର୍ଷ ବୟସରେ ଆରପାରିକୁ ଚାଲିଯାଇଛନ୍ତି । ଏହି ଦୁଃଖଦ ସମୟରେ ଗ୍ରାମର ତଥା ପଞ୍ଚାୟତର ଶୋକାକୁଳ ପରିସ୍ଥିତି ଦେଖିବାକୁ ମିଳିଛି। ପରିବାରର ସମସ୍ତଙ୍କୁ ଛାଡି ଆରପାରିରେ,ବଡ ପୁତ୍ର ରାଜ କିଶୋର ଦାଶ, ମୁଖାଗ୍ନି ଦେଇଥିବା ବେଳେ ପାଖରେ ପୁତ୍ର ରବିନ୍ଦ୍ର ଦାଶ, କବିନ୍ଦ୍ର ଦାଶ, ୩ ଝିଅ ବିଦ୍ୟୁତ ପ୍ରଭା,ଲିଲିବାଳା ଚିତ୍ରରେଖା ଙ୍କ ସହିତ ନାତି ସରପଞ୍ଚ ବିକ୍ରମ କେଶରୀ ଦାଶ, ସାମ୍ବାଦିକ ସୂର୍ଯ୍ୟ କାନ୍ତ ଦାଶ, ସୁବ୍ରତ ଦାଶ,ସୁନିଲ ଦାଶ,ସୈମ୍ୟା ଶୋଭନ ରଥ, ଦେବାଶିଷ ବ୍ରହ୍ମା, ସଂଗ୍ରାମ ଦାଶ, ଦୁର୍ଗା ପଦ ଦାଶ,ତାରା ପଦ ଦାଶ, ଅରବିନ୍ଦ ଦାଶ,ଙ୍କ ସମେତ ସମସ୍ତ ନାତି ଅଣନାତି ଅଭିଷେକ ଦାଶ,ଜ୍ୱାଇଁ ରାଧା ରମଣ କର, ପ୍ରମୋଦ ରଥ,ଶରତ ବ୍ରହ୍ମା ଏବଂ ପରିବାର ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ଗାଁ ଶ୍ମଶାନରେ ଶେଷ କୃତ ସମ୍ପର୍ଣ୍ଣ ହୋଇଛି ।

# ବରିଷ୍ଠ ନାଗରିକ ମହାସଂଘକୁ ସମାଜସେବୀ ଧୀରେନ୍ଦ୍ର ସାହୁଙ୍କ ଆମ୍ବୁଲାନ୍ସ ଦାନ

ଭଦ୍ରକ,(ନିପ୍ର): ସମାଜସେବୀ ତିହିଡି ଅଞ୍ଚଳର ଧୀରେନ୍ଦ୍ର କୁମାର ସାହୁ (ବାବି) ଆଜି ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ଉଦ୍ଦେଶ୍ୟରେ ଏକ ଆମ୍ବୁଲାନ୍ସ ଉତ୍ସର୍ଗ କରିଥିଲେ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଡଃ ଦିଲୀପ ରାଉତରାଏ ଆମ୍ବୁଲାନ୍ସ ସେବା ଉଦ୍‌ଘାଟନ କରିଛନ୍ତି। ବାବି ବାବୁଙ୍କ ଏହି ମହତ୍ ଉଦ୍ଦେଶ୍ୟକୁ ଜିଲାପାଳ ପ୍ରସଂଶା କରିବା ସହ ଆମ୍ବୁଲାନ୍ସ ସେବାର ସୁବିନିଯୋଗ କାମନା କରିଥିଲେ। ଏହି ଅବସରରେ ଜିଲାପାଳ ଡଃ ରାଉତରାଏ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟପକ୍ଷରେ ସମାଜସେବୀ ଶ୍ରୀ ସାହୁ କହିଲେ ଯେ ପିତାମାତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ମୋର ସମାଜସେବା ପ୍ରତି ଆଗ୍ରହ ପ୍ରକାଶ ପାଇଛି। ବରିଷ୍ଠ ନାଗରିକମାନଙ୍କ ଆଶୀର୍ବାଦ ମୋ ପ୍ରତି ରହିଲେ ଆହୁରି ଆଗକୁ ବଢିଚାଲିବି ବୋଲି ସେ କହିଥିଲେ। ଏହାବ୍ୟତୀତ ଆସନ୍ତା ଦିନରେ ଜିଲାର ୭ଟି ବ୍ଲକ୍‌କୁ ଏଭଳି ଆମ୍ବୁଲାନ୍ସ ସେବା ଯୋଗାଇଦେବାକୁ ମୁଁ ନିଷ୍ପତି ନେଇଛି।

# ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,(ନିପ୍ର): ପ୍ରକୃତ ମଣିଷଟିଏ ମୃତ୍ୟୁ ପର୍ଯ୍ୟନ୍ତ ଜ୍ଞାନ ଆହୋରଣ କରିଥାଏ। ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛନ୍ତି ଭଦ୍ରକ ଜିଲାପାଳ। ପ୍ରଶାସନିକ ବ୍ୟବସ୍ଥାର ଗୁରୁଦାୟିତ୍ୱ ତୁଲାଇ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇତିହାସରେ ଏବେ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ସମସ୍ତ ଚାପ ରହିବା ସତ୍ତ୍ୱେ ଜ୍ଞାନ ଆହୋରଣ ପ୍ରତି ଆଗ୍ରହ ତାଙ୍କୁ ଏହି ସଫଳତାର ଶୀର୍ଷରେ ପହଂଚାଇଛି। ତାଙ୍କର ଏହି ସଫଳତା ଯୁବ ପିଢିଙ୍କ ପାଇଁ ଏକ ବାର୍ତା। ପରିସ୍ଥିତି ଯେତେ ଜଟିଳ ହେଉନା କାହିଁକି, ଇଚ୍ଛାଶକ୍ତି ଅଧାବସାୟ ଥିଲେ ସ୍ୱପ୍ନ ସାକାର ହୁଏ ବୋଲି ଆଜି ଭଦ୍ରକ ଜିଲା ବରିଷ୍ଠ ନାଗରିକ ମହାସଂଘ ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମତ ପ୍ରକାଶ ପାଇଛି। ଜିଲାପାଳ ଡଃ ଦିଲୀପ ରାଉତରାଏ ଡକ୍ଟୋରେଟ୍ ଉପାଧି ପାଇବା ପରେ ଆଜି ସଦ୍‌ଭାବନା ଗୃହରେ ମହାସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କମ୍ପ୍ୟୁଟର ଏଜୁକେସନର ଅଷ୍ଟମ ବାର୍ଷିକ ଉତ୍ସବ

ରମ୍ଭା (ନିପ୍ର): ଶାମସଫ୍ଟ କମ୍ପ୍ୟୁଟର ଏଜୁକେସନର ଅଷ୍ଟମ ବାର୍ଷିକ ଉତ୍ସବ ଖଲ୍ଲିକୋଟ ସ୍ଥିତ ନୃସିଂହ ନାଥ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ଯୋଗ ଦେଇଥିବା ବେଳେ ଅଧାପିକା ଜ୍ୟୋସ୍ନା ରାଣୀ ପ୍ରଧାନ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ କେଶପୁର ମହାବିଦ୍ୟାଳୟ ଅଧକ୍ଷ ଅଶୋକ କୁମାର ପଲେଇ,ଅଧାପକ ଡ଼ ଜଗଦିଶ ପାଳ,ଅଧାପକ ଯୋଗେନ୍ଦ୍ର ବାରିକ,ସାମ୍ବାଦିକ ତଥା ସମାଜସେବୀ ଅଶୋକ କୁମାର ତ୍ରିପାଠୀ,ଶିକ୍ଷକ ବଂଶୀଧର ସାହୁ,ମଧୁ ଚରଣ ସେଠି,ସିମାଞ୍ଚଳ ପରିଡା ପ୍ରମୁଖ ଯୋଗ ଦେଇଥିଲେ ।ଶିକ୍ଷକ ପ୍ରଦୀପ କୁମାର ତ୍ରିପାଠୀ ସନମାନିତ ଅତିଥି ଭାବରେ ଯୋଗ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବରେ ସମାଜସେବୀ ଅଞ୍ଜନା ତ୍ରିପାଠୀ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ସହ ନିର୍ଦ୍ଦେଶକ ସମୀର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ମାନେ ଯୋଗଦେଇ ବର୍ତ୍ତମାନ ସମୟରେ କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତା ଓ ଉପକାରୀତା ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଅନୁଷ୍ଠାନର ନିର୍ଦ୍ଦେଶକ ମୁକେଶ କୁମାର ସାହୁ ଅନୁଷ୍ଠାନର ଆଭିମୁଖ୍ୟ ବିଷୟରେ ବିବରଣୀ ଉପସ୍ଥାପନ କରିଥିଲେ।

# ଦ୍ୱିତୀୟ ଜିତେନ୍ ବରାଳ ସ୍ମାରକୀ ଭଲିବଲ ନିମାପଡ଼ା ଭଲିବଲ୍ ଦଳ ୨-୦ରେ ବିଜୟୀ

ନିମାପଡ଼ା,(ନି.ପ୍ର.): ନିମାପଡ଼ା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଜିତେନ୍ ବରାଳ ସ୍ମାରକୀ ଏକ ଦିବସୀୟ ଦିବାରାତ୍ରି ଭଲିବଲ୍ ପ୍ରତିଯୋଗୀତାରେ ନିମାପଡ଼ା ଦଳ ୨-୦ରେ ଗୋପସ୍ଥିତ ମା' ଭବାନୀ ଭଲିବଲ୍ କ୍ଲବ୍‌କୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିବା ଜଣାପଡ଼ିଛି । ରବିବାର ଦିନ ବାରବାଟି ପଡ଼ିଆରେ ଅନୁଷ୍ଠିତ ପ୍ରତିଯୋଗୀତାରେ ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର, ଅନୁଷ୍ଠାନ ସଭାପତି ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶ, ଜଗତ ପ୍ରସାଦ ସାବୁତ, ବରିଷ୍ଠ ଭଲିବଲ୍ ପ୍ରଶିକ୍ଷକ ଅଜୟ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବରାଳଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପୂର୍ବକ ଉଦ୍‌ଘାଟନ କରିଥିଲେ । ପ୍ରତିଯୋଗୀତାରେ ୬ଟି ଦଳ ମହାବୀର ଭଲିବଲ କ୍ଲବ୍, ଅଲଣ୍ଡା, ମା' ଭବାନୀ ଭଲିବଲ୍ କ୍ଲବ୍ ଗୋପ, ନାଗପୁର ଭଲିବଲ୍ କ୍ଲବ୍, ନିମାପଡ଼ା ଆଥଲେଟିକ୍ ଆସୋସିଏସନ୍, ପୁରୀ ଭଲିବଲ୍ କ୍ଲବ୍, ସରକଣା ଭଲିବଲ କ୍ଲବ୍ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ଖେଳରେ ନିମାପଡ଼ା ଦଳ ୨-୦ରେ ବିଜୟ ଲାଭ କରି ଚାମ୍ପିଅନ ଟ୍ରଫି ସହ ନଗଦ ୭ହଜାର ଟଙ୍କା ପୁରସ୍କାର ଗ୍ରହଣ କରିଥିଲେ । ରନର୍ସ ଅପ ଦଳ ଭାବେ ଗୋପ ଟିମ୍‌କୁ ନଗଦ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ସୁକାନ୍ତ ନାୟକ, ରୋସନ ସାହୁ, ପ୍ରଦୀପ ପଣ୍ଡା ଏବଂ ସୁଶାନ୍ତ ମିଶ୍ର ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ପୂର୍ବତନ ଖେଳାଳୀ ଲକ୍ଷ୍ମୀଧର ବେହେରା, ଲକ୍ଷ୍ମୀକାନ୍ତ ସାମନ୍ତରାୟ, ନିଜାମ ଅଲ୍ଲୀ ଖାଁ, କିଶନ ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥା ।

# ଖୋଲିଲା ଜଳଛତ୍ର

ବାଲିପାଟଣା(ନିପ୍ର): ପ୍ରଚଣ୍ଡ ଖରା ଉତ୍ତାପ ୪୦ ଡିଗ୍ରୀ ପାର କଲାଣି ଦିନ ୧୧ ଟା ପରେ ରାସ୍ତାରେ ଯାତାୟତ ଦେଖିବାକୁ ସେପରି ମିଳୁନାହିଁ ଠାଏ ଠାଏ ଆଖୁରସ ଗାଡି ପାଖରେ ଭିଡ଼ ଦେଖିବାକୁ ମିଳୁଛି । ଲସି ସର୍ବତ ଦୋକାନରେ ମଧ୍ୟ ଗହଳି ।ରାଜଧାନୀ ଉପକଣ୍ଠ ଉତରା ଠାରୁ ବନମାଳୀପୁର ରାସ୍ତାକଡରେ ଲୋକଙ୍କ ସୁବିଧା ଦୃଷ୍ଟିରୁ ଜଳଛତ୍ର ଖୋଲିଛି ! ବାଳକାଟୀ ଦୁଲାଦେବୀ ମନ୍ଦିର ବାଲିପାଟଣା ସରିପୁର ଛକ ବନମାଳୀପୁର ଠାରେ ତିନୋଟି ଜଳଛତ୍ର ଖୋଲିଛି । ସ୍ଥାନୀୟ ନେତୃତ ଙ୍କ ଦ୍ୱାରା ଆଜି ଏହି ଜଳଛତ୍ର କେନ୍ଦ୍ର ଉଦଘାଟିତ ହୋଇ ଯାଇଛି ।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

# ବାତ୍ୟା, ବନ୍ୟା ମୁକାବିଲା ପ୍ରସ୍ତୁତି ସମୀକ୍ଷା



କଟକ,(ନିପ୍ର) : ଆଗାମୀ ବର୍ଷା ଋତୁକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୌସୁମୀ ସମୟରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଛି। ବୈଠକରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଛବି ମଲ୍ଲିକ୍, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲ୍ଲାପାଳ ମନସ୍ୱିନୀ ଦାସ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ପୁଷ୍ପଶ୍ରୀ ସାଣ୍ଡିଲ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ ଏବଂ ବିପର୍ଯ୍ୟୟ ପରିଚାଳନା ଓ ଜରୁରୀକାଳୀନ ସେବା ସହ ଜଡିତ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ସମ୍ଭାବ୍ୟ ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି, ଆନ୍ତଃ ବିଭାଗୀୟ ସମନ୍ୱୟ ଏବଂ ଠିକ୍ ସମୟରେ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଜିଲ୍ଲାର ସମସ୍ତ ନଦୀବନ୍ଧ ମରାମତି କରିବା, ନଦୀ ଓ କେନାଲ ବନ୍ଧର ଘାଇଗୁଡିକୁ ବନ୍ଦ କରିବା, ଦୁର୍ବଳ ସ୍ଥାନଗୁଡିକୁ ମରାମତି କରିବା, ବାତ୍ୟା ଆଶ୍ରୟସ୍ଥଳୀଗୁଡିକର ସ୍ଥିତି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ବନ୍ୟା ଜଳର ସୁଗମ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ସଫା ରଖିବାକୁ ବିଡିଓ ଓ କଟକ ମହାନଗର ନିଗମର ଅଧିକାରୀମାନଙ୍କୁ କୁହାଯାଇଛି । ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ସମେତ କଟକ ମହାନଗର ନିଗମ, ଉପଖଣ୍ଡ, ବ୍ଲକ ଏବଂ ତହସିଲ ସ୍ତରରେ ମାର୍ଚ୍ଚ ଏକ ତାରିଖରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ୨୪ ଘଂଟିଆ କଂଟ୍ରୋଲ ରୁମ କାର୍ଯ୍ୟ କରୁଛି । ବନ୍ୟା ତଥା ବାତ୍ୟାପ୍ରବଣ ଅଂଚଳରେ ପର୍ଯ୍ୟାପ୍ତ ପରିମାଣର ରିଲିଫ ଓ ଶୁଖିଲା ଖାଦ୍ୟ ମହଜୁଦ୍ ରଖିବା ଓ ରିଲିଫ ପହଞ୍ଚାଇବା ରାସ୍ତାର ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ଜଳ ଉତ୍ସଗୁଡିକର ବିଶୋଧନ, ଜରୁରୀକାଳୀନ ଡାକ୍ତରୀ ସେବା, ବିଦ୍ୟୁତ ତାର ଓ ଖୁଂଟଗୁଡିକର ମରାମତି, କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ସଚେତନ କରାଇବା, ଗୃହପାଳିତ ପଶୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନନ୍ତର କରିବା ଓ ରୋଗ ପ୍ରତିରୋଧକ ବ୍ୟବସ୍ଥା ସହ ପ୍ରସ୍ତୁତ ରହିବାକୁ କୁହାଯାଇଛି । ସେହିପରି ତଳିଆ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ସ୍ଥାନାନ୍ତରଣ ଓ ପରିବହନ ବ୍ୟବସ୍ଥା କରିବାକୁ ଜିଲ୍ଲା ପରିବହନ ଅଧିକାରୀଙ୍କୁ କୁହାଯାଇଛି । ଜରୁରୀ ସମୟରେ ଓଡ୍ରାଫ, ଏନଡିଆରଏଫ ଓ ଅଗ୍ନିଶମ ବାହିନୀ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ତିଥି :(ଦ୍ୱିତୀୟା): (ଆର୍ଦ୍ରା ମିଥୁନ)
ଅମୃତ ବେଳା: ଦିବା ଘ ୭ ।୩୫ ମଧ୍ୟେ ଘ ୯ ।୧୧ ଗତେ

## ଆଜିର ଅନୁଚିନ୍ତନ

ସେହି ଭକ୍ତମାନଙ୍କ ପ୍ରତି କୃପା କରିବା ପାଇଁ ସେମାନଙ୍କ ସ୍ୱରୂପରେ ସ୍ଥିତ ମୁଁ ସେମାନଙ୍କ ଅଜ୍ଞାନଜନିତ ଅନ୍ଧକାରକୁ ଦେଦୀପ୍ୟମାନ ଜ୍ଞାନଦୀପ ଦ୍ୱାରା ନଷ୍ଟ କରିଦିଏ ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଟ୍ରମ୍ପଙ୍କ ଚୀନ୍ ଗସ୍ତ

ନିକଟରେ ଚୀନ୍ ଗସ୍ତ କରିଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଏହି ଗସ୍ତର ଫଳପ୍ରଦତା ନେଇ ଯାହା ଦାବି କରାଯାଉଛି ବାସ୍ତବତା ତାହା ଠାରୁ ଭିନ୍ନ ବୋଲି କହିବାକୁ ହେବ । ଚୀନ୍ ରାଷ୍ଟ୍ରପତି ସି.ଜିନପିଙ୍ଗଙ୍କ ସହ ଚୂଡ଼ାନ୍ତ ବୈଠକ ପୂର୍ବରୁ ଚୀନ ବୈଦେଶିକ ମନ୍ତ୍ରଣାଳୟ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ସମାଲୋଚନା କରିଥିଲା । ଏହାର ଫଳାଫଳ ବୈଶ୍ୱିକ ସ୍ଥିରତା ଓ ଶକ୍ତି ବଜାର କିଭଳି ପ୍ରଭାବିତ ହେଉଛି ସେ ସଂପର୍କରେ ଏହି ମନ୍ତ୍ରଣାଳୟ ଚେତାବନୀ ଦେଇଥିଲା । ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଉପୁଜିଥିବା ଅର୍ଥନୈତିକ କ୍ଷତି ହ୍ରାସ ଘଟୁ । ଶାନ୍ତି ବୁଝାମଣା ପ୍ରତି ଲକ୍ଷ୍ୟ ରହୁ । ଚୀନର ଏପରି ମନ୍ତବ୍ୟକୁ ମନ୍ତ୍ରଣାଳୟ ପ୍ରକାଶ କରିଥିଲା । ମାତ୍ର ଟ୍ରମ୍ପ ଉତ୍ତର ଦେଲେ, ଆମେ ଇରାନ ନେଇ ଆଲୋଚନା କରିଛୁ । ଆମେ ଅନୁଭବ କରୁଛି କି ଯୁଦ୍ଧର ଅବସାନ ଘଟୁ । କିନ୍ତୁ ଅପରପକ୍ଷ ହାତରେ ଆଣବିକ ଅସ୍ତ୍ର ରହୁ ତାହା ଆମେ ଚାହୁଁନା ଏବଂ ହର୍ମୁଜ ଖୋଲା ରହିବା ମଧ୍ୟ ଆମେ ଚାହୁଁ । ପୁଣି ଟ୍ରମ୍ପ ଯାହା ଯୋଡ଼ିଥିଲେ ତାହାର ନିର୍ଯାସ କହିଲେ ଏତିକି ହେବ ଯେ ବ୍ୟାପକ ପ୍ରୟାସ ସ୍ୱରୂପ ଆମେରିକା ତୈଳ ଚୀନ କ୍ରୟ କରୁ । ତେବେ ଏ ସଂପର୍କରେ ଚୀନ ପକ୍ଷରୁ କୌଣସି ରାଜିନାମା ସଂପର୍କରେ ବିବୃତି ଦିଆଯାଇ ନ ଥିବାରୁ ଏଥିରେ କେତେ ସତ୍ୟତା ତାହା କୁହାଯାଇପାରିବ ନାହିଁ ।

ଚୀନ ଏଥିପୂର୍ବରୁ ଆମେରିକା ମଂଜୁରିପ୍ରାପ୍ତ ତୈଳ ରିଫାଇନାରି ସହିତ ସଂପର୍କ ନ ରଖିବାକୁ ତାଗିଦ କରିଥିଲା । ଏ ଦୃଷ୍ଟିରୁ ତୈଳ ସଂକ୍ରାନ୍ତ କୌଣସି ବୁଝାମଣା ଚୀନ ସହ ହୋଇଥିବା ସମ୍ଭାବନା କ୍ଷୀଣ, ଏହା ହିଁ ପ୍ରତ୍ୟୟମାନ ହେଉଛି । ଟ୍ରମ୍ପଙ୍କ ଗସ୍ତ କାଳରେ ପ୍ରମୁଖ ବାଣିଜ୍ୟିକ ବୁଝାମଣା ହୋଇଥିବା ବିଷୟ ଟ୍ରମ୍ପ ଦାବି କରୁଛନ୍ତି ସତ, କିନ୍ତୁ ସେଥିରେ କେତେ ବାସ୍ତବତା ରହିଛି ? ଗଣମାଧ୍ୟମରେ କୁହାଯାଇଥିଲା ଟ୍ରମ୍ପ ଚୀନକୁ ମନାଇଛନ୍ତି । ଦୁଇଶହ ବୋଇଂ ବିମାନ ଚୀନ ଆମେରିକାଠାରୁ କ୍ରୟ କରିବାକୁ ସହମତ ହୋଇଛି । ମାତ୍ର କୌତୂହଳର ବିଷୟ ଯେ ଚୀନ ସରକାର ଏହି ବିମାନ କିଣା ସଂପର୍କରେ ଆଦୌ ମୁହଁ ଫିଟାଇନାହାନ୍ତି । ଏଥିରୁ କ'ଣ ଅନୁମାନ କରାଯାଇପାରେ । ଚୀନ ଗସ୍ତ କାଳରେ ବେଜିଂର ପ୍ରମୁଖ ଉଦ୍ଦେଶ୍ୟ ଟ୍ରମ୍ପ ଯୁଦ୍ଧ ବନ୍ଦ କରନ୍ତୁ । କାରଣ ଇରାନଠାରୁ ଚୀନ ତୈଳ କ୍ରୟ ଲାଗି ନିର୍ଭରଶୀଳ ଥିବା ହେତୁ ଚୀନର ଅର୍ଥନୀତି ଏହାଦ୍ୱାରା ନିଶ୍ଚିତ ଭାବରେ ପ୍ରଭାବିତ ହୋଇଥିବା ଦିଗ ଉପେକ୍ଷା କରିହେବନାହିଁ । ଯୁଦ୍ଧରେ ଆମେରିକା ପକ୍ଷରୁ ଅଣତିରିଶ ବିଲିୟନ ଡଲାର ନାନା ବାବଦେ ଖର୍ଚ୍ଚ ହୋଇସାରିଛି । କିନ୍ତୁ ନିର୍ଣ୍ଣାୟକ ପରାଜୟ ଓ ବ୍ୟର୍ଥତା ଆମେରିକା ଭୋଗିସାରିଛି ବୋଲି ନିକଟରେ ଇରାନ ଦେଇଥିଲା ମନ୍ତବ୍ୟ । ଏହା ପୁଣି ଦର୍ଶାଇଛି ଶତ୍ରୁ କୌଣସି ପୂର୍ବ ନିର୍ଦ୍ଧାରିତ ବସ୍ତୁ ହାସଲ କରିବାରେ ସଫଳ ହୋଇନାହିଁ । ଅପରପକ୍ଷେ ରାଜନୈତିକ ଦୃଷ୍ଟିରୁ ଟ୍ରମ୍ପ ନିଜ ଦେଶରେ ବହୁ ବିରୋଧର ସମ୍ମୁଖୀନ ହୋଇସାରିଛନ୍ତି । ସୁତରାଂ ଟ୍ରମ୍ପଙ୍କ ସଦ୍ୟ ଚୀନ ଗସ୍ତ ଅଧିକ ଭାବରେ ନିଜ ବାହାଦୁରିର ଅହେତୁକ ପ୍ରଦର୍ଶନ ବୋଲି କୁହାଯିବା ଅସଙ୍ଗତ ହେବନାହିଁ ।

# ନିଟ୍ ସଂକଟ ଓ ଏହାର ନିବାରଣ

## ଡା. ପ୍ରଦୀପ କୁମାର ମିଶ୍ର

ନିକଟରେ 'ନିଟ୍' ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗ ସମଗ୍ର ଦେଶରେ ଏକ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି । ଯେତେବେଳେ ଏଭଳି ଏକ ଉଚ୍ଚସ୍ତରୀୟ ଜାତୀୟ ପରୀକ୍ଷାର ସ୍ୱଚ୍ଛତା ଓ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ, ତେବେ ଏହି ବିଷୟ କେବଳ ଏକ ପ୍ରଶାସନିକ ବିଫଳତା ମଧ୍ୟରେ ସୀମିତ ନ ରହି, ଏହା ସହିତ ଯୋଡ଼ି ହୋଇଥିବା ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କ ସ୍ୱପ୍ନ ତଥା ଭବିଷ୍ୟତର ଆକାଂକ୍ଷାକୁ ଏକ ଶକ୍ତ ପଦାଘାତ କରିଥାଏ । ଏଭଳି ଏକ ସଙ୍କଟଜନକ ସମୟରେ ଭାରତ ଭଳି ଏକ ଜନବହୁଳ ଦେଶରେ ପ୍ରକୃତ ଆହ୍ୱାନ କେବଳ 'ଭୁଲ କେଉଁଠି ହେଲା' ତାହା ଖୋଜିବା ନୁହେଁ, ବରଂ ଏହି ବିଶାଳ ପରୀକ୍ଷାର ପରିଚାଳନାଗତ ଢାଞ୍ଚାକୁ ପୁନର୍ବିଚାର କରିବା ସହିତ ପରୀକ୍ଷାଗତ ଢାଞ୍ଚାରେ ବ୍ୟାପକ ପରିବର୍ତ୍ତନ ଆଣିବା ଜରୁରୀ ମନେହେଉଛି ।

ସାମ୍ପ୍ରତିକ ସମୟରେ 'ନିଟ୍' ଭାରତର ସର୍ବବୃହତ୍ ସର୍ବସାଧାରଣ ପରୀକ୍ଷା, ଯେଉଁଥିରେ ପ୍ରାୟ ପ୍ରତିବର୍ଷ ୨୨-୨୫ ଲକ୍ଷ ପରୀକ୍ଷାର୍ଥୀ ଦେଶର ୫୦୦୦-୫୧୦୦ କେନ୍ଦ୍ରରେ ଅଂଶଗ୍ରହଣ କରନ୍ତି । ଗୋଟିଏ ଦିନରେ ସର୍ବଭାରତୀୟ ସ୍ତରରେ ଆୟୋଜିତ ଏହି ବିଶାଳ ପରୀକ୍ଷା ନିମନ୍ତେ, ପ୍ରାୟ ୧.୨ ଲକ୍ଷ ପର୍ଯ୍ୟବେକ୍ଷକଙ୍କ ସମେତ ହଜାର ସୁରକ୍ଷା କର୍ମୀ, ସହର ସଂଯୋଜକ, କେନ୍ଦ୍ର ଅଧୀକ୍ଷକ ଓ ବୈଷୟିକ କର୍ମଚାରୀଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ସାମଗ୍ରିକ ଭାବେ ଆକଳନ କରିବାକୁ ଗଲେ, ଏହି ବ୍ୟବସ୍ଥା ପ୍ରାୟ ଦେଢରୁ ଦୁଇ ଲକ୍ଷ ଲୋକଙ୍କର ଏକ ବିରାଟ ପ୍ରଶାସନିକ ଶୃଙ୍ଖଳା ଦ୍ୱାରା ପରିଚାଳିତ ହୋଇଥାଏ । ଏଭଳି ଏକ ବିଶାଳ ମାନବୀୟ ଶୃଙ୍ଖଳା ଦ୍ୱାରା ପରିଚାଳିତ ଏବଂ ପାରମ୍ପରିକ 'କାଗଜ-କଲମ' ଢାଞ୍ଚାରେ ସଂଯୋଜିତ ପରୀକ୍ଷାର ଗୋପନୀୟତା ଓ ସୁରକ୍ଷା ରକ୍ଷା କରିବା ଅତ୍ୟନ୍ତ କଷ୍ଟକର ବ୍ୟାପକ ହୋଇଥାଏ ।

ତେବେ ଏହି ସମସ୍ୟାକୁ କେବଳ ଏକ ସାମୟିକ ବିଫଳତା ଭାବେ ନ ଦେଖି ଏହାର ଗଠନମୂଳକ ତ୍ରୁଟିକୁ ଅନୁଧ୍ୟାନ କରିବା ଅତ୍ୟନ୍ତ ଜରୁରୀ ଅଟେ । ଜାତୀୟ ସ୍ତରରେ ଏଭଳି ଏକ ବିଶାଳ ପରୀକ୍ଷା ଯେତେବେଳେ ପାରମ୍ପରିକ କାଗଜ-କଲମ ପ୍ରକ୍ରିୟା ମାଧ୍ୟମରେ ହୁଏ, ସେତେବେଳେ ପ୍ରତିଟି ସ୍ତରରେ ଯଥା- ପ୍ରଶ୍ନପତ୍ର ମୁଦ୍ରଣ, ଆବୃତ ପ୍ରକ୍ରିୟା (ପ୍ୟାକେଜିଂ), ପରିବହନ, ଗଚ୍ଛିତ ସ୍ଥାନ ଓ ପରୀକ୍ଷା କେନ୍ଦ୍ରକୁ ବିତରଣ ସମୟରେ ପ୍ରଶ୍ନପତ୍ର ପ୍ରଘଟର ବିପଦ ରହିଥାଏ । ତେବେ ଚିନ୍ତାର ବିଷୟ ଏହିକି ଯେ, ଏହି ଶୃଙ୍ଖଳାରେ ଯେତେ ଅଧିକ ବ୍ୟକ୍ତି ସାମିଲ ହେବେ, ଗୋପନୀୟତା ଭଙ୍ଗ ହେବାର ସମ୍ଭାବନା ସେତେ ବଢ଼ିବ । ତେଣୁ ବାରମ୍ବାର ଘଟୁଥିବା ପ୍ରଶ୍ନପତ୍ର ଲିକ୍ ଘଟଣାକୁ କେବଳ ଏକ ପରିଚାଳନାଗତ ତ୍ରୁଟି ବୋଲି ନ କହି, ସମ୍ପୂର୍ଣ୍ଣ ବ୍ୟବସ୍ଥାରେ ଏକ ବଡ଼ ଧରଣର ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ବୁଝିବାକୁ ହେବ ।

ଜାତୀୟ ପରୀକ୍ଷଣ ସଂସ୍ଥା, 'ଆଇଆଇଟି' ପ୍ରବେଶିକା ଭଳି ଅତି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ସଫଳତାର ସହିତ ସର୍ବଭାରତୀୟ ସ୍ତରରେ ଆୟୋଜନ କରିସାରିଛି । ତେବେ ନିଟ୍ ଭଳି ଏକ ପରୀକ୍ଷାରେ ବ୍ୟାପକ ସଂସ୍କାର ପାଇଁ, 'ଆଇଆଇଟି' ପ୍ରବେଶିକା ସଫଳ ମଡେଲକୁ ପାଥେୟ କରି ବୈଷୟିକ ସମନ୍ୱୟ ଓ ଦ୍ୱି-ସ୍ତରୀୟ ମାଧ୍ୟମରେ ସ୍ୱଚ୍ଛତାର ସହ ପରୀକ୍ଷା କରାଯାଇପାରେ । ଏହି ଦ୍ୱି-ସ୍ତରୀୟ ପରୀକ୍ଷା ବ୍ୟବସ୍ଥା - ଅର୍ଥାତ୍ ପ୍ରଥମେ ପ୍ରାରମ୍ଭିକ ସ୍କ୍ରିନିଂ ଓ ପରେ ଯୋଗ୍ୟତା ପର୍ଯ୍ୟାୟ - ପରିଚାଳନାଗତ ଚାପକୁ ହ୍ରାସ କରିବା ସହ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ଶିକ୍ଷାଗତ ଦୃଷ୍ଟିକୋଣରୁ ଗ୍ରହଣଯୋଗ୍ୟ କରିପାରିବ । ଏହି ନୂତନ ବ୍ୟବସ୍ଥା ଦ୍ୱାରା ପ୍ରତିଟି ପର୍ଯ୍ୟାୟ ପାଇଁ ଏକାଧିକ ସମାନ୍ତରାଳ ପ୍ରଶ୍ନ ସେଟ୍ ପ୍ରସ୍ତୁତ କରାଯାଇପାରିବ । ଏହି ପ୍ରଶ୍ନପତ୍ରଗୁଡ଼ିକ କଠିନତା ଓ ମାନକ ଦୃଷ୍ଟିରୁ ସମାନ ହେବା ସହ ପରୀକ୍ଷାର ପ୍ରଧାନ ତିନୋଟି ବିଷୟ ଯଥା- ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଆବଶ୍ୟକ । ଏକ ସୁଚିନ୍ତିତ 'ବ୍ଲୁ-ପ୍ରିଣ୍ଟ' ମାଧ୍ୟମରେ ବିଷୟବସ୍ତୁର ଗୁରୁତ୍ୱ ଓ ଜ୍ଞାନାତ୍ମକ ଚାହିଦାକୁ ବିଚାରକୁ ନେଇ ପ୍ରଶ୍ନ ସେଟ୍ କରାଗଲେ, ଏହା କେବଳ ନିରପେକ୍ଷତା ରକ୍ଷା କରିବ ନାହିଁ ବରଂ ସୁରକ୍ଷାର ଏକ ଅମୋଘ ଅସ୍ତ୍ର ମଧ୍ୟ ସାବ୍ୟସ୍ତ ହେବ ।

ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ହେଉଛି ପରୀକ୍ଷାର 'କ୍ଷେତ୍ରୀୟକରଣ' । ସମଗ୍ର ଦେଶ ପାଇଁ ଗୋଟିଏ ପ୍ରଶ୍ନପତ୍ର ବ୍ୟବହାର କରିବା ପରିବର୍ତ୍ତେ, ଦେଶକୁ ଆଠ-ନଅଟି ଜୋନରେ ବିଭକ୍ତ କରି ପ୍ରତିଟି ଜୋନ୍ ପାଇଁ ଭିନ୍ନ କିନ୍ତୁ ସମାନ ମାନକର ପ୍ରଶ୍ନପତ୍ର ରଖାଯାଇପାରେ । ଏହାର ପ୍ରମୁଖ ସୁବିଧା ହେଉଛି ଯେ ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପଶ୍ନପତ୍ର ଲିକ୍ କିମ୍ବା ଅନ୍ୟାନ୍ୟ ଅନିୟମିତତା ଦେଖାଦିଏ, ତେବେ ସମଗ୍ର ଦେଶର ପରୀକ୍ଷା ପ୍ରକ୍ରିୟାକୁ ବାତିଲ କରିବାର ଆବଶ୍ୟକତା ପଡ଼ିବ ନାହିଁ । ଏହାଦ୍ୱାରା ସମସ୍ୟାକୁ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ନିୟନ୍ତ୍ରଣ କରାଯାଇପାରିବ ଏବଂ ଯଥା ସମ୍ଭବ ତ୍ୱରିତ୍ ଗତିରେ ଉଚିତ ସମାଧାନ ମଧ୍ୟ ସମ୍ଭବ ହେବ । କିନ୍ତୁ ପରୀକ୍ଷା ଯଦି କେବଳ ପାରମ୍ପରିକ କାଗଜ-କଲମ ମାଧ୍ୟମରେ ହୁଏ, ତେବେ କେବଳ ଜୋନ୍ ବିଭକ୍ତ କରିବା ଯଥେଷ୍ଟ ହେବ ନାହିଁ ।(ପ୍ରଥମ ଭାଗ)

# ବାୟୁ ପ୍ରଦୂଷଣ ଓ ଆଜିର ସଭ୍ୟତା

## ଡ. ଅମୂଲ୍ୟ କୁମାର ପଣ୍ଡା

"ପରିବେଶର ଅନ୍ୟତମ ଅଙ୍ଗ ବାୟୁମଣ୍ଡଳ ଏକ ନିର୍ଦ୍ଦିଷ୍ଟ ଉଚ୍ଚତା ମଧ୍ୟରେ ପୃଥିବୀକୁ ଘେରି ରହିଛି । ବିଭିନ୍ନ ବାଷ୍ପର ଆନୁପାତିକ ମିଶ୍ରଣର ପରିପ୍ରକାଶ ହେଉଛି ବାୟୁମଣ୍ଡଳ । ଜୀବର ବଞ୍ଚିବାରେ ସହାୟକ ବାୟୁମଣ୍ଡଳ କ୍ରମଶଃ ସଂହାରକ ସାଜୁଛି । ତା'ର କାରଣ ବାୟୁର ବିଶୁଦ୍ଧତା କମୁଛି ଓ ପ୍ରଦୂଷଣ ବଢୁଛି । ବାୟୁମଣ୍ଡଳରେ ବିଷାକ୍ତ ତଥା କ୍ଷତିକାରକ ଉପାଦାନର ମାତ୍ରା ବଢିଯିବା ଦ୍ୱାରା ଏହାର ମାନ କମୁଛି । ଫଳରେ ଏହା ବ୍ୟବହାର ଅନୁପଯୁକ୍ତ ହେବା ସହିତ ନାନା ରୋଗ ସୃଷ୍ଟି ଓ ସଂକ୍ରମଣର କାରକ ସାଜୁଛି । ମଣିଷ ସହିତ ଅନ୍ୟ ଜୀବଜନ୍ତୁ, ଗଛଲତା ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । ବାୟୁ ପ୍ରଦୂଷଣ ଜଳବାୟୁ ପରିବର୍ତ୍ତନର କାରଣ । ପରିବେଶରେ ପ୍ରତିଟି ବାଷ୍ପର ପରିମାଣ ଓ ବିଶୁଦ୍ଧତା ବଜାୟ ରଖିବାରେ ଅନ୍ୟ ଜୀବଜନ୍ତୁ ଓ ଗଛଲତାଙ୍କର ଭୂମିକା ରହିଥିବା ବେଳେ କେବଳ ମଣିଷ ଏହାକୁ ପ୍ରଦୂଷିତ କରିଚାଲିଛି ।

ପ୍ରଦୂଷଣ ହେଉଛି ପ୍ରାକୃତିକ ପରିବେଶରେ ପ୍ରଦୂଷକ ପଦାର୍ଥର ପରିଚୟ, ଯାହା ସ୍ୱାଭାବିକ ପ୍ରକୃତିରେ ପ୍ରତିକୂଳ ପରିବର୍ତ୍ତନ ଆଣିଥାଏ । ପ୍ରଦୂଷଣ ରାସାୟନିକ ପଦାର୍ଥ ବା ଶକ୍ତିର ରୂପ ନେଇପାରେ, ଯେପରିକି ଶବ୍ଦ, ଉତ୍ତାପ କିମ୍ବା ଆଲୋକ । ପ୍ରଦୂଷଣ, ପ୍ରଦୂଷଣର ଉପାଦାନ, ବିଦେଶୀ ପଦାର୍ଥ/ଶକ୍ତି କିମ୍ବା ପ୍ରାକୃତିକ ଭାବରେ ଘଟୁଥିବା ପ୍ରଦୂଷକ ହୋଇପାରେ । ପ୍ରଦୂଷଣ ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ଉତ୍ସ କିମ୍ବା ବହୁ ଉତ୍ସଜନିତ ପ୍ରଦୂଷଣ ଭାବରେ ଶ୍ରେଣୀଭୁକ୍ତ ହୋଇଥାଏ । ୨୦୧୫ରେ ପ୍ରଦୂଷଣରେ ବିଶ୍ୱରେ ୯ ନିୟୁତ ଲୋକ ପ୍ରାଣ ହରାଇଥିଲେ । ପ୍ରଦୂଷଣର ମୁଖ୍ୟ ରୂପଗୁଡ଼ିକ ହେଲା - ବାୟୁ ପ୍ରଦୂଷଣ, ଆଲୋକ ପ୍ରଦୂଷଣ, ଆବର୍ଜନାର ଦୁରୁପବ୍ୟବହାର, ଶବ୍ଦ ପ୍ରଦୂଷଣ, ପ୍ଲାଷ୍ଟିକ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ରେଡିଓଆକ୍ଟିଭ୍ ପ୍ରଦୂଷଣ, ତାପଜ ପ୍ରଦୂଷଣ, ଦୃଷ୍ଟି ପ୍ରଦୂଷଣ ଏବଂ ଜଳ ପ୍ରଦୂଷଣ । ବାୟୁ ପ୍ରଦୂଷଣ ସର୍ବଦା ସଭ୍ୟତା ସହିତ ଆସିଥାଏ । ପ୍ରଦୂଷଣ ପ୍ରାଚୀନ କାଳରୁ ଆରମ୍ଭ ହୋଇଥିଲା, ଯେତେବେଳେ ମଣିଷ ପ୍ରଥମ ଅଗ୍ନି ସୃଷ୍ଟି କଲା । ସାଇନ୍ସ ପତ୍ରିକାରେ ୧୯୮୩ର ଏକ ଲେଖା ଅନୁଯାୟୀ ପ୍ରାଚୀନ ଗୁମ୍ଫାର ଛାତରୁ ମିଳିଥିବା କଳା ଦାଗ ଉଚ୍ଚ ପ୍ରଦୂଷଣର ଯଥେଷ୍ଟ ପ୍ରମାଣ ଦେଇଥାଏ ଯାହା ଖୋଲା ଅଗ୍ନିକାଣ୍ଡର ଅପର୍ଯ୍ୟାପ୍ତ ବାୟୁ ଚଳାଚଳ ସହିତ ଜଡ଼ିତ ଥିଲା । ଧାତୁକୁ ଆକାର ଦେବା ଘର ବାହାରେ ଗୁରୁତ୍ୱପୂର୍ଣ୍ଣ ବିମାନ ପ୍ରଦୂଷଣ ସ୍ତର ସୃଷ୍ଟିର ଏକ ପ୍ରମୁଖ କାରଣ ବୋଲି ଦେଖାଯାଇଥିଲା । ଗ୍ରୀନଲ୍ୟାଣ୍ଡରେ ଥିବା ଗ୍ଲେସିୟର ମୂଳ ନମୁନା ଗ୍ରୀକ୍, ରୋମାନ୍ ଏବଂ ଚାଇନାର ଧାତୁ ଉତ୍ପାଦନ ସହିତ ଜଡ଼ିତ ପ୍ରଦୂଷଣର ବୃଦ୍ଧି ସୂଚାଇଥାଏ ।

ସାଧାରଣତଃ ବାୟୁ ନାମରେ ପରିଚିତ ଏକ ଗ୍ୟାସ୍‌ମାନଙ୍କ ସମାହାର ଯାହା ପୃଥିବୀ ଗ୍ରହକୁ ଘେରି ରହିଛି ଓ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ବଳରେ ଆକର୍ଷିତ ହୋଇ ରହିଛି । ଏହି ବାୟୁମଣ୍ଡଳ ପୃଥିବୀର ଜୀବମାନଙ୍କୁ ଅତିବାଇଗିଣୀ ରଶ୍ମି ସୌର ରାଡିଏସନକୁ ଅବଶୋଷଣ କରି ସୁରକ୍ଷା ଦିଏ, ଏହାର ବାହ୍ୟ ଭାଗକୁ ଉଷୁମ ରଖେ ଓ ଦିବାରାତ୍ରୀର ଚରମ ଉତ୍ତାପକୁ କମେଇ ଦିଏ । ଶୁଷ୍କ ବାୟୁରେ ଏହାର ଆୟତନର ୭୮.୦୯% ଯବକ୍ଷାରଜାନ, ୨୦.୯୫% ଅମ୍ଳଜାନ, ୦.୯୩% ଆର୍ଗନ, ୦.୦୩୯% ଅଙ୍ଗାରକାମ୍ଳ ଓ ଅଳ୍ପ ପରିମାଣର ଅନ୍ୟାନ୍ୟ ଗ୍ୟାସ୍ ଥାଏ । ସମୁଦ୍ର ପତନରେ ବାୟୁର ପରିବର୍ତ୍ତନଶୀଳ ଜଳୀୟ ବାଷ୍ପର ପରିମାଣ ୧% ଥାଏ ଓ ସମୁଦାୟ ବାୟୁମଣ୍ଡଳରେ ଏହାର ପରିମାଣ ୦.୪% ଥାଏ । ବାୟୁ ମଣ୍ଡଳର ବିଭିନ୍ନ ସ୍ତରରେ ବାୟୁର ସାମଗ୍ରୀ ଓ ଚାପରେ ଅନ୍ତର ଥାଏ ଓ ପାର୍ଥିବ ବୃକ୍ଷମାନଙ୍କ ଶ୍ୱାସକ୍ରିୟା ଓ ଆଲୋକ ସଂଶ୍ଳେଷଣ ନିମନ୍ତେ ଉପଯୁକ୍ତ ବାୟୁ କେବଳ ପୃଥିବୀର ଟ୍ରୋପୋସ୍ଫିଅରରେ ମିଳେ । ବାୟୁ ତଥା ପୃଥିବୀର ବାୟୁ ମଣ୍ଡଳର ତିନୋଟି ମୁଖ୍ୟ ଉପାଦାନ ଥାଏ ଯଥା- ଯବକ୍ଷାରଜାନ, ଅମ୍ଳଜାନ ଓ ଆର୍ଗନ୍ । ବାୟୁ ମଣ୍ଡଳର ସମୁଦାୟ ବସ୍ତୁତ୍ୱର ମୋଟାମୋଟି ୦.୨୫% ଜଳୀୟ ବାଷ୍ପ ଅଧିକାର କରିଥାଏ । ଜଳୀୟ ବାଷ୍ପର ସାନ୍ଦ୍ରତା ସର୍ବାଧିକ ଥଣ୍ଡା ସ୍ଥାନରେ ଆୟତନର ପ୍ରାୟ ୧୦ ପିପିଏମ ଥାଏ ଓ ଉତ୍ତପ୍ତ ତଥା ଆର୍ଦ୍ର ବାୟୁରେ ଆୟତନର ୫% ଥାଏ ଓ ଅନ୍ୟ ଗ୍ୟାସ୍‌ଗୁଡ଼ିକୁ ଶୁଷ୍କ ବାୟୁ ହିସାବରେ ଗ୍ରହଣ କରାଯାଏ । ଅନ୍ୟ ଗ୍ୟାସମାନଙ୍କୁ ନାମମାତ୍ର ଗ୍ୟାସ୍ ଭାବରେ ନିଆଯାଏ, ଯେଉଁଥିରେ ଗ୍ରୀନ ହାଉସ୍ ଗ୍ୟାସ୍ ଯଥା: ଅଙ୍ଗାରକାମ୍ଳ, ମିଥେନ୍, ନାଇଟ୍ରସ୍ ଅକ୍ସାଇଡ ଓ ଓଜୋନ ଥାଏ । ଫିଲ୍ଟର ହୋଇଥିବା ଗ୍ୟାସ୍‌ରେ ନାମମାତ୍ର ରାସାୟନିକ ଦ୍ରବ୍ୟ ଥାଏ । ଅନେକ ସ୍ଥାନୀୟ ତଥା ଋତୁ ଅନୁଯାୟୀ ପରିବର୍ତ୍ତିତ ପରିମାଣର ପଦାର୍ଥ ଏରୋସୋଲ୍ ଆକାରରେ ପ୍ରାକୃତିକ ବାୟୁରେ ଥାଏ ଯେପରିକି ଖଣିଜ ଜୈବିକ ପଦାର୍ଥର ଧୂଳି, ପରାଗ, ବୀଜାଣୁ, ସାମୁଦ୍ରିକ ସ୍ପ୍ରେ ଓ ଆଗ୍ନେୟ ଗିରି ପାଉଁଶ । ବିଭିନ୍ନ ପ୍ରଦୂଷଣକାରୀ ପଦାର୍ଥ ଯେପରିକି କ୍ଲୋରିନ, ଫ୍ଲୋରିନ୍ ଯୌଗିକ ପଦାର୍ଥ ଓ ମୌଳିକ ପାରଦ ବାଷ୍ପ ମଧ୍ୟ ବାୟୁରେ ଥାଏ । ହାଇଡ୍ରୋଜେନ ସଲ୍‌ଫାଇଡ ଓ ସଲ୍‌ଫର୍ ଡାଇଅକ୍ସାଇଡ ମଧ୍ୟ ପକ୍ରୃତିରୁ ତଥା କଳ କାରଖାନାରୁ ଉତ୍ପନ୍ନା ହୋଇ ବାୟୁ ପ୍ରଦୂଷଣ କରେ ।

ପରିବେଶର ଅନ୍ୟତମ ଅଙ୍ଗ ବାୟୁମଣ୍ଡଳ ଏକ ନିର୍ଦ୍ଦିଷ୍ଟ ଉଚ୍ଚତା ମଧ୍ୟରେ ପୃଥିବୀକୁ ଘେରି ରହିଛି । ବିଭିନ୍ନ ବାଷ୍ପର ଆନୁପାତିକ ମିଶ୍ରଣର ପରିପ୍ରକାଶ ହେଉଛି ବାୟୁମଣ୍ଡଳ । ଜୀବର ବଞ୍ଚିବାରେ ସହାୟକ ବାୟୁମଣ୍ଡଳ କ୍ରମଶଃ ସଂହାରକ ସାଜୁଛି । ତା'ର କାରଣ ବାୟୁର ବିଶୁଦ୍ଧତା କମୁଛି ଓ ପ୍ରଦୂଷଣ ବଢୁଛି । ବାୟୁମଣ୍ଡଳରେ ବିଷାକ୍ତ ତଥା କ୍ଷତିକାରକ ଉପାଦାନର ମାତ୍ରା ବଢିଯିବା ଦ୍ୱାରା ଏହାର ମାନ କମୁଛି । ଫଳରେ ଏହା ବ୍ୟବହାର ଅନୁପଯୁକ୍ତ ହେବା ସହିତ ନାନା ରୋଗ ସୃଷ୍ଟି ଓ ସଂକ୍ରମଣର କାରକ ସାଜୁଛି । ମଣିଷ ସହିତ ଅନ୍ୟ ଜୀବଜନ୍ତୁ, ଗଛଲତା ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । ବାୟୁ ପ୍ରଦୂଷଣ ଜଳବାୟୁ ପରିବର୍ତ୍ତନର କାରଣ । ପରିବେଶରେ ପ୍ରତିଟି ବାଷ୍ପର ପରିମାଣ ଓ ବିଶୁଦ୍ଧତା ବଜାୟ ରଖିବାରେ ଅନ୍ୟ ଜୀବଜନ୍ତୁ ଓ ଗଛଲତାଙ୍କର ଭୂମିକା ରହିଥିଲା ବେଳେ କେବଳ ମଣିଷ ଏହାକୁ ପ୍ରଦୂଷିତ କରିଚାଲିଛି । ବାୟୁ ପ୍ରଦୂଷଣ ଯୋଗୁ ବିଶ୍ୱରେ ବାର୍ଷିକ ପ୍ରାୟ ୪.୨ ନିୟୁତ ଲୋକ ଅକାଳରେ ମୃତ୍ୟୁବରଣ କରୁଛନ୍ତି । ପ୍ରଦୂଷିତ ବାୟୁର ପରିବ୍ୟାପ୍ତି ଏତେ ଅଧିକ ଯେ ପ୍ରାୟ ୯୧ ପ୍ରତିଶତ ଲୋକ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା ସ୍ଥିରୀକୃତ ବାୟୁର ମାନଠାରୁ ନିମ୍ନମାନର ସ୍ଥାନରେ ବସବାସ କରିବାକୁ ବାଧ ହେଉଛନ୍ତି । ବାୟୁ ପ୍ରଦୂଷଣ କଥା ଯଦି ବିଚାରକୁ ନେବା ତେବେ ବାୟୁମଣ୍ଡଳରେ ରାସାୟନିକ ପଦାର୍ଥ ଏବଂ କଣିକା ନିର୍ଗତ ଯୋଗୁଁ ହୋଇଥାଏ । ସାଧାରଣ ଗ୍ୟାସୀୟ ପ୍ରଦୂଷଣରେ କାର୍ବନ ମନୋକ୍ସାଇଡ୍, ସଲଫର୍ ଡାଇଅକ୍ସାଇଡ୍, କ୍ଲୋରୋଫ୍ଲୋରୋ କାର୍ବନ୍ ଏବଂ ଶିଳ୍ପ ଏବଂ ମୋଟର ଯାନଦ୍ୱାରା ଉତ୍ପାଦିତ ନାଇଟ୍ରୋଜେନ୍ ଅକ୍ସାଇଡ୍ ଅନ୍ତର୍ଭୁକ୍ତ । ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ହାଇଡ୍ରୋକାର୍ବନ୍ ସୂର୍ଯ୍ୟ କିରଣରେ ପ୍ରତିକ୍ରିୟାଶୀଳ ହୋଇଥିବାରୁ ଫୋଟୋକେମିକାଲ୍ ଓଜୋନ୍ ଏବଂ ଧୂଆଁ ସୃଷ୍ଟି ହୁଏ । ବୈଦ୍ୟୁତିକ ଚୁମ୍ବକୀୟ ପ୍ରଦୂଷଣ କଥା ଯଦି କହିବା ତେବେ ରେଡିଓ ତରଙ୍ଗ ଇତ୍ୟାଦି ଇଲେକ୍ଟ୍ରୋ-ଚୁମ୍ବକୀୟ ବିକିରଣର ଅତ୍ୟଧିକତା, ଯାହା ରେଡିଓ ତରଙ୍ଗ ଇତ୍ୟାଦିରେ ଲୋକମାନେ କ୍ରମାଗତ ଭାବରେ ପ୍ରକାଶ ପାଇଥାନ୍ତି । ଯଦିଓ ସେହି ପ୍ରକାରର ବିକିରଣର ମାନବ ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରଭାବ ଅଛି କି ନାହିଁ ତାହା ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ । ଆଲୋକ ପ୍ରଦୂଷଣ କଥା ଆଲୋଚନାକୁ ନେଲେ ଅଯଥା ଆଲୁଅ, ଅତ୍ୟଧିକ ଆଲୋକ ଏବଂ ଜ୍ୟୋତିର୍ମଣ୍ଡଳ ଦୁନିଆରେ ହସ୍ତକ୍ଷେପ ଅନ୍ତର୍ଭୁକ୍ତ କରେ । ଆବର୍ଜନାର ଦୁରୁପବ୍ୟବହାର: ଅନୁପଯୁକ୍ତ ମାନବ ନିର୍ମିତ ବସ୍ତୁକୁ, ସର୍ବସାଧାରଣ ଏବଂ ବ୍ୟକ୍ତିଗତ ସମ୍ପତ୍ତି ଉପରେ ଆଜେବାଜେ କରି ଫୋପାଡ଼ିବା । ଶବ୍ଦ ପ୍ରଦୂଷଣ କଥା କହିଲେ ଯାହା ସଡ଼କ ପଥ ଶବ୍ଦ, ବିମାନ ଶବ୍ଦ, ଶିଳ୍ପ ଶବ୍ଦ ଏବଂ ଉଚ୍ଚ-ତୀବ୍ରତାଯୁକ୍ତ ସୋନାରକୁ ଅନ୍ତର୍ଭୁକ୍ତ କରେ । ପ୍ଲାଷ୍ଟିକ୍ ପ୍ରଦୂଷଣ କହିଲେ ପରିବେଶରେ ପ୍ଲାଷ୍ଟିକ୍ ଉତ୍ପାଦ ଏବଂ ଛୋଟ ଛୋଟ ପ୍ଲାଷ୍ଟିକ ଟୁକୁଡ଼ା ଜମା ହେବା ସହିତ ବନ୍ୟଜନ୍ତୁ, ବନ୍ୟଜନ୍ତୁ ବାସସ୍ଥାନ କିମ୍ବା ମଣିଷ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ।

ଧୂଳି, ଧୂଆଁ, ଅତି ସୂକ୍ଷ୍ମକଣିକା ଏବଂ କିଛି ବିଷାକ୍ତ ବାଷ୍ପ ବାୟୁମଣ୍ଡଳକୁ ପ୍ରଦୂଷିତ କରିଥାନ୍ତି । ଏମାନଙ୍କ ଉତ୍ପତ୍ତିର ଉତ୍ସମାନ ହିଁ ବାୟୁ ପ୍ରଦୂଷଣକୁ ପ୍ରୋତ୍ସାହିତ କରିଥାନ୍ତି । ଶିଳ୍ପ, ଗାଡିମୋଟର, ଟ୍ରାଫିକ, ସଡକ ଧୂଳି, ଖଣିଖାଦାନ, ପରିବହନ ଇତ୍ୟାଦିରେ ବୃଦ୍ଧି ବାୟୁମଣ୍ଡଳର ମାନକୁ ନିମ୍ନକୁ ଟାଣିଚାଲିଛି । କଳକାରଖାନା, ଗାଡିମୋଟରରେ ଇନ୍ଧନ ଭାବେ ବ୍ୟବହୃତ କୋଇଲା, ପେଟ୍ରୋଲ, ଡିଜେଲ ଆଦି ଜୀବାଶ୍ମ ଜାଳେଣିରୁ ନିର୍ଗତ ସଲଫର ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ ତଥା ନାଇଟ୍ରୋଜେନ ଅକ୍ସାଇଡ ଦ୍ୱାରା ବାୟୁମଣ୍ଡଳ ବିଶେଷ ଭାବେ ପ୍ରଦୂଷିତ ହୋଇଥାଏ । ଆଧୁନିକ କୃଷି ପଦ୍ଧତିରେ ବ୍ୟବହୃତ ରାସାୟନିକ ସାର, ଔଷଧ, କୀଟନାଶକ ବହୁଳତା କାରଣରୁ ଆମୋନିଆ ଭଳି ବିପଦପୂର୍ଣ୍ଣ ଗ୍ୟାସ ପ୍ରଚୁରମାତ୍ରାରେ ବାୟୁମଣ୍ଡଳରେ ମିଶୁଛି । ଖଣି ଖନନ, ଖଣିଜ ପରିବହନ ସମୟରେ ପ୍ରଚୁରମାତ୍ରାରେ ଧୂଳି ଏବଂ ରାସାୟନିକ ପଦାର୍ଥ ବାୟୁରେ ମିଶି ଏହାକୁ ପ୍ରଦୂଷିତ କରୁଛି । ଜନସଂଖ୍ୟା ବୃଦ୍ଧିକୁ ତାଳଦେଇ ଗାଡିମୋଟର ସଂଖ୍ୟା ବଢିବାରେ ଲାଗିଛି । ସ୍ଥିତି ଏମିତି ହେଲାଣି ସହର ବଜାରରେ ସବୁବେଳେ ଲାଗିରହିଛି ଟ୍ରାଫିକ ଜାମ୍ । ଅନେକ ସମୟ ଧରି ଷ୍ଟାର୍ଟରେ ଥାଇ ରାସ୍ତା ଉପରେ ଗାଡିମୋଟର ଛିଡା ହୋଇ ରହୁଛି କିମ୍ବା ଅତି ନିମ୍ନ ବେଗରେ ଗତି କରୁଛି, ଯାହା ଅଧିକ ବିଷାକ୍ତ ବାଷ୍ପ ଛାଡି ବାୟୁ ପ୍ରଦୂଷଣ କରୁଛି । ସେହିପରି କଚ୍ଚା ରାସ୍ତାରେ ପରିବହନ ପାଇଁ ଅଧିକ ମାତ୍ରାରେ ଧୂଳି ଉଡି ବାୟୁରେ ମିଶୁଛି । ଶସ୍ୟ ଅମଳ ପରେ କ୍ଷେତରେ ନଡା କିମ୍ବା ଡମ୍ପିଂୟାର୍ଡ ବା ଘରୋଇ ବର୍ଜ୍ୟବସ୍ତୁ ଜଳାଇବା ଦ୍ୱାରା ପ୍ରଚୁର ଧୂଆଁ ସହିତ ସୂକ୍ଷ୍ମକଣିକା ବାୟୁରେ ମିଶୁଛି । ଫଳରେ ବାୟୁମଣ୍ଡଳରେ ଭାସମାନ ସୂକ୍ଷ୍ମ କଣିକା ମାତ୍ରା ବଢି ବାୟୁ ପ୍ରଦୂଷିତ ହେଉଛି । ବାୟୁ ପ୍ରଦୂଷଣକାରୀ ଏ ଯେଉଁ କେତୋଟି ପ୍ରମୁଖ ଉତ୍ସ ଓ ଉପାଦାନ କଥା କୁହାଗଲା ତାହା ମୁଖ୍ୟତଃ ମଣିଷର କାର୍ଯ୍ୟକଳାପ ସହିତ ସଂଯୋଜିତ । ଯେଉଁଠି ମଣିଷର ଏସବୁ କାର୍ଯ୍ୟକଳାପକୁ ଉନ୍ନତି ଓ ଆଧୁନିକତାର ମାପକାଠି ବୋଲି ଧରି ନିଆଯାଉଛି ସେପରି ସ୍ଥଳେ ବାୟୁ ପ୍ରଦୂଷଣ କମିବ କେମିତି ? ବାୟୁ ପ୍ରଦୂଷଣ ନିଃଶ୍ୱାସପ୍ରଶ୍ୱାସ, ହୃତ୍‌ପିଣ୍ଡ ସମ୍ବନ୍ଧୀୟ ରୋଗ ସାଙ୍ଗକୁ କର୍କଟ ରୋଗ ଭଳି ଅନେକ ପ୍ରକାରର ଶାରୀରିକ ଜଟିଳତା ବୃଦ୍ଧି କରିବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ, ଅମ୍ଳବୃଷ୍ଟି, ଓଜୋନ ସ୍ତର ଅବକ୍ଷୟ ଆଦି ପରିବେଶୀୟ ପ୍ରତିକୂଳ ପ୍ରଭାବ ସୃଷ୍ଟିରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ବାୟୁ ପ୍ରଦୂଷଣ । (ପ୍ରଥମ ଭାଗ)

# ଗାଁ ଦାଣ୍ଡରେ ବିଚାର

## କିଶୋର ଚନ୍ଦ୍ର ବେହେରା

"ଗ୍ରାମ ବିଚାର ନୀତି ହେଉଛି ଗ୍ରାମାଞ୍ଚଳର ସ୍ୱାୟତ୍ତ ଶାସନ ବ୍ୟବସ୍ଥା, ଯେଉଁଠାରେ ସ୍ଥାନୀୟ ଲୋକମାନେ ନିଜ ଅଞ୍ଚଳର ଉନ୍ନତି ଓ ସମସ୍ୟାର ସମାଧାନ ପାଇଁ ନିଜେ ନୀତି ନିର୍ମାଣ କରନ୍ତି । ଏହା ପଞ୍ଚାୟତିରାଜ ବ୍ୟବସ୍ଥା ଅଧୀନରେ ଗ୍ରାମସଭା ମାଧ୍ୟମରେ କାର୍ଯ୍ୟକାରୀ ହୁଏ, ଯେଉଁଥିରେ ଗ୍ରାମର ସାମୂହିକ ବିକାଶ ଓ ନିଷ୍ପତ୍ତି ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଏ । ସାଧାରଣ ଭାବରେ ଆମେ ନ୍ୟାୟିକ ବ୍ୟବସ୍ଥାକୁ ତର୍ଜମା କରିବା ତେବେ ଗୋଟିଏ ହେଉଛି ସାମ୍ବିଧାନିକ ନ୍ୟାୟ ବ୍ୟବସ୍ଥା ଓ ଦ୍ୱିତୀୟଟି ହେଉଛି ସର୍ବ ପୁରାତନ ସାମାଜିକ ନ୍ୟାୟିକ ବ୍ୟବସ୍ଥା ବିଶେଷ କରି ଗ୍ରାମାଞ୍ଚଳରେ ପରିଲକ୍ଷିତ ହୋଇଥାଏ । ଗ୍ରାମୀଣ ପାରମ୍ପରିକ ବିଚାର ବ୍ୟବସ୍ଥା ତିନୋଟି ପ୍ରମୁଖ ବିଷୟ ଉପରେ ଆଲୋଚନା କରାଯାଇପାରେ ପାରିବାରିକ ବିଶୃଙ୍ଖଳା, ଜାତିଆଣ ଭେଦଭାବ ଓ ଗୋଷ୍ଠୀଗତ କନ୍ଦଳକୁ ନେଇ ବିଚାର ବିମର୍ଶ କରାଯାଇଥାଏ । ପରିବାର ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲେ ପରିବାରର ମୁରବୀ ଏବଂ ଆତ୍ମୀୟ ସ୍ୱଜନ ବୟୋଜ୍ୟେଷ୍ଠଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ ହୋଇଥାଏ ।

ଅବାଧ, ମୁକ୍ତ ଓ ନିରପେକ୍ଷ ନ୍ୟାୟିକ ବିଚାର ହେଉଛି ଏକ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳଦୁଆ, ଯେଉଁଠାରେ ନ୍ୟାୟପାଳିକା କାର୍ଯ୍ୟପାଳିକା ଓ ବିଧାନସଭାର ହସ୍ତକ୍ଷେପରୁ ମୁକ୍ତ ରହି ସମ୍ବିଧାନ ଓ ନାଗରିକଙ୍କ ଅଧିକାର ରକ୍ଷା କରେ । ଏହା ଦ୍ୱାରା ଦୁର୍ବଳ ଶ୍ରେଣୀଙ୍କୁ ସୁରକ୍ଷା ମିଳିବା ସହ ସମାନତା ଓ ନ୍ୟାୟିକ ସ୍ୱାଧୀନତା ନିଶ୍ଚିତ ହୁଏ । ଭାରତୀୟ ସମାଜ ବିବିଧ ଉପାଦାନରେ ଗଢା ଏକ ମିଶ୍ର ସମାଜ । ସେହି ବିବିଧ ଉପାଦାନମାନଙ୍କୁ ଏକତା ସୂତ୍ରରେ ଆବଦ୍ଧ କରିବା ନିମନ୍ତେ ଯେଉଁ ସବୁ ବର୍ତ୍ତମାନ ଆବଶ୍ୟକ ସେଥିମଧ୍ୟରୁ ସାମାଜିକ ନ୍ୟାୟ ଅନ୍ୟତମ । ଏକଥା ଆମ ଭାରତୀୟ ସଂସ୍କୃତିର ଏକ ଅନନ୍ୟ ପରମ୍ପରା । ସ୍ୱାଧୀନତା ସହ ନ୍ୟାୟିକ ଅଧିକାର ଜଡିତ । ସାଧାରଣ ଲୋକଟିଏ ଯଦି ନ୍ୟାୟ ପାଇବାରୁ ବଞ୍ଚିତ ହୁଏ, ତେବେ ତାହାର ବ୍ୟକ୍ତିଗତ ସ୍ୱାଧୀନତା ଏବଂ ଧନ ଓ ଜୀବନ ଉପରେ ଥିବା ଅଧିକାର ସଙ୍କୁଚିତ ହୁଏ । ତେଣୁ ଆମ ଗଣତନ୍ତ୍ରରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ଭଳି ବିଚାର ବ୍ୟବସ୍ଥାକୁ ପ୍ରମୁଖ ସ୍ତମ୍ଭ ଭାବେ ଗ୍ରହଣ କରାଯାଇଛି । ତେବେ ବିଗୁଡୁଥିବା ବ୍ୟବସ୍ଥାରେ ନୀତି ଓ ନୈତିକତା ହ୍ରାସ ପାଉଥିବାରୁ ସାମାଜିକ, ରାଜନୈତିକ, ସାଂସ୍କୃତିକ, ଆର୍ଥିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଅଧୋପତନ ଘଟୁଛି । ଫଳରେ ସମ୍ବିଧାନ ପ୍ରଦତ୍ତ ସମାନତାର ଅଧିକାର ଓ ବଞ୍ଚିବାର ଅଧିକାର ସହିତ ମୌଳିକ ଅଧିକାରରୁ ବହୁ ଲୋକ ବଞ୍ଚିତ ହେଉଥିବା ବେଳେ ଧନିକ ଶ୍ରେଣୀ ଓ ପ୍ରଭାବଶାଳୀ ଗୋଷ୍ଠୀ ଏଥିରୁ ବିଶେଷ ଫାଇଦା ନେଇଚାଲିଛନ୍ତି । ସାମାଜିକ ନ୍ୟାୟର ଅର୍ଥ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ କିମ୍ବା ଶ୍ରେଣୀ ଆଧାରରେ ଭେଦଭାବର ଅନୁପସ୍ଥିତ ଓ ସମସ୍ତଙ୍କୁ ସମାନ ସାମାଜିକ ସୁଯୋଗ ପ୍ରଦାନ । ଏହା ମଧ୍ୟ ରାଷ୍ଟ୍ର ଦ୍ୱାରା ସ୍ୱତନ୍ତ୍ର ସୁବିଧାର ଉଚ୍ଛେଦ ଓ ଅସମତା ଦୂରୀକରଣ ବା ହ୍ରାସକୁ ବୁଝାଏ । ବ୍ୟକ୍ତିର ସ୍ୱାର୍ଥ ଅପେକ୍ଷା ସମାଜ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ପ୍ରଦାନ କରିବା ଏବଂ ବଞ୍ଚିତ ଓ ଅବହେଳିତ ଶ୍ରେଣୀର ଲୋକଙ୍କ ପାଇଁ କଲ୍ୟାଣମୂଳକ କାର୍ଯ୍ୟ କରିବା ରାଷ୍ଟ୍ରର କର୍ତ୍ତବ୍ୟ ।

ଭାରତ ହେଉଛି ବିଶ୍ୱର ସର୍ବ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ।ଗଣତନ୍ତ୍ରରେ ସରକାରର ୩ଟି ଅଙ୍ଗ ବା ଶାଖା ଥାଏ, ବ୍ୟବସ୍ଥାପକ ସଭା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା । ବ୍ୟବସ୍ଥାପକ ସଭା ଆଇନ ପ୍ରଣୟନ କରୁଥିବାବେଳେ କାର୍ଯ୍ୟପାଳିକା ଏହାକୁ କାର୍ଯ୍ୟକାରୀ କରେ ।

ସେହିପରି ବିଚାରବିଭାଗ ଏହି ଆଇନ ଗୁଡିକର ତର୍ଜମା, ବ୍ୟାଖ୍ୟା ଓ ସମୀକ୍ଷା କରେ ତଥା ଦୋଷୀକୁ ଦଣ୍ଡବିଧାନ କରେ । ଓଡ଼ିଶାର ପାରମ୍ପରିକ ଗ୍ରାମୀଣ ସମାଜରେ 'ଗାଁ ଦାଣ୍ଡରେ ବିଚାର' ହେଉଛି ଏକ ମୁଖ୍ୟ ନ୍ୟାୟିକ ବ୍ୟବସ୍ଥା । ଗାଁର ମୁରବି ବା ପଞ୍ଚାୟତ ଦ୍ୱାରା ଦାଣ୍ଡରେ ବସି ସାମାଜିକ ବିବାଦ, ପାରିବାରିକ ମାମଲା ଏବଂ ଗ୍ରାମ୍ୟ ସମସ୍ୟାର ସମାଧାନ କରାଯାଏ, ଯାହା ଶୀଘ୍ର ନ୍ୟାୟ ଏବଂ ସାମାଜିକ ସଂହତି ବଜାୟ ରଖିବାରେ ସାହାଯ୍ୟ କରେ । ସମାଜସ୍ତରୀୟ ସମାଧାନ ଥାନା ବା କୋର୍ଟକୁ ନଯାଇ ଗାଁ ମଧ୍ୟରେ ସମସ୍ୟା ସମାଧାନ କରାଯାଏ । ମୁରବିଙ୍କ ଭୂମିକା ଗାଁର ମାନ୍ୟଗଣ୍ୟ ବ୍ୟକ୍ତି ବା ମୁରବିମାନେ ମଧ୍ୟସ୍ଥତା କରନ୍ତି । ତାତ୍କାଳିକ ନ୍ୟାୟ ଛୋଟ ଛୋଟ ବିବାଦର ଶୀଘ୍ର ଫଇସଲା ହୁଏ । ସାମାଜିକ ଶୃଙ୍ଖଳା ଏହା ଗାଁରେ ଶୃଙ୍ଖଳା ଓ ଭାଇଚାରା ବଜାୟ ରଖିବାରେ ସହାୟକ ହୁଏ ।

ତେବେ, ବର୍ତ୍ତମାନ ସମୟରେ ଏହି ପ୍ରଥା ସହ ଆଇନଗତ ବ୍ୟବସ୍ଥାର ମଧ୍ୟ ପ୍ରୟୋଗ ଦେଖିବାକୁ ମିଳୁଛି । ନ୍ତଗାଁ ଦାଣ୍ଡରେ ବିଚାରନ୍ତ ଓଡ଼ିଆ ସଂସ୍କୃତିରେ ଗ୍ରାମୀଣ ବିବାଦର ସମାଧାନ ପାଇଁ ଏକ ପାରମ୍ପରିକ ଓ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା । ଏହା ସାଧାରଣତଃ ଗାଁର ମୁଖ୍ୟ ପଞ୍ଚାୟତ, ଭଦ୍ରବ୍ୟକ୍ତି ଏବଂ ବୟସ୍କମାନଙ୍କ ଉପସ୍ଥିତିରେ ଗ୍ରାମ ଦେବତାଙ୍କ ନିକଟରେ କିମ୍ବା ମୁଖ୍ୟ ରାସ୍ତାରେ ଆୟୋଜିତ ହୋଇଥାଏ । ଗାଁର ମଙ୍ଗଳ ପାଇଁ ଧାର୍ମିକ ବିଧିବିଧାନ, ସାମାଜିକ ବିବାଦ କିମ୍ବା ଗୁରୁତର ଘଟଣାର ସମାଧାନ କରାଯାଏ । ଆଇନ ଶୃଙ୍ଖଳା ଉଗ୍ର ରୂପ ନେଲେ ପୋଲିସ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ବିଚାର ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ । ସାଂସ୍କୃତିକ ଦିଗ କ୍ଷେତ୍ରରେ ଅନେକ ସମୟରେ ଦଣ୍ଡନାଚ ପରି ପରମ୍ପରା ଗାଁ ଦାଣ୍ଡରେ ଦେଖିବାକୁ ମିଳେ । ଏହି ପ୍ରକ୍ରିୟା ଗାଁରେ ଏକତା ଓ ଶାନ୍ତି ବଜାୟ ରଖିବାରେ ସହାୟକ ହୋଇଥାଏ ।

ଗ୍ରାମ ବିଚାର ନୀତି ହେଉଛି ଗ୍ରାମାଞ୍ଚଳର ସ୍ୱାୟତ୍ତ ଶାସନ ବ୍ୟବସ୍ଥା, ଯେଉଁଠାରେ ସ୍ଥାନୀୟ ଲୋକମାନେ ନିଜ ଅଞ୍ଚଳର ଉନ୍ନତି ଓ ସମସ୍ୟାର ସମାଧାନ ପାଇଁ ନିଜେ ନୀତି ନିର୍ମାଣ କରନ୍ତି । ଏହା ପଞ୍ଚାୟତିରାଜ ବ୍ୟବସ୍ଥା ଅଧୀନରେ ଗ୍ରାମସଭା ମାଧ୍ୟମରେ କାର୍ଯ୍ୟକାରୀ ହୁଏ, ଯେଉଁଥିରେ ଗ୍ରାମର ସାମୂହିକ ବିକାଶ ଓ ନିଷ୍ପତ୍ତି ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଏ । ସାଧାରଣ ଭାବରେ ଆମେ ନ୍ୟାୟିକ ବ୍ୟବସ୍ଥାକୁ ତର୍ଜମା କରିବା ତେବେ ଗୋଟିଏ ହେଉଛି ସାମ୍ବିଧାନିକ ନ୍ୟାୟ ବ୍ୟବସ୍ଥା ଓ ଦ୍ୱିତୀୟଟି ହେଉଛି ସର୍ବ ପୂରାତନ ସାମାଜିକ ନ୍ୟାୟିକ ବ୍ୟବସ୍ଥା ବିଶେଷ କରି ଗ୍ରାମାଞ୍ଚଳରେ ପରିଲକ୍ଷିତ ହୋଇଥାଏ । ଗ୍ରାମୀଣ ପାରମ୍ପରିକ ବିଚାର ବ୍ୟବସ୍ଥା ତିନୋଟି ପ୍ରମୁଖ ବିଷୟ ଉପରେ ଆଲୋଚନା କରାଯାଇପାରେ ପାରିବାରିକ ବିଶୃଙ୍ଖଳା, ଜାତିଆଣ ଭେଦଭାବ ଓ ଗୋଷ୍ଠୀଗତ କନ୍ଦଳକୁ ନେଇ ବିଚାର ବିମର୍ଶ କରାଯାଇଥାଏ । ପରିବାର ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲେ ପରିବାରର ମୁରବୀ ଏବଂ ଆତ୍ମୀୟ ସ୍ୱଜନ ବୟୋଜ୍ୟେଷ୍ଠଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ ହୋଇଥାଏ । ଜାତିଆଣ ଭେଦଭାବ ବିଶେଷ କରି ଅନ୍ୟ ଜାତିରେ ବିବାହ କରିବା ଏକ ସାମାଜିକ ପ୍ରତିବନ୍ଧକ, ଯାହାକୁ ନେଇ ସେହି ପରିବାରର ସମସ୍ତ ସଦସ୍ୟଙ୍କୁ ନିଆଁ ପାଣି ବାସନ୍ଦ କରିବା ସହ କୌଣସି ସାମାଜିକ କାର୍ଯ୍ୟରେ ଯୋଗଦାନ କରିବାକୁ ବାରଣ କରାଯାଇଥାଏ । ଏପରିକି ସେହି ପରିବାରର ସଦସ୍ୟ ମୃତ୍ୟୁବରଣ କଲେ ଜାତି କିମ୍ବା କୁଟୁମ୍ବର ଲୋକମାନେ ଶବସତ୍କାର ସମୟରେ ଅନୁପସ୍ଥିତ ରହିଥାନ୍ତି । ଗୋଷ୍ଠିଗତ ବିଶୃଙ୍ଖଳା ଗାଁ ପାଇଁ ବିପଦ ସୃଷ୍ଟି କରିଥାଏ । ଉଭୟ ଗୋଷ୍ଠୀର ସଦସ୍ୟଙ୍କ ଉପସ୍ଥିତିରେ ଅଞ୍ଚଳର ବରିଷ୍ଠ ନାଗରିକ, ମୁଖିଆ, ନିର୍ବାଚିତ ଜନପ୍ରତିନିଧି ଓ ଜ୍ଞାନୀଗୁଣୀ ବ୍ୟକ୍ତିବିଶେଷଙ୍କ ଉପସ୍ଥିତରେ ସମସ୍ୟାର ସମାଧାନ କରାଯାଇଥାଏ । ସେହି ଭଦ୍ର ମଣ୍ଡଳର ସେହି ନିଷ୍ପତ୍ତିକୁ ଉଭୟ ପକ୍ଷର ସଦସ୍ୟମାନେ ଗ୍ରହଣ କରିଥାନ୍ତି । ନିର୍ଦ୍ଧାରିତ ସମୟରେ ଜୋରିମାନା ଅର୍ଥ ରାଶି କିମ୍ବା ଅନ୍ୟାନ୍ୟ ଦ୍ରବ୍ୟ ପୈଠ କରିବାକୁ ବାଧ ହୋଇଥାନ୍ତି । ଗାଁର ମୌଖିକ ସାମାଜିକ ନ୍ୟାୟ ସମ୍ବିଧାନର ଲିଖିତ ନ୍ୟାୟିକ ବ୍ୟବସ୍ଥା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଯେଉଁଠିକି ନଥାଏ କୋର୍ଟ କଚେରିକୁ ଦୌଡିବାର ଭୟ କିମ୍ବା ଅଯଥା ଖର୍ଚ୍ଚାନ୍ତ ହୋଇ ସମୟସାପେକ୍ଷ ହେବାର ପରିଣାମ । ଗ୍ରାମର ବିକାଶମୂଳକ କାର୍ଯ୍ୟ ପାଇଁ ଗ୍ରାମବାସୀ ନିଜେ ନିଷ୍ପତ୍ତି ନେଇଥାନ୍ତି । ବିଶିଷ୍ଟ ପ୍ରାଚୀନ ଗ୍ରୀକ୍ (ଆଥେନ୍ସ) ଦାର୍ଶନିକ ସକ୍ରେଟିସ ଗ୍ରାମ୍ୟ ନ୍ୟାୟ ସଂପର୍କରେ ବ୍ୟାଖ୍ୟା କରି କହିଛନ୍ତି, ନ୍ୟାୟ କେବଳ ଆମର ବନ୍ଧୁମାନଙ୍କୁ ଭଲ କରିବା ଏବଂ ଶତ୍ରୁମାନଙ୍କୁ କ୍ଷତି କରିବା, କିମ୍ବା ନିଜ ସ୍ୱାର୍ଥ ଅନୁସରଣ କରିବା ଅର୍ଥ ନୁହେଁ । ନ୍ୟାୟରେ ସମସ୍ତ ଲୋକଙ୍କ ମଙ୍ଗଳ ପାଇଁ ଅନ୍ତର୍ଭୁକ୍ତ ।

କୋରାପୁଟ
ମୋ- ୯୪୩୭୯୫୫୫୬୮

19. 05.2026.pmd 1 5/18/2026, 6:19 PM

ଏହା ସହିତ ଏହି ସମସ୍ୟାର ଏକ ସ୍ଥାୟୀ ସମାଧାନ ନିମନ୍ତେ 'କମ୍ପ୍ୟୁଟର ଆଧାରିତ ପରୀକ୍ଷା'ଆଡ଼କୁ

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି

ବଣାଇ,(ନିପ୍ର): ବଣାଇ ଉପଖଣ୍ଡ ଅନ୍ତର୍ଗତ କୋଇଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହ ଠାରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡା.ଶୁଭଙ୍କର ମହାପାତ୍ର ଜନ ସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଯୁଗ୍ମ ଜନଶୁଣାଣୀ କରିଛନ୍ତି । ଉକ୍ତ କର୍ଯ୍ୟକ୍ରମରେ ମୋଟ:୮୦ ଗୋଟି ଅଭିଯୋଗ ପଞ୍ଜୀକତ ହେଇଥିଲା। ସେଥିମଧ୍ୟରୁ ୧୦ଗୋଟି ଅଭିଯୋଗ ବ୍ୟକ୍ତିଗତ ରହିଥିବା ବେଳେ ସାମୂହିକ ଭାବେ ୭୦ ଗୋଟି ଅଭିଯୋଗ ଆସିଥିଲା । ସାମୂହିକ ଅଭିଯୋଗମଧରେ ରାସ୍ତା, ପାନୀୟ ଜଳ,



ଖଣି,ତଥା ଶାନ୍ତି ଶୃଙ୍ଖଳା ପ୍ରଭୃତି ସମସ୍ୟା ମାନ ରହିଥିଲା । ଏହି କାର୍ଯ୍ୟକ୍ରମରେ ଜଣକୁ ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଉକ୍ତ ଜନ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ, ରାଉରକେଲା ଏସ୍. ପି. ନୀତିସ ୱାଧାନୀ, ବଣାଇ ଉପ-ଜିଲ୍ଲାପାଳ ଅଶେକ୍ଷକ ଦାସ, ପି. ଏ.ଆଇ. ଟି. ଡି. ଏ ସ୍ୱଦୀପ ଟପେକ୍ଷଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

## ଉପଖଣ୍ଡସ୍ତରୀୟ ଠିକାଦାର ସଂଘ ବୈଠକ
## ସିଡ୍ୟୁଲ ହାରରେ ଟେଣ୍ଡର ପକାଇବା ନିଷ୍ପତ୍ତି

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଟାଉନହଲ ଠାରେ ରବିବାର ଉପଖଣ୍ଡ ସ୍ତରୀୟ ଠିକାଦାର ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର,ରେଢ଼ାଖୋଲ, କୁଚିଣ୍ଡା ଉପଖଣ୍ଡର ଠିକାଦାର ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। କୁଚିଣ୍ଡା ଉପଖଣ୍ଡ ଠିକାଦାର ସଂଘ ସଭାପତି ସୁଶୀଳ କୁମାର ନାୟକଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ସମ୍ବଲପୁର ଜିଲ୍ଲା ଠିକାଦାର ସଂଘ ସଭାପତି ପ୍ରଦୀପ କୁମାର ପଣ୍ଡା,ଉପସଭାପତି ଶିବଶମ୍ଭୁ ନନ୍ଦ ଓ ସୁଧାଂଶୁ ମହାନ୍ତି,ସାଧାରଣ ସଂପାଦକ ତୁଷାର ପ୍ରଧାନ, ରେଢାଖୋଲ ଉପଖଣ୍ଡ ସଭାପତି ରାଜୀବ ଲୋଚନ ପ୍ରଧାନ, କୁଚିଣ୍ଡା ଉପଖଣ୍ଡ ସାଧାରଣ ସମ୍ପାଦକ ରାଜୀବ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କର୍ମକର୍ତ୍ତା ମାନେ ସଂଘକୁ ସୁଦୃଢ କରି ଉତ୍ତମ ମାନର କାମ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ସିଡ୍ୟୁଲ ରେଟରେ




ଟେଣ୍ଡର ପକାଇବା, ୧୦କୋଟି ଟଙ୍କା ମଧ୍ୟରେ ଟେଣ୍ଡରକୁ ଜିଲ୍ଲା ବାହାର ଠିକାଦାରଙ୍କୁ ପୁରାଇ ନ ଦେବା ଓ ଲେସ ରେଟରେ ଟେଣ୍ଡର ନ ପକାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କୁନାଲ ଚକ୍ରବର୍ତ୍ତୀ,ସୁରେନ୍ଦ୍ର ମହାନ୍ତି,ନରେଶ ପଟେଲ, ରାଜୀବ ଶର୍ମ୍ମା,କମଲଜିତ ପଟେଲ,ସନାତନ ପରିଡା, ଅମିତ ସିଂ,ବିବେକ ରାୟ,ସଞ୍ଜିତ ଶର୍ମ୍ମା,ପ୍ରଶାନ୍ତ ସାହୁ, ସୁଶାନ୍ତ ଦ୍ୱିବେଦୀ,ଶ୍ରୀକାନ୍ତ ପଟେଲ,ପ୍ରତାପ ଶର୍ମ୍ମା, ରୋହିତ ଅଗ୍ରୱାଲ,ଶ୍ୟାମ ଅଗ୍ରୱାଲ,ପ୍ରାଣପ୍ରିୟ ପଟେଲ, ରଞ୍ଜିତ ଶର୍ମ୍ମା, ଯୋଗେଶ ଚନ୍ଦ୍ର ନାୟକ,ଅଙ୍ଗଦ ରାୟ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

## ଶ୍ରୀମନ୍ଦିର ଭଉଁରୀ ଯାତ୍ରାରେ ପ୍ରଚାର ସମିତିର ଯୋଗଦାନ

ଭଦ୍ରକ,(ନିପ୍ର): ନୀଳାଚଳ କ୍ଷେତ୍ର ପୁରୀରେ ପ୍ରଚଳିତ ଥିବା ଭଉଁରୀ ଯାତ୍ରାରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଦ୍ୱାରା ଅନୁବନ୍ଧିତ ହୋଇଥିବା ଓ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ ପୁରୀ ସହାୟତାରେ ଭଦ୍ରକ ଜିଲ୍ଲାର ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଓ ବାଲେଶ୍ୱର ଜିଲ୍ଲାର ୫ଟି ସଂକୀର୍ତ୍ତନ ମଣ୍ଡଳୀ ପ୍ରଚାର ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁ ଓ ସହ ଆବାହକ ବାବୁଲାଲ ଦାସ, ରାଜେନ୍ଦ୍ର ପ୍ରସାଦ ଅଗସ୍ତିଙ୍କ ନେତୃତ୍ୱରେ ଭଉଁରୀ ଯାତ୍ରାର ଯୋଗଦାନ କରି ସଂକୀର୍ତ୍ତନ ପରିବେଷଣ କରିଥିଲେ । ଭଦ୍ରକ ସଂକୀର୍ତ୍ତନ ମଣ୍ଡଳୀର ତତ୍ତ୍ୱାବଧାର ସୁରେନ୍ଦ୍ର ପ୍ରସାଦ ନାୟକ, ଦୁର୍ଗଚରଣ ନାୟକ, ରତିକାନ୍ତ ନାୟକ ଓ ବାଲେଶ୍ୱର ଜିଲ୍ଲାର କୈଳାସ ଚନ୍ଦ୍ର ବେହେରା, ଅନ୍ନପୂର୍ଣ୍ଣା ଦାଶ, ସୁକାନ୍ତି ନାୟକ, ଜୟନ୍ତୀ ପୁଥାଳ, କନକଲତା ପୁଥାଳ ଯୋଗଦାନ କରିଥିଲେ ।

## ଡାବୁଗାଁରେ ଜଗନ୍ନାଥ ଲୋକ କଳା ପରିଷଦର ବୈଠକ

ଡାବୁଗାଁ,(ନିପ୍ର): ଡାବୁଗାଁରେ ଜଗନ୍ନାଥ ଲୋକ କଳା ପରିଷଦର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଅର୍ଜୁନ ଭତ୍ରା ଓ ସଂପାଦକ ଅଶୋକ ପାତ୍ର ବୈଠକ କୁ ପରିଚାଳନା କରିଥିଲେ। ରାଜ୍ୟ ଉପ ସଭାପତି ବାବୁଲା ପାଳ, ହିନ୍ଦୁ ମହାସଂଘ ପ୍ରମୁଖ



ସୂର୍ଯ୍ୟବଂଶୀ ଜୟନ୍ତ, କୋଷାଧକ୍ଷ ରାମ ମୋହନ ଚୌଧୁରୀ, ସହ ସଂପାଦକ ଭବାନୀ ଶଙ୍କର ବିଷୟୀ, ରବିନ୍ଦ୍ର ବିଶ୍ୱାସରାୟ, ତ୍ରୀନାଥ ସିଂ, ସିରା ସୌରା, ମୁନା ଭାଟ, ସଦନ ସୌରା ପ୍ରମୁଖ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ

ପୁରୀ,(ନିପ୍ର): ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆର୍ଶୀବାଦ ଓ ଦର୍ଶନ କରିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ। ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବାପରେ ନୀତିନ ନବୀନଙ୍କ ଏହା ପ୍ରଥମ ଓଡିଶା ଗସ୍ତ। ସାଙ୍ଗରେ ଥିଲେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା,ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ସମ୍ବିତ ପାତ୍ର। କଡା ସୁରକ୍ଷା ମଧ୍ୟରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ତାଙ୍କୁ ପ୍ରଶାସନ, ବିଜେପି ନେତୃବୃନ୍ଦ ଓ ସେବାୟତଙ୍କ ତରଫରୁ ସ୍ୱାଗତ କରାଯାଇ ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ଶ୍ରୀମନ୍ଦିର ଭିତରେ ପ୍ରାୟ ୩୦ ମିନିଟ୍ ସମୟ ଅତିବାହିତ କରି ରତ୍ନସିଂହାସନରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ଓ ଆର୍ଶୀବାଦ ନେବାସହ ପାର୍ଶ୍ୱଦେବାଦେବୀଙ୍କ ଦର୍ଶନ ମଧ୍ୟ କରିଥିଲେ। ତେବେ ମହାପ୍ରଭୁଙ୍କ ଦର୍ଶନ ସମୟରେ ନୀତିନ ନବୀନ ବେଶ୍ ଭାବବିହୋଳ ହୋଇପଡିଥିଲେ। ଦର୍ଶନ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି ନୀତିନ ନବୀନ। ମହାପ୍ରଭୁଙ୍କ ଦର୍ଶନ କରି ସେ ବେଶ୍ ଖୁସି ପ୍ରକଟ କରିବା ସହ ତାଙ୍କ ଆର୍ଶୀବାଦ ନେଇଛନ୍ତି। ଦେଶର ତଥା ରାଜ୍ୟର ମଙ୍ଗଳ କାହନା କରିବା ସହ ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପି ବାଜିମାତ୍ କରିଥିବାରୁ ସେ ମହାପ୍ରଭୁଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ। ପିଲାବେଳେ ଥରୁଟିଏ ସେ ଶ୍ରୀମନ୍ଦିର ଆସିଥିବା ବେଳେ ଆଜି ଦ୍ୱିତୀୟ ଥର ପାଇଁ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଆର୍ଶୀବାଦ ଓ ଦର୍ଶନ କରିଥିବା କହିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ। ଶ୍ରୀମନ୍ଦିରରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ବ୍ୟାରିକେଡ୍‌ରେ ରହିଥିବା ଭକ୍ତ ଶ୍ରଦ୍ଧାଳୁଙ୍କୁ ଉଭୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ହାତ ହଲାଇ ଅଭିବାଦନ ଜଣାଇଥିଲେ। ଏହାପରେ ସମସ୍ତେ ସିଧାସଳଖ ପୁରୀ ସାଂସଦ ସମ୍ବିତ ପାତ୍ରଙ୍କ ପୁରୀସ୍ଥିତ ବାସଭବନକୁ ଯାଇ ମହାପ୍ରସାଦ ସେବନ କରି ଭୁବନେଶ୍ୱର ଫେରିଯାଇଥିବା ଜଣାପଡ଼ିଛି।



## ରାୟଗଡ଼ାରେ ନିଦାଘ ଉତ୍ସବ, ସୀମାନ୍ତରେ ଭାଷାର ବିକାଶ

ରାୟଗଡ଼ା,(ନି:ପ୍ର): ସୁରକ୍ଷା, ଓ ଉନ୍ନତି ପାଇଁ ସାମୂହିକ ଭାବେ ଯତ୍ପରୋନାସ୍ତି ଉଦ୍ୟମ ଅବ୍ୟାହତ ରହିବ। ଓଡିଶା ସୀମାନ୍ତରେ ଅବସ୍ଥିତ ଥିବା ଜିଲ୍ଲା ଗୁଡିକରେ ଲୋପ ପାଇଯାଉଥିବା ଓଡିଆ ଭାଷା ଓ ସଂସ୍କୃତିର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ଆମେ ପ୍ରତିଶ୍ରୁତି ବଦ୍ଧ ବୋଲି ଉତ୍କଳ ସାହିତ୍ୟ ସମାଜ ଓ ଓଡ଼ିଆ ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଆୟୋଜିତ ନିଦାଘ ମହୋତ୍ସବ ରେ ଆମନ୍ତ୍ରିତ ଅତିଥି ମାନେ ଉକ୍ତ ମତ ପ୍ରଦାନ କରିଥିଲେ। ରାୟଗଡ଼ା ଉତ୍କଳଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ ସମ୍ମିଳନୀ ଭବନରେ ଆୟୋଜିତ ଉତ୍କଳ ସାହିତ୍ୟ ସମାଜ ରାୟଗଡ଼ା ଶାଖା ଆବାହକ ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମାଜର ମୁଦ୍ରାକର ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି, ଅତିରିକ୍ତ(ସାଧାରଣ),ଜିଲ୍ଲାପାଳ ନବିନ ଚନ୍ଦ୍ର ନାୟକ,ଉତ୍କଳ ସାହିତ୍ୟ ସମାଜର ଉପ ସଭାପତି ସୁଶାନ୍ତ କୁମାର ନାୟକ ସମ୍ମାନିତ ଅତିଥି ଓ ଉତ୍କଳ ସାହିତ୍ୟ ସମାଜ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଓଡ଼ିଆ ଭାଷା ବଞ୍ଚିଲେ ଆମେ ବଞ୍ଚିବା। ସୀମାନ୍ତ ଅଂଚଳରେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ଅଗ୍ରାଧିକାର ପ୍ରଦାନ କରି ଏହାର ଉତ୍ତରୋତ୍ତର ଉନ୍ନତି କାମନା ସହ ଏହି ଶାସ୍ତ୍ରୀୟ ଭାଷାର ଅଭିବୃଦ୍ଧି ସକାଶେ ଭାଷା ସାହିତ୍ୟ ଅନୁଷ୍ଠାନ ଗୁଡିକର ଏକ ପ୍ରମୁଖ ଭୂମିକା ରହିଥିବା ବେଳେ ଉତ୍କଳ ସାହିତ୍ୟ ସମାଜ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ବହନ କରିବା ଅତ୍ୟନ୍ତ ଜରୁରୀ ବୋଲି ସମ୍ମିଳନୀରେ ଆମନ୍ତ୍ରିତ ବକ୍ତାମାନେ ମତ ପ୍ରଦାନ କରିଥିଲେ।ଉକ୍ତ ଉତ୍ସବରେ ସଂଯୋଜୋକୋ ରାଜେଶ୍ କୁମାର ପାଢ଼ୀ, ଶିବ ପ୍ରସାଦ ମିଶ୍ର, ନିଜ ନିଜ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ନୀଳମଣି ପାଟୋଜୋଷି ଉପସ୍ଥିତ ଅତିଥି ଓ ଓଡ଼ିଆ ଭାଷା ସାହିତ୍ୟ,ସଂସ୍କୃତି ପ୍ରେମୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତୀୟ ମଜଦୁର ସଂଘ ଗୁଡାରୀ ବ୍ଲକ ସମ୍ମିଳନୀ ଏବଂ ନୂତନ କର୍ମକର୍ତ୍ତା

ଗୁଡାରୀ,(ନି:ପ୍ର): ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୂର ସଂଘର ଗୁଡାରୀ ନୂଆ ବସ ଷ୍ଟାଣ୍ଡ ନିକଟ ତୁମ୍ବୁଲୁପାଡୁ ତୋଟା ପରିସରରେ ବିଏମଏସ ଗୁଡାରୀ ବ୍ଲକର ସମ୍ମିଳନୀ ସହ ନୂତନ କର୍ମକର୍ତ୍ତା ଚୟନ ରାଜ୍ୟ ଓ ଜିଲ୍ଲା ପଦାଧିକାରୀ ମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ ଆଜି ପୂର୍ବାହ୍ନ ସମୟରେ ଭାରତୀୟ ମଜଦୂର ସଂଘର ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ସମ୍ମାନିତ ଅତିଥି ଭାବେ ବିଏମଏସ ଜିଲ୍ଲା ସଭାପତି ମୋହନ ରାଓ ମାଝୀ , ଜିଲ୍ଲା କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗ, ରମାଦେବୀ ବାଉରୀ , ନିରଞ୍ଜନ ସେନାପତି, ଗୀତାଞ୍ଜଳି



ହିଆଲ , ତମାଲ ସାହୁକାର ଉପସ୍ଥିତ ରହି ଆନୁଷ୍ଠାନିକ ରୂପେ ମାଁ ଭାରତୀ, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବିଏମଏସ ପ୍ରତିଷ୍ଠାତା ପରମ ପୂଜନୀୟ ଦନ୍ତୋପନ୍ତ ଠେଙ୍ଗେଡେଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ,ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ଲକ ସଂଘ ପକ୍ଷରୁ ଅତିଥି ତଥା ନିମନ୍ତ୍ରିତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅତିଥି ପରିଚୟ ପରେ ମଞ୍ଚର ସଭାପତି ଆଜିର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ନୂତନ କମିଟି ଗଠନ ଉପରେ ଆଲୋକପାତ କରିଥିଲେ।

## କବୀନ୍ଦ୍ର ନାଏକ ଯାଦବ ବନ୍ଧୁ ସମ୍ମାନରେ ସମ୍ମାନିତ

ଯୋଡା,(ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ଅନ୍ତର୍ଗତ ପଳସା ପଞ୍ଚାୟତ ଉଚ୍ଚବାଲି ଠାରେ ରବିବାର ଚାରିପିଢ଼ ଭୂୟାଁ ମହାସମାଜ ଓ ବାମେବାରୀ ପାଞ୍ଚନାୟିକା ଭୂୟାଁପିଢ଼ ପକ୍ଷରୁ ତୃତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଭା ପୂର୍ବରୁ ବିପ୍ଳବୀ ଧରଣୀଧରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଚାରିପିଢ଼ ଭୂୟାଁ ମହାସମାଜର ସଭାପତି ତଥା ଯୋଡା ବ୍ଲକ୍ ଅଧ୍ୟକ୍ଷ କବୀନ୍ଦ୍ର ନାଏକ ଯୋଗ ଦେଇ ଭୂୟାଁ ଜାତି ଏକ ଲଢୁଆ ଜାତି । କେନ୍ଦୁଝର ଜିଲ୍ଲାରେ ସ୍ୱାଧୀନତା ପୂର୍ବରୁ ଏହି ଜାତିର ଦାୟଦ ଭାବରେ ବିପ୍ଳବୀ ଧରଣୀଧର ନାଏକ ଓ ରତନା ନାଏକ ଅନ୍ୟାୟ ବିରୋଧରେ ଲଢ଼େଇ କରି ଏ ଜାତି ପାଇଁ ଗୌରବ ରଖିଛନ୍ତି। ତାଙ୍କର ଦାୟଦ ଭାବେ ଭୂୟାଁ ସମାଜ ସମସ୍ତେ ସଂଗଠିତ ହୋଇ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ରାଜନୀତି, ଅର୍ଥନୀତି କ୍ଷେତ୍ରରେ ବିକାଶ କରିବା ପାଇଁ ସମସ୍ତେ ଆଗେଇ ଆସିବା। ପରିବାରର ବାପା ମା ମାନେ ନିଜର ପିଲା ମାନଙ୍କୁ କିପରି ଉଚ୍ଚ ଶିକ୍ଷିତ କରାଇ ପିଲା ମାନଙ୍କର ଭବିଷ୍ୟତ ଗଠନ କରିବା ଦିଗରେ ଏକ ନୂତନ ଜାଗରଣ ସୃଷ୍ଟି କରିବା ଏଥିପାଇଁ ସମସ୍ତଙ୍କର ଇଚ୍ଛାଶକ୍ତି , ଆଗ୍ରହ ଓ ସଚେତନତା ଆବଶ୍ୟକ। ଆୟୋଜିତ ଆଦିବାସୀ ମାନଙ୍କର ଶିକ୍ଷାରେ ଉନ୍ନତି ପାଇଁ ସରକାରଙ୍କର ବହୁ ଯୋଜନା ରହିଛି। ଆର୍ଥିକ ସ୍ଥିତି ନ ଥିବା ପିଲା ମାନଙ୍କର ପାଠ ପଢ଼ା ପାଇଁ ସରକାର ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ସବୁ ବ୍ୟବସ୍ଥା କରୁଛନ୍ତି। ଏହାର ସୁଯୋଗ ନେଲେ ଭୂୟାଁ ପରି ଆଦିବାସୀ ପରିବାରର ପିଲା ମାନେ ଉଚ୍ଚ ଶିକ୍ଷିତ ହୋଇ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରି ପାରିବେ ଏବଂ ଜଣେ ଜଣେ ସଫଳ ମଣିଷ ହୋଇ ପାରିବେ। ଯୁବ ସମାଜ ନିଶାରୁ ଦୂରେଇ ରହି ସମାଜର ଉନ୍ନତି ଦିଗରେ କାର୍ଯ୍ୟ କରିବା ଓ ନିଜ ପରିବାରର ଶାନ୍ତି ବଜାଇ କିପରି ରଖିବେ ସେ ଦିଗରେ ସମସ୍ତେ ଉଦ୍ୟମ କରିବା । ଏଦିଗରେ ସଚେତନତାକୁ ଅଧିକ ବ୍ୟାପକ କରିବା ପାଇଁ ବୈଠକରେ ଶ୍ରୀ ନାଏକ ଆହ୍ୱାନ ଦେଇଥିଲେ।

# ବୃଦ୍ଧ ପିତାମାତାଙ୍କୁ ଅବହେଳା ମହଙ୍ଗା ପଡ଼ିଲା

ପୁରୀ,(ନିପ୍ର): ବୃଦ୍ଧ ପିତାମାତାଙ୍କୁ ଅବହେଳା କରିବା ବେଶ୍ ମହଙ୍ଗା ପଡ଼ିଛି ଦୁଇ ପୁଅଙ୍କୁ। ବୃଦ୍ଧ ପିତାମାତାଙ୍କୁ ନିର୍ଯାତନା ଓ ଅବହେଳା ଅଭିଯୋଗକୁ ନେଇ ତଦନ୍ତ ପରେ ପ୍ରଶାସନ ଦୁଇ ପୁଅଙ୍କୁ ଘରୁ ବାହାର କରିଦେଇଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ପୁରୀ କୁମ୍ଭାରପଡ଼ା ଥାନା ଅର୍ନ୍ତଗତ ନରେନ୍ଦ୍ର କୋଣ ବାୟାବାବା ମଠ ନିକଟରେ। ବାୟାବାବା ମଠ ଲେନ୍ ରେ ରହୁଥିବା ଦୁଇଜଣ ବୃଦ୍ଧ ଦୟାନିଧି ବେହେରା ଏବଂ ତାଙ୍କ ପତ୍ନୀ ପ୍ରମିଳା ବେହେରାଙ୍କୁ ଦୀର୍ଘ ବର୍ଷ ହେବ ତାଙ୍କ ଦୁଇ ପୁଅ ଉଭୟ



ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ବୃଦ୍ଧ ସମୟରେ ବାପା ମାଆଙ୍କ ଯତ୍ନ ନେବା ପରିବର୍ତ୍ତେ ଦୁଇପୁଅ ସମ୍ପତ୍ତି ନିଜ ନାଁ ରେ କରାଇଦେବାକୁ ନେଇ ଦୀର୍ଘ ଦିନ ହେବ ବାପା ମାଆଙ୍କୁ ଉଭୟ ଶାରିରୀକ ଏବଂ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଶେଷରେ ଯନ୍ତ୍ରଣା ଏବଂ କଷ୍ଟ ଅସହାୟ ହେବାରୁ ପୁରୀ ଉପଜିଲ୍ଲାପାଳଙ୍କ ପାଖରେ ଦ୍ୱାରସ୍ଥ ହୋଇଥିଲେ ବୃଦ୍ଧ ଦମ୍ପତି ଦୟାନିଧି ବେହେରା ଏବଂ ତାଙ୍କ ପତ୍ନୀ ପ୍ରମିଳା ବେହେରା। ଉପଜିଲ୍ଲାପାଳ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରି ଘଟଣାର ସତ୍ୟତା ଜାଣିବା ପରେ ବୃଦ୍ଧ ଦମ୍ପତିଙ୍କ ଦୁଇ ପୁଅ, ବୋହୂ ଏବଂ ନାତିଙ୍କୁ ଘରୁ ବାହାର କରିଦିଆଯାଇଛି। ସିନିୟର୍ ସିଟିଜିନ୍ ଆକ୍ଟ ଅନୁଯାୟୀ ପୁରୀ ପ୍ରଶାସନ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେପଟେ ପ୍ରଶାସନର ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ବୃଦ୍ଧ ଦମ୍ପତି। ସମାଜରେ ଦିନକୁ ଦିନ ବୃଦ୍ଧ ପିତାମାତାଙ୍କ ପ୍ରତି ସନ୍ତାନ ମାନଙ୍କର କ୍ରୁର ଆଚରଣ ବୃଦ୍ଧି ପାଇବାରେ ଲାଗିଛି। ବୃଦ୍ଧ ବୟସରେ ଯେଉଁଠି ବାପାମାଆଙ୍କୁ ତାଙ୍କ ଦାୟାଦମାନେ ଯତ୍ନ ନେବା କଥା ଦୁର୍ଭାଗ୍ୟର ବିଷୟ ଏହାର ବ୍ୟତିକ୍ରମ ଏବେ ଦେଖିବାକୁ ମିଳୁଛି। ବାପାମାଆଙ୍କ ପ୍ରତି ସନ୍ତାନ ମାନଙ୍କର ଏଭଳି ହତାଦର ମନୋଭାବକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ। ଏଭଳି ଘଟଣାକୁ ନେଇ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସମାଜ ଉପରେ ଏହାର ନିଶ୍ଚିତ ପ୍ରଭାବ ପଡ଼ିବ। ସେହିପରି ପ୍ରତ୍ୟେକ ଘରେ ଯେଉଁ ବରିଷ୍ଠ ନାଗରିକ ରହୁଛନ୍ତି ତା'ର ତାଲିକା ମଧ୍ୟ ପ୍ରଶାସନ ନିକଟରେ ରହିବା ଉଚିତ। ସ୍ଥାନୀୟ ପୋଲିସ ପ୍ରଶାସନ ମଧ୍ୟ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସାମାଜିକ ସ୍ତରରେ କରିବାର ଆବଶ୍ୟକ ରହିଥିବା ବୁଦ୍ଧିଜୀବୀ କହିଛନ୍ତି। ସେପଟେ ପୁରୀ ସିଟି ଡିଏସପି ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ ପୁରୀ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବୃଦ୍ଧ ଦମ୍ପତିଙ୍କୁ ଯତ୍ନ ନେବାରେ ଅବହେଳା କରିଥିବା ତାଙ୍କ ପୁଅ, ବୋହୂଙ୍କୁ ଘରୁ ବାହାର କରାଯାଇଛି। ଆଗାମୀ ଦିନରେ ଏହି କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ସକରାତ୍ମକ ପ୍ରଭାବ ପକାଇବ ବୋଲି ଆଶା ରଖିଛନ୍ତି ସିଟି ଡିଏସପି।

## ୩୧ ଅଭିଯୋଗ ଶୁଣାଣି

ରାୟଗଡ,(ନି:ପ୍ର): ଗୁଡରି ବ୍ଲକ ସଭାଗୃହରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୋଷ୍ଠୁନର ବାର୍ଲା, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣୀ କରିଥିଲେ।

ମୋଟ ୩୧ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ, ସେଥିରୁ ୨୬ ବ୍ୟକ୍ତିଗତ,୦୫ଟି ସାମୂହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଦରଖାସ୍ତ ଗ୍ରହଣ ପରେ ସେଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରିବା ସହ ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟକୁ ଜଣାଇବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶିବିରରେ ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

ଗୁଡାରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠୀତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ତହସିଲଦାର ଆଡାଲା ସ୍ନେହଲତା ଗୁଡରି ଥାନା ଅଧିକାରୀ ବିଶ୍ୱବନ୍ଦିନୀ ବାଗ ପ୍ରମୁଖ ଯୋଗ ଦେଇଥିଲେ ।

## ଅଲଡାରେ ମିଳିତ ଅଭିଯୋଗ ଶୁଣାଣି

କାଶୀନଗର,(ନିପ୍ର): କାଶୀନଗର ପଞ୍ଚାୟତ ଅଧୀନରେ ଥିବା ଅଲଡା ପଞ୍ଚାୟତ କାର୍ଯାଳୟ ପରିସରରେ ପଂଚାୟତ ସ୍ତରୀୟ ଗ୍ରାମ୍ୟ ମୁଖ୍ୟ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହୋଇଛି. କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ମ୍ବୁରୁ ଧର ମଲ୍ଲିକ, ଅତିରିକ୍ତ ତହସିଲଦାର କେ.ଦିବ୍ୟରଞ୍ଜନ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ, ପଞ୍ଚାୟତ ଉନ୍ନୟନ ଅଧିକାରୀ ଲକ୍ଷ୍ମୀକାନ୍ତ ସାହୁ, ସି ଡ଼ିପି ଓ କେ. କୋଟେଶ୍ୱରୀ ଦେବୀ, ସରପଞ୍ଚ ଗୋପାଳ ଗମାଙ୍ଗ, ସମିତି ସଭ୍ୟ ମଂଚାସୀନ ହୋଇ ଅଭିଯୋଗ ଶୁଣାଣି କରିଥିଲେ। ଆସିଥିବା ୧୨ ଗୋଟି ଅଭିଯୋଗ ଗୁଡିକୁ ତୁରନ୍ତ ସମଧାନ କରିବା ପାଇଁ ବିଭଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ. କାଶୀନଗର ବ୍ଲକର ସବୁ ଲାଇନ ଡ଼ିପାର୍ଟମେଣ୍ଟ ଓ ବିଭଗୀୟ ଅଧିକାରୀ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଭଦ୍ରକରେ ଏସଆଇଆର୍-୨୦୨୬ ନେଇ ସର୍ବଦଳୀୟ ବୈଠକ
## ସଂଶୋଧନ ପ୍ରକ୍ରିୟାରେ ସହଯୋଗ କରିବାକୁ ଭୋଟରଙ୍କୁ ଅନୁରୋଧ

ଭଦ୍ରକ,(ନିପ୍ର): ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସଆଇଆର୍)-୨୦୨୬ ସମ୍ପର୍କରେ ଆଲୋଚନା ପାଇଁ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ଏକ ସର୍ବଦଳୀୟ ବୈଠକ ପୂର୍ବାହ୍ନ ୧୧.୩୦ ଘଟିକାରେ ସଦଭାବନା ସଭାଗୃହ,




ଜିଲ୍ଲାପାଳ କାର୍ଯ୍ୟାଳୟ, ଭଦ୍ରକରେ ଅନୁଷ୍ଠିତ ହୋଇଛି।ଏହି ବୈଠକରେଚାନ୍ଦବାଲିଶି ବିଧାୟକ ବ୍ୟୋମକେଶ ରାୟ, ଭାରତୀୟ ଜନତା ପାର୍ଟି , ବିଜୁ ଜନତା ଦଳ ଭାରତୀୟ ଜାତୀୟ କଂଗ୍ରେସ , ବହୁଜନ ସମାଜ ପାର୍ଟି , କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ , ଆମ ଆଦମୀ ପାର୍ଟି ଏବଂ ନ୍ୟାସନାଲ୍ ପିପୁଲ୍ସ ପାର୍ଟି ର ଜିଲ୍ଲା ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ।ଓଡିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଜୋରଦାର ଭାବେ ଆରମ୍ଭ ହୋଇଛି। ଏହି ସଂଶୋଧନ ପାଇଁ ଯୋଗ୍ୟତା ତାରିଖ ୦୧.୦୭.୨୦୨୬ ନିର୍ଦ୍ଧାରିତ ହୋଇଥିବାବେଳେ, ୨୦ ମେରୁ ୨୯ ମେ ୨୦୨୬ ପର୍ଯ୍ୟନ୍ତ ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମୁଦ୍ରଣ କାର୍ଯ୍ୟ ସମ୍ପାଦିତ ହେବ। ୩୦ ମେରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବିଏଲଓ ମାନେ ଘରେ ଘରେ ପରିଦର୍ଶନ କରି ଭୋଟର ତଥ୍ୟ ସଂଗ୍ରହ ଓ ଯାଞ୍ଚ କରିବେ। ଏହା ସହିତ ୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ସମାପ୍ତ କରାଯିବ।ଖସଡା ଭୋଟର ତାଲିକା ୦୫ ଜୁଲାଇ ୨୦୨୬ରେ ପ୍ରକାଶ ପାଇବ। ଏହାପରେ ୦୫ ଜୁଲାଇରୁ ୦୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ଦାବି ଓ ଆପତ୍ତିର ନିଷ୍ପତ୍ତି ୦୨ ସେପ୍ଟେମ୍ବର ୨୦୨୬ ସୁଦ୍ଧା କରାଯିବା ପରେ ୦୬ ସେପଟ୍ମେର ୨୦୨୬ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ ପାଇବ। ଜିଲ୍ଲାପାଳ କହିଛନ୍ତି ଯେ,ବିଏଲଓ, ବିଏଲଓ ଓ ସମସ୍ତ ରାଜନୈତିକ ଦଳମାନଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ସଫଳ କରାଯିବ। ସାଧାରଣ ଭୋଟରମାନେ ମଧ ନିଜ ନାମ ଭୋଟର ତାଲିକାରେ ସଠିକ୍ ଭାବେ ରହିଛି କି ନାହିଁ ଯାଞ୍ଚ କରିବା ସହ ସଂଶୋଧନ ପ୍ରକ୍ରିୟାରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।ଭୋଟର ତାଲିକାର ସଠିକତା ଓ ସ୍ୱଚ୍ଛତା ବଜାୟ ରଖିବା ସହିତ ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସୁଦୃଢ କରିବା ନେଇ ଏସଆଇଆର୍-୨୦୨୬ କାର୍ଯ୍ୟକ୍ରମର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା ଏହି ଆଲୋଚନା ଚକ୍ରରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ରବି ନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଏବଂ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ।

## ମାନିଗାଁରେ ଆରମ୍ଭ ହେଲା ନିଶାମୁକ୍ତି ଅଭିଯାନ

ଡାବୁଗାଁ,(ନିପ୍ର): ପାପଡାହାଣ୍ଡି ବ୍ଲକ ମାନିଗାଁ ପଂଚାୟତରେ ନିଶା ମୁକ୍ତ ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ସୁକଦେବ ମାଝୀ, ହିନ୍ଦୁ ମହାସଂଘ ପ୍ରମୁଖ ସୂର୍ଯ୍ୟବଂଶୀ ଜୟନ୍ତ, କ୍ଷତ୍ରିୟ ଧାକଡ ସମାଜ ସଂଯୋଜକ ତ୍ରୀଳାଥ ସିଂ, ରମାମଣୀ ସିଂ, ଉର୍ମିଳା ମାଝୀ, ସାବିତ୍ରୀ ମାଝୀ, ଧନମତୀ ସିଂ, ମଙ୍ଗଳ ଚରଣ ନାୟକ, କମଳ ସିଂ ମାଝୀ, ସାଧୁ ମାଝୀ, ଦୀପକ ସିଂ, ଡମ୍ବୁ ସିଂ, ଅମର ସିଂ , ଗୋପୀ ମାଝୀ ପ୍ରମୁଖ ଏହି ଅଭିଜାନର ନେତୃତ୍ୱ ନେଇଥିଲେ। ମାନିଗାଁ ପଞ୍ଚାୟତରୁ ବେଆଇନ ମଦ କାରବାର ବନ୍ଦ ନହେବା ପର୍ଯ୍ୟନ୍ତ ଏହି ଅଭିଜାନ ଚାଲିବ ବୋଲି ସମସ୍ତେ ମତ ବ୍ୟକ୍ତ କରିଥିଲେ।

### ସରକାରୀ ନୀତି ନିୟମକୁ ଠିକାଦାରଙ୍କ ଫୁ
# ଡହଡହ ଖରାରେ ଚାଲିଛି ନିର୍ମାଣ

ରମ୍ଭା,(ନିପ୍ର): ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟି ରେ ରଖି ରାଜ୍ୟ ସରକାର ଶ୍ରମିକ ମାନଙ୍କ କାର୍ଯ୍ୟ, ସମୟ, ନିର୍ଘଣ୍ଟ ସ୍ଥିର କରିଛନ୍ତି। ଶ୍ରମିକ ମାନେ ଖରାରେ କାର୍ଯ୍ୟ କଲେ ଅଂଶୁଘାତର ଶିକାର ହୋଇପାରନ୍ତି।ଅଂଶୁଘାତକୁ ଦୃଷ୍ଟିରେ ରଖି ୧ ଏପ୍ରିଲ ରୁ ୧୫ଜୁନ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟା ରୁ ଅପରାହ୍ନ ୩ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖାଯାଇଛି। ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ବିହୀତ ପଦକ୍ଷେପ ନେବା ନିମନ୍ତେ ସମସ୍ତ ରାଜସ୍ୱ କମିଶନର, ଜିଲ୍ଲାପାଳ ଓ ରାଜ୍ୟ ଶ୍ରମ କମିଶନର କୁ ନିର୍ଦ୍ଦେଶ ନାମା ଜାରି କରାଯାଇଛି। ଏତଦ ବ୍ୟତୀତ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ବେସରକାରୀ ନିଯୁକ୍ତି ଦାତା, ସମସ୍ତ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଓ ଠିକାଦାରଙ୍କୁ ଏଇ ନିର୍ଦ୍ଦେଶ ଜାରି କରାଯାଇଛି। ହେଲେ ଏହାକୁ କାର୍ଯ୍ୟକାରୀ କରୁନାହାଁନ୍ତି ଠିକାଦାର। ଏହାର ଉଦାହରଣ ହେଉଛି ରମ୍ଭା ଧୋବାସୀ ପୋଖରୀ ସମ୍ମୁଖ ମହାପୁରୁଷଙ୍କ ପାର୍ଶ୍ୱରେ ନିର୍ମାଣଧୀନ କାମ ଚାଲୁରହିଛି। ଏପରିକି କୌଣସି ପ୍ରକାର ନିରାପତ୍ତା ବ୍ୟବସ୍ଥା ନଥିବା ପରିବର୍ତ୍ତେ ପ୍ରଥମତଃ ଶ୍ରମିକମାନେ ମଧ୍ୟାହ୍ନ ସମୟରେ ଖରାରେ କାର୍ଯ୍ୟରତ ଥିବା ବେଳେ ନିର୍ମାଣ କାର୍ଯ୍ୟ କରିବା ସମୟରେ ମୁଣ୍ଡରେ ହେଲମେଟ, ହାତରେ ଗ୍ଲୋବ୍ସ ଆଦିର ବ୍ୟବହାର କରିନଥିବା ଲକ୍ଷ୍ୟ କରାଯାଇଛି। କାର୍ଯ୍ୟ କରୁଥିବା ସମୟରେ କୌଣସି ଶ୍ରମିକର ଅଂଶୁଘାତ ଜନିତ କିମ୍ବା ଅନ୍ୟ କୌଣସି ଅଘଟଣ ଘଟିଲେ କିଏ ଉତ୍ତରଦାୟୀ ରହିବେ ବୋଲି ପ୍ରଶ୍ନ ଉଠିଛି। ଏହାକୁ ବିଭାଗୀୟ ଅଫିସର ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



CMYK
CMYK
19_05.20256.pmd 1 5/18/2026, 6:18 PM

# ନରୱେଜିଆନ ଅର୍ଡର ଅଫ୍ ମେରିଟରେ ସମ୍ମାନିତ ହେଲେ ମୋଦି



ନୂଆଦିଲ୍ଲୀ,୧୮।୫(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆଜି ଓସଲୋଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ନରୱେର ମହାମହିମ ରାଜା ହେରାଲ୍ଡ ପଞ୍ଚମଙ୍କ ଦ୍ୱାରା ଗ୍ରାଣ୍ଡ କ୍ରସ୍ ଅଫ୍ ରୟାଲ ନରୱେଜିଆନ ଅର୍ଡର ଅଫ୍ ମେରିଟରେ ସମ୍ମାନିତ କରାଯାଇଛି। ବିଦେଶୀ ରାଷ୍ଟ୍ରମୁଖ୍ୟଙ୍କୁ ପ୍ରଦାନ କରାଯାଇଥିବା ଏହି ପୁରସ୍କାର ନରୱେର ସର୍ବୋଚ୍ଚ ସମ୍ମାନ। ନରୱେ ଏବଂ ମାନବତାର ହିତରେ ଉତ୍କୃଷ୍ଟ ସେବାର ସ୍ୱୀକୃତି ସ୍ୱରୂପ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଅଭିଭାଷଣରେ, ଏହି ସମ୍ମାନ ପାଇଁ ନରୱେର ମହାମହିମ ରାଜା ହେରାଲ୍ଡ ପଞ୍ଚମ ଏବଂ ନରୱେର ଜନସାଧାରଣଙ୍କ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରିଛନ୍ତି।

### ସ୍ୱିଡେନ ପ୍ରଧାନମନ୍ତ୍ରୀଙ୍କ ସହ ମୋଦିଙ୍କ ଦ୍ୱିପାକ୍ଷିକ ଆଲୋଚନା

# ସ୍ଥିରତା ଏବଂ ସୁରକ୍ଷା ପାଇଁ ରଣନୈତିକ ଭାଗିଦାରିତା

ନୂଆଦିଲ୍ଲୀ,୧୮।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱିଡେନର ଗୋଥେନବର୍ଗରେ ପ୍ରଧାନମନ୍ତ୍ରୀ ଉଲଫ୍ କ୍ରିଷ୍ଟରସନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ବୈଠକରେ ସ୍ୱିଡେନର କ୍ରାଉନ ପ୍ରିନ୍ସେସ୍ ଭିକ୍ଟୋରିଆ ମଧ୍ୟ ଅଂଶଗ୍ରହଣ କରିଥିଲେ। ସେ ମହାମହିମ ରାଜା କାର୍ଲ ଷୋଡଶ ଗୁସ୍ତାଫ ଏବଂ ରାଣୀ ସିଲଭିଆଙ୍କ ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ମହାମହିମ ରାଜାଙ୍କ ୮୦ତମ ଜନ୍ମଦିନରେ ତାଙ୍କୁ ହୃଦୟରୁ ଶୁଭକାମନା ବ୍ୟକ୍ତ କରିଥିଲେ। ନେତାମାନେ ଭାରତ - ସ୍ୱିଡେନ ସମ୍ପର୍କର ପୂର୍ଣ୍ଣ ସମୀକ୍ଷା କରିଥିଲେ। ବାଣିଜ୍ୟ ଏବଂ ନିବେଶ, ନବସୃଜନ, ସବୁଜ ପରିବର୍ତ୍ତନ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଏବଂ ସୁରକ୍ଷା, ଡିଜିଟାଲାଇଜେସନ୍, ଏସଏମଇ, ମହାକାଶ, ଗବେଷଣା, ଶିକ୍ଷା, ସଂସ୍କୃତି ଏବଂ ଲୋକ - ଲୋକ ଆଦାନପ୍ରଦାନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କରେ ବୃଦ୍ଧି ପାଉଥିବା ଗତିକୁ ସ୍ୱୀକାର କରିଥିଲେ। ସେମାନେ ସହଭାଗୀ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆଧାରିତ ଏବଂ ନବସୃଜନ, ସ୍ଥାୟୀତ୍ୱ ଏବଂ ଗବେଷଣା ଏବଂ ବିକାଶ ସଂଯୋଗ ଦ୍ୱାରା ପରିଚାଳିତ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ସେମାନଙ୍କର ସହଭାଗୀ ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଥିଲେ। ବ୍ୟାପକ ସହଭାଗୀତାକୁ ମାର୍ଗଦର୍ଶନ କରିବା ପାଇଁ ନିୟମିତ ଉଚ୍ଚସ୍ତରୀୟ ରାଜନୈତିକ ସମ୍ପର୍କ ଏବଂ ସଂସ୍ଥାଗତ ଆଲୋଚନା ବଜାୟ ରଖିବାର ଆବଶ୍ୟକତା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଦୁଇ ନେତା ଭାରତ - ସ୍ୱିଡେନ ସମ୍ପର୍କକୁ ରଣନୈତିକ ସହଭାଗୀତା ସ୍ତରରେ ଉନ୍ନତ କରିବାକୁ ସହମତ ହୋଇଥିଲେ। ରଣନୈତିକ ସହଭାଗୀତା ଚାରୋଟି ସ୍ତମ୍ଭ, ଯଥା : ସ୍ଥିରତା ଏବଂ ସୁରକ୍ଷା ପାଇଁ ରଣନୈତିକ ଆଲୋଚନା



ଭାରତ - ସ୍ୱିଡେନ ମିଳିତ କାର୍ଯ୍ୟ ଯୋଜନା ୨୦୨୬ - ୨୦୩୦ ଗ୍ରହଣ କରିଛନ୍ତି, ଯାହା ରାଜନୈତିକ, ଅର୍ଥନୈତିକ, ପ୍ରଯୁକ୍ତିବିଦ୍ୟା, ସୁରକ୍ଷା, ଜଳବାୟୁ ଏବଂ ଲୋକ - ଲୋକଙ୍କ ମଧ୍ୟରେ ସହଯୋଗ ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରଦାନ କରେ। ଦୁଇ ନେତା ଗୁରୁତ୍ୱାରୋପ କରିଥିଲେ ଯେ, ସଦ୍ୟ ସମାପ୍ତ ଭାରତ - ୟୁରୋପୀୟ ସଂଘ ଏଫଟିଏ ଅର୍ଥନୈତିକ ଏବଂ ବାଣିଜ୍ୟିକ

; ପରବର୍ତ୍ତୀ ପିଢ଼ିର ଆର୍ଥିକ ସହଭାଗୀତା ; ଉଦୀୟମାନ ପ୍ରଯୁକ୍ତି ବିଦ୍ୟା ଏବଂ ବିଶ୍ୱସ୍ତ ସଂଯୋଗ ; ଏବଂ ଆଗାମୀ କାଲିକୁ ଲୋକ, ଗ୍ରହ, ସ୍ୱାସ୍ଥ୍ୟ ଏବଂ ପ୍ରତିରୋଧୀ କ୍ଷମତା ଆଧାରରେ ଏକାଠି ଗଠନ କରିବା ଉପରେ ପର୍ଯ୍ୟବସିତ। ରଣନୈତିକ ସହଭାଗୀତାକୁ କାର୍ଯ୍ୟକାରୀ କରିବା ପାଇଁ, ଦୁଇ ନେତା ସମ୍ପର୍କରେ ଏକ ନୂତନ ଅଧ୍ୟାୟ ଖୋଲିଛି। ସେମାନେ ବାଣିଜ୍ୟ, ନିବେଶ ଏବଂ ପ୍ରଯୁକ୍ତିବିଦ୍ୟା ସଂଯୋଗକୁ ଗଭୀର କରିବା ପାଇଁ ଏହାର ଶୀଘ୍ର କାର୍ଯ୍ୟକାରୀତା ପାଇଁ ପ୍ରୟାସ ଜାରି ରଖିବାକୁ ସହମତ ହୋଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ନବସୃଜନ, ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା, ଉନ୍ନତ ଉତ୍ପାଦନ, ସ୍ଥାୟୀ ଗତିଶୀଳତା ଏବଂ ଡିଜିଟାଲ୍ ପରିବର୍ତ୍ତନ ସମେତ ରଣନୈତିକ କ୍ଷେତ୍ରରେ ଭାରତ ସହିତ ସ୍ୱିଡେନର ନିରନ୍ତର ସମ୍ପର୍କକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ କ୍ରିଷ୍ଟରସନ୍ ଡିଜିଟାଲ ପରିବର୍ତ୍ତନ ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଭାରତ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ।

## ୯୦ ଦିନରେ କୋଟି କୋଟି ଡଲାରର ସେୟାର କିଣିଛନ୍ତି ଟ୍ରମ୍ପ



ୱାସିଂଟନ,୧୮/୫: ଗୋଟିଏ ପଟେ ସାରା ଦୁନିଆ ସଙ୍କଟରେ ପଡ଼ିଥିବାବେଳେ ଏହାର ମୁଖ୍ୟ ସୁତ୍ରଧର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ପରାମର୍ଶଦାତାମାନେ ନିଜ ନିଜର ସମ୍ପତ୍ତି ବଢ଼ାଇବାରେ ଲାଗିଛନ୍ତି। ଏକ ରିପୋର୍ଟରୁ ଜଣା ପଡ଼ିଛି; ଯୁଦ୍ଧର ୯୦ ଦିନ ମଧ୍ୟରେ ଟ୍ରମ୍ପ ଏବଂ ତାଙ୍କ ପରାମର୍ଶଦାତା ମାନେ ୩,୭୦୦ ରୁ ଅଧିକ ଷ୍ଟକ୍ କାରବାର କରି କୋଟି କୋଟି ଡଲାରର ସେୟାର କିଣିଛନ୍ତି। ଏହି ତଥ୍ୟ ପ୍ରକାଶ ପାଇବା ପରେ ଟ୍ରମ୍ପଙ୍କ ଉପରେ ନୂତନ ଯାଞ୍ଚ ଆରମ୍ଭ କରାଯାଇଛି। ବାଣିଜ୍ୟ କାର୍ଯ୍ୟକଳାପର ଏହି ସ୍ତର ୱାଲ ଷ୍ଟ୍ରିଟ୍ ବିଶେଷଜ୍ଞମାନଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଛି। ୱାସିଂଟନରେ ସ୍ୱାର୍ଥ ପାଇଁ ଏହା କେତେଦୂର ଠିକ୍ ସେନେଇ ଚିନ୍ତା ସୃଷ୍ଟି ହୋଇଛି। ବ୍ଲୁମବର୍ଗ ପ୍ରଥମେ ଏହାର ରିପୋର୍ଟ କରିଥିଲା। ଆମେରିକାର କିଛି ବୃହତ୍ତମ ପ୍ରଯୁକ୍ତିବିଦ୍ୟା, ଅର୍ଥ, ମହାକାଶ ଏବଂ ମିଡିଆ କମ୍ପାନିରେ ଲକ୍ଷ ଲକ୍ଷ ଡଲାର ମୂଲ୍ୟର ବାଣିଜ୍ୟ କାର୍ଯ୍ୟକଳାପ କରାଯାଇଥିବା ନେଇ ତଥ୍ୟ ପ୍ରକାଶ ପାଇଥିଲା। ଚଳିତ ବର୍ଷ ଜାନୁଆରିରୁ ମାର୍ଚ୍ଚ ତିନି ମାସ ମଧ୍ୟରେ, ଟ୍ରମ୍ପ ପ୍ରତିଦିନ ହାରାହାରି ୪୦ ରୁ ଅଧିକ କାରବାର କରିଥିଲେ। ଏହା ପୂର୍ବ ତ୍ରୟମାସିକ ତୁଳନାରେ ବହୁ ଅଧିକ ଥିଲା। ଟ୍ରମ୍ପ ଚଳିତ ତ୍ରୈମାସିକରେ ନିଭିଡିଆ, ଓରାକିଲ୍, ମାଇକ୍ରୋସଫ୍ଟ ଏବଂ ବୋଇଂ ଭଳି କମ୍ପାନିରେ ଅତି କମରେ ୧ ନିୟୁତ ଆମେରିକୀୟ ଡଲାର ମୂଲ୍ୟର ସେୟାର କିଣିଛନ୍ତି। ତାଙ୍କ ପୋର୍ଟଫୋଲିଓରେ ଅମାଜନ, ମେଟା ଏବଂ ୟୁବେର ଭଳି କମ୍ପାନିର ସେୟାର ମଧ୍ୟ ରହିଛି। ଫେବ୍ରୁଆରି ୧୦ରେ ଟ୍ରମ୍ପ ମାଇକ୍ରୋସଫ୍ଟ, ମେଟା ଏବଂ ଆମାଜନରେ ୫ ନିୟୁତ ଡଲାରୁ ୨୫ ନିୟୁତ ଡଲାର ମୂଲ୍ୟର ହୋଲ୍ଡିଂ ବିକ୍ରି କରିଥିଲେ। ନେଟଫ୍ଲିକ୍ସ, ୱାର୍ନର ବ୍ରୋସ୍, ଡିସକଭରୀ ଏବଂ ପାରାମାଉଣ୍ଟ ଗ୍ଲୋବାଲ ଭଳି ପ୍ରମୁଖ ମିଡିଆ ଏବଂ ମନୋରଞ୍ଜନ ଡିଲରେ ଜଡିତ କମ୍ପାନିଗୁଡ଼ିକରେ ମଧ୍ୟ ସେ ନିବେଶ କରିଥିବା ଜଣାପଡ଼ିଛି। ଏହି କମ୍ପାନିଗୁଡ଼ିକ ମଧ୍ୟରୁ ଅନେକ ଆମେରିକା ସରକାରଙ୍କ ନୀତି, ନିୟମ ଏବଂ ଭୂ-ରାଜନୈତିକ ନିଷ୍ପତ୍ତି ଦ୍ୱାରା ସିଧାସଳଖ ପ୍ରଭାବିତ କ୍ଷେତ୍ରଗୁଡ଼ିକରେ କାର୍ଯ୍ୟ କରିଥାନ୍ତି।

## ଭାବୁଆ-ସାସାରାମ ପାଟନା ଇଣ୍ଟରସିଟିରେ ଅଗ୍ନିକାଣ୍ଡ ଜୀବନ ବିକଳରେ ଟ୍ରେନରୁ ଡେଇଁଲେ ଯାତ୍ରୀ

ପାଟନା,୧୮/୫: ଗତକାଲି ଏକ୍ସପ୍ରେସ୍ ଆଜି ଜଳିଲା ପାସେଞ୍ଜର ଟ୍ରେନ୍ । ସକାଳୁ ସକାଳୁ ବଡ଼ ଅଘଟଣ ଘଟିଛି । ବିହାରର ରୋହତାସ ଜିଲ୍ଲା ସାସାରାମ ରେଳ ଷ୍ଟେସନରେ ଆତଙ୍କ ଖେଳିଯାଇଛି । ଭାବୁଆ-ସାସାରାମ ଇଣ୍ଟରସିଟି ଏକ୍ସପ୍ରେସରେ ହଠାତ୍ ନିଆଁ ଲାଗିଛି । ଫଳରେ ଷ୍ଟେସନ୍ ପରିସରରେ ଆତଙ୍କ ଖେଳିଯାଇଛି । ଜୀବନ ବିକଳରେ ଟ୍ରେନରୁ ଡେଇଁ ପଡିଛନ୍ତି ଯାତ୍ରୀ । ଏହି ସମୟରେ ଦଳାଚକଟା ସ୍ଥିତି ଉପୁଜିଛି । ଘଟଣା ସମୟରେ ଟ୍ରେନଟି ପ୍ଲାଟଫର୍ମରେ ଛିଡା ହୋଇଥିଲା । ନିଆଁ ଲାଗିବା ମାତ୍ରେ ଯାତ୍ରୀ ଏବଂ ରେଳ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ଜୀବନ ବଞ୍ଚାଇବାକୁ ଟ୍ରେନରୁ ଓହ୍ଲାଇ ପଡିଥିଲେ । କିଛି ସେକେଣ୍ଡ ମଧ୍ୟରେ ନିଆଁ ଗୋଟିଏ କୋଚକୁ ସମ୍ପୂର୍ଣ୍ଣ ଭାବରେ ଗ୍ରାସ କରି ଦେଇଥିଲା ।

## ମଝି ଆକାଶରେ ୨ ବିମାନ ଧକ୍କା ନୌସେନା ପକ୍ଷରୁ ତଦନ୍ତ ଜାରି

ନୂଆଦିଲ୍ଲୀ,୧୮।୫: ଆମେରିକୀୟ ନୌସେନାର ଏୟାର ସୋ' ପ୍ରଦର୍ଶନ ବେଳେ ଅଘଟଣ । ମଝି ଆକାଶରେ ଆମେରିକାର ୨ ଯୁଦ୍ଧ ବିମାନ ମଧ୍ୟରେ ଧକ୍କା । ଇଦାହୋ ଏୟାରବେସ୍‌ର ୨ ମାଇଲ୍ ଦୂରରେ ଅଘଟଣ ଘଟିଛି । ପାରାଚୁଟ୍ ସାହାଯ୍ୟରେ ବିମାନରୁ ବାହାରକୁ ବାହାରି ଆସିଛନ୍ତି ୪ କ୍ରିଉ ମେମ୍ବର। କ୍ରିଉ ମେମ୍ବର ସୁରକ୍ଷିତ ଅଛନ୍ତି । ନୌସେନା ପକ୍ଷରୁ ତଦନ୍ତ ଜାରି ରହିଛି । ଗୁନଫାଇଟର ସ୍କାଇଜ୍ ଏୟାର ଶୋ' ର ଶେଷ ଦିନରେ ଦିବ ୧୨ ଟା ୧୦ ବେଳେ ଏହି ଦୁର୍ଘଟଣା ଘଟିଥିଲା । ଏହି ଦୁଇଟି ବିମାନ ଆମେରିକା ନୌସେନାର ଇଏ-୧୮ଜି ଗ୍ଲୋଲର ଇଲେକ୍ଟ୍ରୋନିକ ଆଟାକ୍ ଜେଟ୍ ଥିଲା ।

### ଶୁଭେନ୍ଦୁଙ୍କ କ୍ୟାବିନେଟରେ ୫ ପ୍ରସ୍ତାବକୁ ମଞ୍ଜୁରି

# ମହିଳାଙ୍କୁ ମାସିକ ୩୦୦୦ ଟଙ୍କା, ବସ୍‌ରେ ମାଗଣା ଯାତ୍ରା

ନୂଆଦିଲ୍ଲୀ,୧୮।୫: ପଶ୍ଚିମବଙ୍ଗର ଶୁଭେନ୍ଦୁ ସରକାର ନିଜର ଦ୍ୱିତୀୟ କ୍ୟାବିନେଟ୍ ବୈଠକରେ ୫ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ମୋହର ଲଗାଇ ଦେଇଛନ୍ତି। ଏଥିରେ ମହିଳାଙ୍କୁ ପ୍ରତି ମାସ ତିନି ହଜାର ଟଙ୍କା, ବସ୍‌ରେ ମାଗଣା ଯାତ୍ରା ଓ ସପ୍ତମ ବେତନ କମିଶନ୍ ଗଠନ ଆଦି ରହିଛି। କ୍ୟାବିନେଟ୍ ବୈଠକ ପରେ ପଶ୍ଚିମବଙ୍ଗର ସରକାରରେ ମହିଳା ଏବଂ ଶିଶୁ କଲ୍ୟାଣ ମନ୍ତ୍ରୀ ଅଗ୍ନିମିତ୍ର ପଲ୍ ପ୍ରେସ୍ ବ୍ରିଫିଙ୍ଗରେ ସରକାରଙ୍କ ନିଷ୍ପତ୍ତି ବିଷୟରେ କହିଛନ୍ତି। ସେ କହିଛନ୍ତି, ପଶ୍ଚିମବଙ୍ଗ ସରକାର ଅନ୍ନପୂର୍ଣ୍ଣା ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି, ଯେଉଁଥିରେ ମହିଳାଙ୍କ ଖାତାକୁ ୧ ଜୁନରୁ ୩ ହଜାର ଟଙ୍କାର ମାସିକ ସହାୟତା ପ୍ରଦାନ କରାଯିବ। ଏହା ସହିତ ମହିଳାଙ୍କ ପାଇଁ ୧ ଜୁନରୁ ସରକାରୀ ବସରେ ମାଗଣା ଯାତ୍ରା କରିବାର ନିଷ୍ପତ୍ତି ନିଆଯାଇଛି। ଲକ୍ଷ୍ମୀଭଣ୍ଡାର ଯୋଜନାର ଲାଭ ନେଉଥିବା ମହିଳାଙ୍କୁ ଏବେ ନିଜେ ଅନ୍ନପୂର୍ଣ୍ଣା ଭଣ୍ଡାର ଯୋଜନାର ଲାଭ ମିଳିବ। ମନ୍ତ୍ରୀ ଅଗ୍ନିମିତ୍ର କହିଛନ୍ତି, ଯେଉଁ ଲୋକଙ୍କୁ ଏପର୍ଯ୍ୟନ୍ତ ଏହି ଲାଭ ମିଳିନି, ତାଙ୍କ ପାଇଁ ଖୁବ୍ ଶୀଘ୍ର ଏକ ପୋର୍ଟାଲ ଖୋଲି ଦିଆଯିବ। ଏଠାରେ ଆବେଦନ ପକ୍ରିୟା ପୁରା କରିହେବ। ଅଗ୍ନିମିତ୍ର ପଲ୍ କହିଛନ୍ତି, ସରକାର ନିଜ କର୍ମଚାରୀ, ସମ୍ପର୍କିତ ବୈଧାନିକ ଓ ଶିକ୍ଷଣୀୟ ସଂସ୍ଥାନ ପାଇଁ ସପ୍ତମ ରାଜ୍ୟ ବେତନ କମିଶନ୍ ଗଠନକୁ ମଞ୍ଜୁରୀ ଦେଇଛି। ଏହାଦ୍ୱାରା ରାଜ୍ୟ ସରକାରୀ କର୍ମଚାରୀଙ୍କୁ ଲାଭ ମିଳିବ। ଏହାଛଡା ଧାର୍ମିକ ବର୍ଗୀକରଣ ଆଧାରରେ ସମୁହକୁ ଦିଆଯାଉଥିବା ସରକାରୀ ସହାୟତା ବନ୍ଦ କରିବାର ନିଷ୍ପତ୍ତି ନିଆଯିବ। ବଙ୍ଗଳାର କ୍ୟାବିନେଟ୍ ନିଜର ପ୍ରଥମ ବୈଠକରେ ମଧ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏହି ବୈଠକକୁ ଆୟୁଷ୍ମାନ ଭାରତକୁ ଲାଗୁ କରିବା ପାଇଁ ନିଆଯାଇଥିଲା। ଏହା ସହିତ ଆଇପିଏସ୍ ଓ ଆଇଏଏସ୍ ଅଧିକାରୀଙ୍କୁ କେନ୍ଦ୍ରୀୟ ପ୍ରଶିକ୍ଷଣରେ ଭାଗ ନେବାର ଅନୁମତି ଦେବା, ବଙ୍ଗଳାରେ ଭାରତୀୟ ନ୍ୟାୟ ସଂହିତା ଲାଗୁ କରିବା, ୪୫ ଦିନ ଭିତରେ ବର୍ଡର ସିକ୍ୟୁରିଟି ଫୋର୍ସ ଅର୍ଥାତ ବିଏସ୍‌ଏଫକୁ ଜମି ଟ୍ରାନ୍ସଫର କରିବା ଓ ବିଜେପିର ଯେଉଁ ୩୨୧ କର୍ମୀଙ୍କ ବଙ୍ଗଳାରେ ଜୀବନ ଯାଇଛି, ତାଙ୍କ ପରିବାରର ଦାୟିତ୍ୱ ସରକାର ନେବାର ନିଷ୍ପତ୍ତି ନେଇଛନ୍ତି।



### ନମାଜ ପାଠକୁ ନେଇ ଯୋଗୀଙ୍କ ବଡ଼ ଚେତାବନୀ

# ଭଲରେ ମାନିଲେ ଠିକ୍, ନହେଲେ ଦ୍ୱିତୀୟ ଉପାୟ ଅଛି

ଲକ୍ଷ୍ନୌ, ୧୮।୫: ଆଗକୁ ବକ୍ରି ଇଦ୍ ପର୍ବ ଆସୁଥିବା ବେଳେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସର୍ବସାଧାରଣ ସ୍ଥାନ ଓ ରାସ୍ତାଘାଟରେ ନମାଜ ପାଠକୁ ନେଇ ଏକ ବଡ଼ ଏବଂ କଡ଼ା ବୟାନ ଦେଇଛନ୍ତି । ରାଜଧାନୀ ଲକ୍ଷ୍ନୌରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ, ରାସ୍ତା ଅବରୋଧ କରି କୌଣସି ପ୍ରକାରର ଧାର୍ମିକ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ । ଯଦି ନମାଜ ପଢ଼ିବାର ଅଛି, ତେବେ ଲୋକେ ଶିଫ୍ଟ ଅନୁସାରେ ପଢ଼ନ୍ତୁ । ଭଲରେ ବୁଝାଇଲେ ଯଦି କେହି ନ ମାନିବେ, ତେବେ ସରକାର ଅନ୍ୟ ଉପାୟ ଆପଣାଇବାକୁ ବାଧ ହେବେ । ନିଜ ସରକାରଙ୍କ କଡ଼ା ଆଭିମୁଖ୍ୟ ବିଷୟରେ ଉଲ୍ଲେଖ କରି ଯୋଗୀ ଆଦିତ୍ୟନାଥ କହିଛନ୍ତି, 'ଅନେକ ସମୟରେ ଲୋକେ ମତେ ପଚାରନ୍ତି, ସତରେ କ'ଣ ୟୁପିରେ ରାସ୍ତା ଉପରେ ନମାଜ ପଢ଼ା ହେଉନାହିଁ ? ମୁଁ ସେମାନଙ୍କୁ ସ୍ପଷ୍ଟ ଭାବେ କହେ, ଆଦୌ ନାହିଁ, ଆପଣ ନିଜେ ଯାଇ ଦେଖିପାରିବେ । ରାସ୍ତା କେବଳ ଯାତାୟାତ ପାଇଁ ଉଦ୍ଦିଷ୍ଟ । କୌଣସି ବି ବ୍ୟକ୍ତି ଛକ ଜାଗାରେ ଆସି ନାଟକ କରିପାରିବେ ନାହିଁ । କାହାରିକୁ ରାସ୍ତା ଅବରୋଧ କରିବାର କିମ୍ବା ସାଧାରଣ ଜନତାଙ୍କ ଯାତାୟାତରେ ବାଧା ସୃଷ୍ଟି କରିବାର ଅଧିକାର ନାହିଁ । ଯାହାର ଯେଉଁ ଧାର୍ମିକ ସ୍ଥଳ ରହିଛି, ସେ ସେଠାକୁ ଯାଇ ପ୍ରାର୍ଥନା କରନ୍ତୁ ।' ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ, ଯେତେବେଳେ କିଛି ସଂଗଠନର ଲୋକେ ତାଙ୍କୁ କହିଥିଲେ ଯେ ସେମାନଙ୍କ ସଂଖ୍ୟା ଅଧିକ ଥିବାରୁ ମସଜିଦ୍ ଭିତରେ ସ୍ଥାନ ହେଉନାହିଁ, ସେତେବେଳେ ଯୋଗୀ ସେମାନଙ୍କୁ ଶିଫ୍ଟରେ ନମାଜ ପାଠ କରିବାକୁ ପରାମର୍ଶ ଦେଇଥିଲେ । 'ଯଦି ଆପଣଙ୍କ ଘରେ ରହିବାକୁ ଜାଗା ନାହିଁ, ତେବେ ଭାଇ ଜନସଂଖ୍ୟା ନିୟନ୍ତ୍ରଣ କରନ୍ତୁ । ଯଦି ସାମର୍ଥ୍ୟ ନାହିଁ, ତେବେ ବେକାରରେ ସଂଖ୍ୟା ବଢ଼ାଇବା କ'ଣ ଦରକାର ? ଯଦି ଆପଣଙ୍କୁ ଏହି ବ୍ୟବସ୍ଥା ସହ ରହିବାକୁ ଅଛି, ତେବେ ଆପଣଙ୍କୁ ନିୟମକାନୁନ ମାନିବାକୁ ହିଁ ପଡ଼ିବ ।' ଯୋଗୀ ଆଦିତ୍ୟନାଥ ସ୍ପଷ୍ଟ କରିଛନ୍ତି ଯେ ରାଜ୍ୟରେ କେବଳ ଆଇନର ଶାସନ ଚାଲିବ ଏବଂ ଏହା ସମସ୍ତଙ୍କ ପାଇଁ ସମାନ ଭାବେ ଲାଗୁ ହେବ । 'ନମାଜ ପଢ଼ିବା ଜରୁରୀ, ଆମେ ତାହାକୁ ରୋକିବୁ ନାହିଁ, କିନ୍ତୁ ଆପଣ ଶିଫ୍ଟ କରି ପଢ଼ନ୍ତୁ । ରାସ୍ତା କୌଣସି ଜଣେ ଅସୁସ୍ଥ ବ୍ୟକ୍ତି, ଶ୍ରମିକ, ଚାକିରିଆ, ବ୍ୟବସାୟୀ କିମ୍ବା ଜଣେ ସାଧାରଣ ନାଗରିକଙ୍କ ପାଇଁ ବନ୍ଦ କରାଯାଇପାରିବ ନାହିଁ । ସରକାରଙ୍କ ନିୟମ ସାର୍ବଜନୀନ ଏବଂ ଏହା ସମସ୍ତଙ୍କ ଉପରେ ସମାନ ଭାବେ ଲାଗୁ ହେବ ।' ନିଜର କଡ଼ା ଚେତାବନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଆମେ ରାଜ୍ୟରେ କୌଣସି ପ୍ରକାରର ଅରାଜକତା ଚଳାଇ ଦେବୁ ନାହିଁ ।

# ଜାମିନ ନାମଞ୍ଜୁର ପ୍ରସଙ୍ଗ ନେଇ ସୁପ୍ରିମକୋର୍ଟ ଖପ୍ପା



ନୂଆଦିଲ୍ଲୀ,୧୮।୫: ସୁପ୍ରିମକୋର୍ଟ ୨୦୨୦ ଦିଲ୍ଲୀ ଦଙ୍ଗା ଅଭିଯୁକ୍ତ ଉମର ଖାଲିଦ ଏବଂ ଶାର୍ଜିଲ ଇମାମଙ୍କୁ ଜାମିନ ନାମଞ୍ଜୁର କରିବା ନିଷ୍ପତ୍ତି ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ନାର୍କୋ-ଆତଙ୍କବାଦ ମାମଲାର ଅଭିଯୁକ୍ତ ଜମ୍ମୁ ଏବଂ କାଶ୍ମୀରର ସୟଦ ଇଫତିଖାର ଆନ୍ଦ୍ରାବିଙ୍କୁ କୋର୍ଟ ଜାମିନ ପ୍ରଦାନ କରାଯାଇଥିବାବେଳେ ଖାଲିଦ ଏବଂ ଶାର୍ଜିଲଙ୍କ ଜାମିନ ନାମଞ୍ଜୁର କରାଯିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ୟୁଏପିଏ ଏବଂ ଏନଡିପିଏସ୍ ଆଇନ ଅନୁଯାୟୀ ଅଭିଯୋଗର ସମ୍ମୁଖୀନ ହୋଇଥିବା ଆନ୍ଦ୍ରାବୀଙ୍କୁ ମୁକ୍ତ କରିବା ସମୟରେ, ସୁପ୍ରିମକୋର୍ଟ ତାଙ୍କର ବିଚାର ବିନା ଦୀର୍ଘ କାରାଦଣ୍ଡକୁ ଏକ କାରଣ ଭାବରେ ଉଲ୍ଲେଖ କରିଥିଲେ। ଜୁନ୍ ୨୦୨୦ ରେ ଆନ୍ଦ୍ରାବୀଙ୍କୁ ଗିରଫ କରାଯାଇଥିଲା। ସୁପ୍ରିମକୋର୍ଟ କହିଛନ୍ତି, ୟୁଏପିଏ ମାମଲାରେ ମଧ୍ୟ 'ଜାମିନ ହେଉଛି ନିୟମ ଏବଂ ଜେଲ ହେଉଛି ବ୍ୟତିକ୍ରମ' ନୀତି ପ୍ରଯୁଜ୍ୟ। ଜାନୁଆରି ମାସରେ, ସୁପ୍ରିମକୋର୍ଟରେ ଦୁଇ ଜଣିଆ ଖଣ୍ଡପୀଠ ଦିଲ୍ଲୀ ଦଙ୍ଗାର ଅଭିଯୁକ୍ତ ଗୁଲଫିଶା ଫାତିମା, ମୀରାନ ହାଇଦର, ଶିଫା-ଉର-ରେହମାନ, ମହମ୍ମଦ ସଲିମ ଖାନ ଏବଂ ଶାଦାବ ଅହମ୍ମଦଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ, ଯେତେବେଳେ ମାମଲାର ମୁଖ୍ୟ ଅଭିଯୁକ୍ତ ଉମର ଖାଲିଦ ଏବଂ ଶାରଜିଲ ଇମାମଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ଉଭୟ ସେପଟେମ୍ବର ୨୦୨୦ ରୁ ଜେଲରେ ଅଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଯେଉଁ ନ୍ୟାୟିକ ନୀତି ଅନୁଯାୟୀ ଆନ୍ଦ୍ରାବିଙ୍କୁ ଜାମିନ ଦିଆଯାଉଛି ତାହା ତିନି ଜଣିଆ ଖଣ୍ଡପୀଠ ଦ୍ୱାରା ସ୍ଥିର କରାଯାଇଥିଲା। ଉମର ଖାଲିଦଙ୍କ ମାମଲାରେ, ଦୁଇ ଜଣିଆ ଖଣ୍ଡପୀଠ ସେହି ନୀତିକୁ ଅନୁସରଣ କରି ନଥିଲେ। ବିଚାରପତି ବି.ଭି. ନାଗାରତ୍ନା ଏବଂ ବିଚାରପତି ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ତାଙ୍କ ନିଷ୍ପତ୍ତିରେ ଉମର ଖାଲିଦ ଏବଂ ଶାରଜିଲ ଇମାମଙ୍କୁ ଜାମିନ ନାମଞ୍ଜୁର କରିବା ନେଇ ଅନ୍ୟ ଏକ ଖଣ୍ଡପୀଠର ନିଷ୍ପତ୍ତି ସହିତ ମତଭେଦ ପ୍ରକାଶ କରିଛନ୍ତି।

## ୟୁଏଇ ପରମାଣୁ ଶକ୍ତି କେନ୍ଦ୍ର ଉପରେ ଡ୍ରୋନ୍ ଆକ୍ରମଣକୁ କଡ଼ା ନିନ୍ଦା କଲା ଭାରତ

ନୂଆଦିଲ୍ଲୀ,୧୮।୫: ସୋମବାର ଦିନ ଭାରତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ବାରାକା ପରମାଣୁ ଶକ୍ତି କେନ୍ଦ୍ରକୁ ଟାର୍ଗେଟ କରି ହୋଇଥିବା ଡ୍ରୋନ୍ ଆକ୍ରମଣକୁ କଡ଼ା ନିନ୍ଦା କରିଛି, ଏହାକୁ ଭାରତ ବିପଜ୍ଜନକ ବୋଲି କହିଛି ଏବଂ ବଢୁଥିବା ଆଞ୍ଚଳିକ ଉତ୍ତେଜନା ମଧ୍ୟରେ ସମସ୍ତ ପକ୍ଷଙ୍କୁ ଆଲୋଚନା ଏବଂ କୂଟନୀତିକୁ ଫେରିବାକୁ ଅନୁରୋଧ କରିଛି। ଏଭଳି ଆକ୍ରମଣ ଅଗ୍ରହଣୀୟ ବୋଲି ଭାରତ ରୋକଠୋକ୍ କହିଛି। ବୈଦେଶିକ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ଅଧିକୃତ ବିବୃତିରେ, ଭାରତ କହିଛି, ୟୁଏଇର ଏକମାତ୍ର ପରମାଣୁ କେନ୍ଦ୍ର ଉପରେ ହୋଇଥିବା ଆକ୍ରମଣ ନେଇ ଭାରତ ଗମ୍ଭୀର ଭାବରେ ଚିନ୍ତିତ। ଆମେ ତୁରନ୍ତ ସଂଯମତା ଏବଂ ଆଲୋଚନା ଏବଂ କୂଟନୀତିକୁ ଫେରିବାକୁ ଆହ୍ୱାନ କରୁଛୁ, ବୋଲି ବିବୃତିରେ କୁହାଯାଇଛି। ସଂଯୁକ୍ତ ଆରବ ଏମିରେଟ୍ସ କହିଛି, ପରମାଣୁ ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା। ଦେଶର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ପଶ୍ଚିମ ସୀମାରୁ ତିନୋଟି ଡ୍ରୋନ୍ ୟୁଏଇରେ ପ୍ରବେଶ କରିଥିଲା।

## ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଭି.ଡି. ସତୀଶନ



ତିରୁଅନନ୍ତପୁରମ,୧୮।୫ : କେରଳମ ରାଜନୀତିରେ ଆରମ୍ଭ ହୋଇଛି ନୂଆ ଅଧ୍ୟାୟ । ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ବିରୋଧୀ ଦଳ ନେତା ଭି.ଡି. ସତୀଶନ । ଭିଡି ସତୀଶନଙ୍କ ପଦ ଓ ଗୋପନୀୟତାର ଶପଥ ପାଠ କରାଇଲେ ରାଜ୍ୟପାଳ । ୧୦ ବର୍ଷ ପରେ କେରଳରେ ଫେରିଲା ୟୁଡିଏଫ୍ । ଶପଥ ଗ୍ରହଣ ଉତ୍ସବରେ କଂଗ୍ରେସ ନେତା ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି, ମଲ୍ଲିକାର୍ଜୁନ ଖଡଗେ ସମତେ କଂଗ୍ରେସ ଅନେକ ବରିଷ୍ଠ ନେତା ସାମିଲ ରହିଛନ୍ତି ।ଦୀର୍ଘ ଏକ ଦଶନ୍ଧି ଧରି ଚାଲିଥିବା ବାମପନ୍ଥୀ ଶାସନର ଅନ୍ତ ଘଟାଇ କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ ହାତରେ କେରଳର କାର୍ଯ୍ୟଭାର ।

## ୟୁପିରେ ଦୁଇ ମର୍ମନ୍ତୁଦ ଦୁର୍ଘଟଣା: ୧୨ ମୃତ

ନୂଆଦିଲ୍ଲୀ,୧୮।୫: ୟୁପିରେ ଦୁଇଟି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଉଭୟ ଦୁର୍ଘଟଣାରେ ମୋଟ ୧୨ ଜଣଙ୍କର ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ, ସୋମବାର ଲଖିମପୁର ଖେରି ଜିଲ୍ଲାରେ ଏକ ମ୍ୟାଜିକ୍ ଭ୍ୟାନ ଏବଂ ଟ୍ରକ୍ ମଧ୍ୟରେ ଧକ୍କା ହେବା ଫଳରେ ୮ ଜଣଙ୍କର ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣାରେ ଅନ୍ୟ ଦୁଇଜଣ ଆହତ ହୋଇଥିବା ସୂଚନା ମିଳିଛି । ଏହା ବ୍ୟତୀତ ବହରାଇଚରେ ଆଉ ଏକ ଦୁର୍ଘଟଣା ଘଟିଛି । ବହରାଇଚ ଏସପି ବିଶ୍ୱଜିତ ଶ୍ରୀବାସ୍ତବ କହିଛନ୍ତି, ଆମେ ସୂଚନା ପାଇଲୁ ଯେ ଏକ କାର ବହରାଇଚ ଆଡକୁ ଯାଉଥିଲା । ପାର୍ଶ୍ୱବର୍ତ୍ତୀ ରାସ୍ତାରୁ ଏକ କମ୍ବାଇନ୍ ହାର୍ଭେଷ୍ଟର ଏହା ସହିତ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ୪ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨ ଜଣଙ୍କୁ ଡାକ୍ତରଖାନା ନିଆଯାଇଛି। ଏହିପରି ଆଉ ଏକ ଦୁର୍ଘଟଣା ଲକ୍ଷୀମପୁର ଖେରି ଜିଲ୍ଲାର ଧୌରାହରା ଅଞ୍ଚଳରେ ଘଟିଛି । ସୋମବାର ସକାଳେ ଏକ ମ୍ୟାଜିକ୍ ଭ୍ୟାନ ଏବଂ ଏକ ଟ୍ରକ୍ ମଧ୍ୟରେ ଧକ୍କା ହୋଇ ଆଠ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି ।

## ସାମ୍ନାକୁ ଆସିଲା ଭାରତର ପ୍ରଥମ ବୁଲେଟ ଟ୍ରେନର ଚିତ୍ର



ନୂଆଦିଲ୍ଲୀ,୧୮।୫: ଭାରତର ପ୍ରଥମ ବୁଲେଟ ଟ୍ରେନର ଚିତ୍ର ସାମ୍ନାକୁ ଆସିଛି। ଏହି ଟ୍ରେନଟି ଗୁଜରାଟରେ ପ୍ରଥମଥର ପାଇଁ ଚାଲିବାକୁ ଯାଉଛି। ଏଥିରେ ଏକ କେଶର ରଙ୍ଗ(ଗେରୁଆ) ରହିବ। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୂର୍ବରୁ କହିଥିଲେ, ଦେଶର ପ୍ରଥମ ବୁଲେଟ ଟ୍ରେନ ଅଗଷ୍ଟ ୧୫, ୨୦୨୭ରେ ଆରମ୍ଭ ହେବ ଏବଂ ଏବେ ଏହାର ଚିତ୍ର ଆସିଛି। ଭାରତର ପ୍ରଥମ ବୁଲେଟ ଟ୍ରେନ ମୁମ୍ବାଇ ଏବଂ ଅହମ୍ମଦାବାଦ ମଧ୍ୟରେ ଚାଲିବ, ଯାହା ୩୨୦ କିମି/ଘଣ୍ଟା ବେଗରେ ୫୦୮ କିଲୋମିଟର ଲମ୍ବା ହାଇ-ସ୍ପିଡ ରେଳ କରିଡର ଅତିକ୍ରମ କରିବ। ଏହି ଟ୍ରେନ ଅଗଷ୍ଟ ୧୫, ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି।

### ସ୍କର୍ପିଓ ଧକ୍କାରେ ୩ ଜଣଙ୍କ ମୃତ୍ୟୁ ଘଟଣା

# ସ୍କର୍ପିଓ ଚାଳକ କୁଚିଣ୍ଡା ଲ୍ୟାମ୍ପ ଏମ୍‌ଡି ଗିରଫ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଫରେଷ୍ଟ ପାର୍କ ସମ୍ମୁଖରେ ସ୍କର୍ପିଓ ଧକ୍କାରେ ୩ବାଇକ ଆରୋହୀଙ୍କ ମୃତ୍ୟୁ ଘଟଣାରେ କୁଚିଣ୍ଡା ପୋଲିସ ସ୍କର୍ପିଓ ଚାଳକ ତଥା କୁଚିଣ୍ଡା ଲ୍ୟାମ୍ପ ଏମଡିଙ୍କୁ ଗିରଫ କରି ସୋମବାର କୁଚିଣ୍ଡା ଏସଡ଼ିଜେଏମ୍ କୋର୍ଟକୁ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଗିରଫ ସ୍କର୍ପିଓ ଚାଳକ ହେଲେ କୁଚିଣ୍ଡା ଲ୍ୟାମ୍ପ ଏମଡି ତଥା କୁଚିଣ୍ଡା ଥାନା ବୁଦୁଲାପାଲି ଗ୍ରାମର କୁମୋଦ ପ୍ରଧାନ (୨୮) । ସୂଚନା ଅନୁଯାୟୀ, ଗତ ୧୫ ତାରିଖ ସନ୍ଧ୍ୟାରେ କୁଚିଣ୍ଡା ପରେଷ୍ଟ ପାର୍କ ସମ୍ମୁଖରେ ଓଡି ୧୫ ଏସି ୩୬୧୪ ନମ୍ବର ବିଶିଷ୍ଟ ଏକ ଧଳା ରଙ୍ଗର ସ୍କର୍ପିଓ ଗାଡି ଓଡି ୨୮ ବି ୧୮୯୧ ନମ୍ବର ବିଶିଷ୍ଟ ଏକ ହୋଣ୍ଡା ସାଇନ୍ ବାଇକକୁ ସାମ୍ନାରୁ ଧକ୍କା ଦେଇଥିଲା । ଫଳରେ କୁଚିଣ୍ଡା ଡାକ୍ତରଖାନାରୁ ଜଣେ ସମ୍ପର୍କୀୟଙ୍କୁ ଦେଖି ଘରକୁ ଫେରୁଥିବା ମହୁଲ ପାଲି ଥାନା (କୁ)ଜମନକିରା ଗ୍ରାମର ଦୀପକ ମୁଣ୍ଡା(୪୨), ଶିବ ମୁଣ୍ଡା(୪୦) ଓ କୁଚିଣ୍ଡା ଥାନା ବିଞ୍ଜିପାଲି ଗ୍ରାମର ୮ ବର୍ଷୀୟା ସୁନେନା ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା । ଏନେଇ ପ୍ରଦୀପ ମୁଣ୍ଡାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ କୁଚିଣ୍ଡା ଥାନାରେ ଦଫା ୨୮୧/୧୨୫(ଏ) /୧୨୫(ବି)/ ୧୦୬(୧) ବିଏନଏସରେ ମାମଲା (ନଂ.୧୦୩/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା । ଏଥିରେ କୁଚିଣ୍ଡା ଲ୍ୟାମ୍ପ ଏମଡି ତଥା ବୁଦୁଲାପାଲି ଗ୍ରାମର କୁମୋଦ ପ୍ରଧାନଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବା ପରେ କୁଚିଣ୍ଡା ପୋଲିସ ଦଫା ପରିବର୍ତ୍ତନ କରି ୧୦୫ ବିଏନଏସ/୧୮୧/୧୮୪/୧୮୫/୧୮୭ ଏମିଭି ଆକ୍ଟରେ ଅଭିଯୁକ୍ତ ସ୍କର୍ପିଓ ଚାଳକ କୁମୋଦ ପ୍ରଧାନଙ୍କୁ ଗିରଫ କରିଥିଲା। ପୋଲିସ ଘଟଣାରେ ବ୍ୟବହୃତ ସ୍କର୍ପିଓ ଏବଂ ବାଇକକୁ ଜବତ କରିଛି ।




## ଫୁଡ୍ କୋର୍ଟରେ ଅଗ୍ନିକାଣ୍ଡ : ୪ ଦୋକାନର ଘର ସମ୍ପୂର୍ଣ୍ଣ ଜଳିଗଲା

ଭୁବନେଶ୍ୱର(ନିପ୍ର): ଜାଗମରା ଜଗମୋହନନଗରରେ ଥିବା ଫୁଡ୍ ସ୍କୋୟାର ଫୁଡ୍ କୋର୍ଟରେ ସୋମବାର ଭୋର ୩ଟାରେ ଅଗ୍ନିକାଣ୍ଡ ଘଟି ୪ଟି ଫାଷ୍ଟଫୁଡ୍ ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଛି । ତମାଣ୍ଡୋ ଅଗ୍ନିଶମ ବାହିନୀର ୨ଟି ଗାଡିରେ ୧୨ କର୍ମଚାରୀ ଘଣ୍ଟାଏ ନିକିମା ହୋଇ ନିଆଁକୁ ଆୟତ୍ତ କରିଛନ୍ତି । ତେବେ ଏହି ଅଗ୍ନିକାଣ୍ଡରେ ପ୍ରାୟ ୫ ଲକ୍ଷରୁ ଅଧିକ ଟଙ୍କାର ସାମଗ୍ରୀ ଜଳିପୋଡି ପାଉଁଶ ହୋଇ ଯାଇଥିବା ଜଣାପଡିଛି । ଅଗ୍ନିଶମ ବାହିନୀ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜଗମୋହନନଗରରେ ଥିବା ଅକ୍ଷୟ ମହାପାତ୍ରଙ୍କ ଫୁଡ୍ ସ୍କ ?ୟାର ଫୁଡ୍ କୋର୍ଟରେ ଗତକାଲି ରାତି ପ୍ରାୟ ୧୧ଟାରେ ସମସ୍ତ ଦୋକାନ ବନ୍ଦ ହୋଇ ଯାଇଥିଲା । ଦୋକାନୀମାନେ ଘରକୁ ପଳାଇଥିଲେ । ରାତି ପ୍ରାୟ ୩ଟାରେ ହଠାତ୍ ଏକ ଫାଷ୍ଟଫୁଡ୍ ଦୋକାନରେ ନିଆଁ ଲାଗିଥିଲା । ଚାହୁଁଚାହୁଁ ପାଖକୁ ପାଖ ଲାଗିଥିବା ୪ଟି ଦୋକାନ ଜଳିବାକୁ ଲାଗିଥିଲା । ସ୍ଥାନୀୟ ଲୋକେ ଭୋର ପ୍ରାୟ ୪ଟାରେ ଦମ୍‌କଳ ବାହିନୀକୁ ଖବର ଦେଇଥିଲେ । ତମାଣ୍ଡୋ ଅଗ୍ନିଶମ ବାହିନୀର ଗୋଟିଏ ଗାଡି ପ୍ରଥମେ ଯାଇ ନିଆଁ ଲିଭା କାର୍ଯ୍ୟରେ ଲାଗିଥିଲା । ପରେ ଆଉ ଏକ ଗାଡି ପହଞ୍ଚିଥିଲା । ପ୍ରାୟ ଘଣ୍ଟାଏ ପରେ ନିଆଁ ଆୟତ୍ତ ହୋଇଥିଲା । ଦୋକାନମାନଙ୍କରେ ଥିବା ଫ୍ରିଜ୍ ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ଜଳି ପାଉଁଶ ହୋଇ ଯାଇଥିଲା । ତେବେ ବିଦ୍ୟୁତ ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ଜଳି ଯାଇଥିବା ସମ୍ପତ୍ତିର ମୂଲ୍ୟ ଆନୁମାନିକ ୫ ଲକ୍ଷ ଟଙ୍କା ହେବ ବୋଲି ଫାୟାର ଅଫିସର ଜ୍ଞାନେନ୍ଦ୍ର ବେହେରା ସୂଚନା ଦେଇଛନ୍ତି ।

### ଗ୍ୟାସ ବୁକିଙ୍ଗ ନାଁରେ ସାଇବର ଠକେଇ

## ଓଟିପି ଦେଇ ୩୬ ହଜାରରୁ ଅଧିକ ଟଙ୍କା ହରାଇଲେ ଯୁବକ

କୁଚିଣ୍ଡା(ନିପ୍ର): ସାଇବର ଠକ ଏବେ ନୂଆ ଉପାୟରେ ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କୁ ଟାର୍ଗେଟ୍ କରୁଛନ୍ତି । ଗ୍ୟାସ ବୁକିଙ୍ଗ ନାଁରେ ଓଟିପି ମାଗି ଜଣେ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାରୁ ୩୬ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟିନେଇଥିବା ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଏନେଇ ଠକେଇର ଶିକାର ହୋଇଥିବା ଯୁବକ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ସୂଚନା ଅନୁସାରେ, ଟାଙ୍ଗରମୁଣ୍ଡା ଗ୍ରାମର ଅକ୍ଷୟ ସେଠଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା । ଫୋନ୍ କରିଥିବା ବ୍ୟକ୍ତି ନିଜକୁ ଗ୍ୟାସ ଏଜେନ୍ସି କର୍ମଚାରୀ ବୋଲି ପରିଚୟ ଦେଇ ଗ୍ୟାସ ଟାଙ୍କି ବୁକିଙ୍ଗ ପାଇଁ ମୋବାଇଲକୁ ଆସିଥିବା ଓଟିପି ନମ୍ବର କହିବାକୁ ଅନୁରୋଧ କରିଥିଲେ । ଠକେଇ ବିଷୟରେ ଅବଗତ ନଥିବା ଅକ୍ଷୟ ତାଙ୍କ କଥାରେ ବିଶ୍ୱାସ କରି ଓଟିପି ସେୟାର କରିଦେଇଥିଲେ । ଓଟିପି ମିଳିବା ପରେ ସାଇବର ଠକମାନେ କିଛି ସମୟ ମଧ୍ୟରେ ଅକ୍ଷୟଙ୍କ ବ୍ୟାଙ୍କ ଖାତାରୁ ବିଭିନ୍ନ ପର୍ଯ୍ୟାୟରେ ୩୨ ହଜାର ୫ ଶହ ଟଙ୍କା ଲୁଟିନେଇଥିଲେ । ତେବେ ଘଟଣା ଏଠାରେ ଥମିନଥିଲା । ପରଦିନ ପୁଣି ସେହି ନମ୍ବରରୁ ଫୋନ୍ ଆସିଥିବା ବେଳେ ଅକ୍ଷୟଙ୍କ ସ୍ତ୍ରୀ ଫୋନ୍ ରିସିଭ୍ କରିଥିଲେ । ପୂର୍ବ ଦିନର ଠକେଇ ବିଷୟରେ ଅବଗତ ନଥିବାରୁ ସେ ମଧ୍ୟ ଫୋନ୍ କରୁଥିବା ବ୍ୟକ୍ତିଙ୍କୁ ଓଟିପି ଦେଇଦେଇଥିଲେ । ଏହାପରେ ତାଙ୍କ ଖାତାରୁ ଆହୁରି ୪ ହଜାର ଟଙ୍କା କଟିଯାଇଥିଲା । ମୋବାଇଲକୁ ବ୍ୟାଙ୍କ ଟ୍ରାଞ୍ଜାକ୍ସନ୍ ମେସେଜ ଆସିବା ପରେ ଅକ୍ଷୟ ନିଜେ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ । ପରେ ସେ ତୁରନ୍ତ ଗୋବିନ୍ଦପୁର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ । ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇନଥିବା ଜଣାପଡିଛି ।

## ଦୁର୍ଘଟଣାରେ ଟ୍ରକ୍ ଚାଳକଙ୍କ ମୃତ୍ୟୁ

ବୁଗୁଡ଼ା(ନିପ୍ର): ଦିର୍ଘ ଦିନ ଧରି ବୁଗୁଡ଼ା ଥାନା ଅନ୍ତର୍ଗତ ଷୋଳ ମାଇଲ ଗ୍ରାମର ବାସିନ୍ଦା ଶରତ କୁମାର ନାୟକ ପରିବାର ପ୍ରତିପୋଷଣ କରିବା ପାଇଁ ଟ୍ରକ ଡ୍ରାଇଭର ଭାବେ ପାରାଦ୍ୱୀପରେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଥିଲେ । ଗାଡ଼ିରେ ଥିବା ଜିନିଷ ପତ୍ର ପୋର୍ଟ ଭିତରେ ଢାଳିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଛନ୍ତି । ଦୁର୍ଘଟଣା ପରେ ଉକ୍ତ ଗାଡ଼ି ମାଲିକ ପୋର୍ଟର ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ମେଡିକାଲ ନେଇ ସେ ସେଠାରେ ଶରତଙ୍କୁ ମୃତ୍ୟୁ ସହିତ ସଂଘର୍ଷ କରୁଥିବା ଅବସ୍ଥାରେ ଛାଡି ଘର ଲୋକଙ୍କୁ ଖବର ଦେଇ ଚାଲିଯାଇଥିଲେ । ଏହି ଖବର ଜାଣିବା ପରେ ତାଙ୍କର ଜଣେ ସାଙ୍ଗ ପାରାଦ୍ୱୀପ ସରକାରୀ ଡାକ୍ତରଖାନାରେ ପହଞ୍ଚି ତାଙ୍କ ଅବସ୍ଥା ଦେଖି ଉତ୍ତମ ଚିକିତ୍ସା କରିବା ପାଇଁ କଟକ ବଡ଼ ମେଡିକାଲକୁ ନେବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । କଟକ ମେଡିକାଲରେ ପରିବାର ଲୋକେ ପହଞ୍ଚିଥିଲେ । ଶବ ବ୍ୟବଛେଦ ପରେ ସେଠାରୁ ଆମ୍ବୁଲାନ୍ସ ଯୋଗେ ଶରତଙ୍କ ମରଶରୀର ଗ୍ରାମରେ ପହଞ୍ଚି ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

## 'ଶିଶୁସୁରକ୍ଷାର ଆବଶ୍ୟକତା' ନେଇ ପୋଲିସର ଏକ ସ୍ୱତନ୍ତ୍ର କର୍ମଶାଳା

ଭୁବନେଶ୍ୱର(ନିପ୍ର): ସୋମବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶାର 'ସେଣ୍ଟର ଫର ଚାଇଲ୍ଡ୍ରାଇଟ୍ସ' ଏବଂ ଓଡ଼ିଶା ପୋଲିସର ମହିଳା ଓ ଶିଶୁ ଅପରାଧ ଶାଖାର ମିଳିତ ଆନୁକୂଲ୍ୟରେ 'ଶିଶୁସୁରକ୍ଷାର ଆବଶ୍ୟକତା' ଶୀର୍ଷକ ନେଇ ଏକ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଓଡ଼ିଶା ପୋଲିସରେ କାର୍ଯ୍ୟକରୁଥିବା ପୋଲିସ କର୍ମଚାରୀ ଏବଂ ମହିଳା ଓ ଶିଶୁ ଅପରାଧଶାଖାର ପୋଲିସ ଅଧିକାରୀମାନଙ୍କୁ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଆଇନଗତ ନିୟମ ବିଷୟରେ ଅବଗତ କରାଇବା ସହ ସେମାନଙ୍କ ମଧ୍ୟରେ ଏକ ଶିଶୁ-ଅନୁକୂଳ ମନୋଭାବ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଅଟେ । ମେ ୧୮ ଏବଂ ୧୯ ତାରିଖ (ଦୁଇଦିନ) ଧରି ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରର ପ୍ରଥମ ଦିନ ଭୁବନେଶ୍ୱରର ପୋଲିସ ଭବନସ୍ଥିତ କନଭେନସନ ହଲ୍‌ରେ ହୋଇଥିବାବେଳେ ଦ୍ୱିତୀୟ ଦିନର ସୁଲଗଡ଼ସ୍ଥିତ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁ ମୁଖ୍ୟାଳୟଠାରେ ଅନୁଷ୍ଠିତ ହେବ । ଏହି ପ୍ରଶିକ୍ଷଣ ଶିବିରର ଉଦ୍ଘାଟନୀ ସମାରୋହରେ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀ ଏବଂ ଶିକ୍ଷାବିତ୍‌ମାନେ ଯୋଗଦେଇ ପ୍ରଶିକ୍ଷଣ ନେଉଥିବା ଅଧିକାରୀମାନଙ୍କୁ ସମ୍ବୋଧିତ ଓ ମାର୍ଗଦର୍ଶନ କରିଥିଲେ ।

## ଆଭାସୀ ମାଧ୍ୟମରେ ଚାଲିବ ହାଇକୋର୍ଟ କାର୍ଯ୍ୟ

କଟକ(ନିପ୍ର): ଭାରତ ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଏବଂ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ଅନୁସରଣ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ନ୍ୟାୟାଳୟର କାର୍ଯ୍ୟପ୍ରଣାଳୀ ଓ କର୍ମଚାରୀଙ୍କ ରୋଷ୍ଟର ବ୍ୟବସ୍ଥା ସମ୍ବନ୍ଧରେ ନୂତନ ବ୍ୟବସ୍ଥା ଜାରି କରାଯାଇଛି । ଉଚ୍ଚ ନ୍ୟାୟାଳୟର ନୋଟିସ ଅନୁଯାୟୀ, ଆସନ୍ତା ୧୯ ଓ ୨୧ ମଇ୨୦୨୬ ତାରିଖରେ ସମସ୍ତ ବେଞ୍ଚ ଆଭାସୀ ମାଧ୍ୟମରେ କାର୍ଯ୍ୟ କରିବେ । ଏଥିସହ ଗ୍ରୀଷ୍ମ ଅବକାଶ ସମୟରେ କାର୍ଯ୍ୟରତ ସମସ୍ତ ଛୁଟିକାଳୀନ ବେଞ୍ଚ ଆଭାସୀ ମାଧ୍ୟମରେ କାର୍ଯ୍ୟ କରିବେ । ନ୍ୟାୟାଳୟ ଓ ରେଜିଷ୍ଟ୍ରିର କାର୍ଯ୍ୟ ନିରବଚ୍ଛିନ୍ନ ଭାବେ ଚାଲୁ ରଖିବା ପାଇଁ ସମସ୍ତ ସୁପରିଣ୍ଟେଣ୍ଡେଣ୍ଟ ମାନଙ୍କୁ ତାଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ନିମନ୍ତେ ରୋଷ୍ଟର ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି । ଏହି ବ୍ୟବସ୍ଥାରେ ସର୍ବନିମ୍ନ ୫୦ ପ୍ରତିଶତ କର୍ମଚାରୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ନ୍ୟାୟାଳୟରେ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ କର୍ମଚାରୀମାନେ କାର୍ଯ୍ୟ ତାଲିକା ଅନୁଯାୟୀ ନ୍ୟାୟାଳୟରେ ଉପସ୍ଥିତ ରହିବେ ନାହିଁ, ସେମାନେ କାର୍ଯ୍ୟାଳୟ ସମୟ ମଧ୍ୟରେ ଟେଲିଫୋନ, ମୋବାଇଲ ଓ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ସର୍ବଦା ଉପଲବ୍ଧ ରହିବେ । ଆବଶ୍ୟକ ପଡ଼ିଲେ ସେମାନଙ୍କୁ ତୁରନ୍ତ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦିଆଯାଇଛି । କୌଣସି ବିଭାଗରେ କାର୍ଯ୍ୟଶୈଳୀ ପ୍ରଭାବିତ ହେଉଥିଲେ ସମ୍ପୃକ୍ତ ସୁପେରିଟେଣ୍ଡେଣ୍ଟ ସଂଶୋଧିତ କାର୍ଯ୍ୟ ତାଲିକା ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରିପାରିବେ ।

## ଋଣ ଭାର ସହିନପାରି ଯୁବ ବ୍ୟବସାୟୀଙ୍କ ଆତ୍ମହତ୍ୟା

ଚାରିଛକ(ନିପ୍ର): ପୁରୀ ଜିଲ୍ଲା ଚାରିଛକ ନିକଟସ୍ଥ ନୟାହାଟ ଫାଣ୍ଡି ଅନ୍ତର୍ଗତ ବରଗୋରଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଋଣ ଭାର ସହି ନପାରି ଜଣେ ଯୁବ ବ୍ୟବସାୟୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ମୃତକ ଜଣକ ହେଉଛନ୍ତି ସେହି ଗ୍ରାମର ପର୍ଶୁରାମ ମହାରଣାଙ୍କ ପୁତ୍ର ହେମନ୍ତ ମହାରଣା (୪୫) । ସୂଚନା ଅନୁଯାୟୀ, ହେମନ୍ତ କୌଣସି କାରଣରୁ ମାନସିକ ଚାପରେ ଥିଲେ । ସୋମବାର ସକାଳୁ ଗ୍ରାମ ନିକଟସ୍ଥ ନୟାହାଟ ବାରି ହାଟଠାରେ ଏକ ଗଛରେ ତାଙ୍କର ମୃତଦେହ ଝୁଲୁଥିବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା । ଗ୍ରାମବାସୀମାନେ ତୁରନ୍ତ ଏ ବିଷୟରେ ନୟାହାଟ ଫାଣ୍ଡି ପୁଲିସକୁ ସୂଚନା ଦେଇଥିଲେ । ଖବର ପାଇ ନୟାହାଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଚାରିଛକ ପଠାଇଥିଲେ । ଏହି ସମ୍ପର୍କରେ ଗୋପ ଥାନାରେ ଏକ ଅପମୃତ୍ୟୁ ମାମଲା (କେସ୍ ନଂ ୧୧/୨୦୨୬) ରୁଜୁ କରାଯାଇ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

## କଟାମୁଣ୍ଡ ମାମଲା: ମୁଖ୍ୟ ଅଭିଯୁକ୍ତଙ୍କୁ ଆଜୀବନ ସଜା

ପାରଳାଖେମୁଣ୍ଡି(ନିପ୍ର): ୨୦୨୩ ମସିହାରେ ଗଜପତି ଜିଲ୍ଲାର କାଶୀନଗର ଥାନା ଅନ୍ତର୍ଗତ ସାରା ଗ୍ରାମର ବହୁ ଚର୍ଚ୍ଚିତ ଚାଞ୍ଚଲ୍ୟକର ତଥା ବିଭତ୍ସ ହତ୍ୟାକାଣ୍ଡ ଭଳି ଏକ ସମ୍ବେଦନଶୀଳ ମାମଲାର ଶୁଣାଣି କରି ସୋମବାର ମାନ୍ୟବର ଗଜପତି ଜିଲ୍ଲା ଦୌରା ଜଜ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୦୨ରେ କାଶୀନଗର ଥାନା ଅନ୍ତର୍ଗତ ସାରା ଗ୍ରାମର ମୁଖ୍ୟ ଅଭିଯୁକ୍ତ ଚନ୍ଦ୍ରଶେଖର କାର୍ଜି ଓରଫ ମୁନା (୩୯)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୧୫ହଜାର ଟଙ୍କା ଜୋରିମାନାର ସଜା ଶୁଣାଇଛନ୍ତି ତଥା ପ୍ରମାଣ ନଷ୍ଟ କରିବା ଅପରାଧରେ ଧାରା ୨୦୧ ଅନୁଯାୟୀ ଦୁଇ ବର୍ଷର ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିବା ସହ ଜୋରିମାନା ଅନାଦେୟ ହେଲେ ଆହୁରି ଦୁଇ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ମାନ୍ୟବର ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି । ସରକାରଙ୍କ ପକ୍ଷରୁ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଏହି ମାମଲାର ପରିଚାଳନା କରୁଥିବା ବେଳେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଏମ୍ ଲୋକନାଦମ, ଗୌରହରି କରସୁଧା ପଟ୍ଟନାୟକ ତାଙ୍କୁ ଏହି ମାମଲାରେ ଯଥାର୍ଥ ସହଯୋଗର ହାତ ବଢାଇଥିବାର ସୂଚନା ଶ୍ରୀ ମିଶ୍ର ଦେଇଛନ୍ତି ।

## ୫ ହଜାର ଲାଞ୍ଚ ନେଇ ଭିଜିଲାନ୍ସ ପଞ୍ଝାରେ ପ୍ରଧାନ ଶିକ୍ଷକ

କେନ୍ଦ୍ରାପଡ଼ା(ନିପ୍ର): ଭିଜିଲାନ୍ସ ପଞ୍ଝାରେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଚଢ଼େଇଗୁଆ ସ୍କୁଲ ପ୍ରଧାନ ଶିକ୍ଷକ ରଘୁନାଥ ଦାସ । ପୋଷାକ ବଣ୍ଟନ କରିଥିବା ଗ୍ରୁପ ଓ ରାତ୍ରୀ ଜଗୁଆଳ କର୍ମଚାରୀଙ୍କ ବକେୟା ଅର୍ଥ ପ୍ରଦାନ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗୁଥିବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି । ନୂତନ କର୍ମଚାରୀ ଜଣକ ଅଗଷ୍ଟ, ୨୦୨୫ରେ ଯୋଗଦାନ କରିବା ପରଠାରୁ ଆଜିଯାଏ ଦରମା ପାଇନଥିଲେ । କର୍ମଚାରୀ ଜଣକ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଦାସଙ୍କୁ ତାଙ୍କ ଦରମା ପାଇବା ପାଇଁ ଅନୁରୋଧ କରି ଆସୁଥିଲେ । କିନ୍ତୁ, ଅଭିଯୁକ୍ତ ଶ୍ରୀ ଦାସ ତାଙ୍କ ବକେୟା ଦରମା ଉଠାଇବା ପାଇଁ କର୍ମଚାରୀଙ୍କଠାରୁ ୫,୦୦୦ ଟଙ୍କା ଲାଞ୍ଚ ବାରମ୍ବାର ଦାବି କରିଥିଲେ । ଏହା କର୍ମଚାରୀଙ୍କୁ ବିରକ୍ତ କରିଥିଲା ଏବଂ ସେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଉକ୍ତ ବିଷୟରେ ଅବଗତ କରାଇଥିଲେ । ସୂଚନା ପାଇ ଓଡ଼ିଶା ଭିଜିଲାନ୍ସର ଏକ ଦଳ ସ୍କୁଲ ବାହାରେ ଜଗିବେସିଥିଲା ଓ ପୁନର୍ବାର ଯେଉଁ ସମୟରେ ପ୍ରଧାନ ଶିକ୍ଷକ ଦାସ କର୍ମଚାରୀଙ୍କଠାରୁ ୫,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ ଠିକ ସେହି ସମୟରେ ଶ୍ରୀ ଦାସଙ୍କୁ ମାଡ଼ିବସିଥିଲେ ଭିଜିଲାନ୍ସ ଟିମ । ଅଭିଯୁକ୍ତ ଶ୍ରୀ ଦାସଙ୍କ ପାଖରୁ ୫୦୦୦ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଥିଲା । ଶ୍ରୀ ଦାସଙ୍କ ପୈତୃକ ଏବଂ କେନ୍ଦ୍ରାପଡ଼ା ସ୍ଥିତ ଘରେ ଏକକାଳୀନ ତଲାସ ଚାଲିଥିବା ବେଳେ ଏହି ସମ୍ପର୍କରେ କଟକ ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୨୦/୨୦୨୬ ଧାରା ୭ ପିସି ଆଇନ, ୨୦୧୮ ଅନୁଯାୟୀ କେସ ରୁଜୁ କରାଯାଇଛି ।



## ଦୁଇ ମହଲା ଛାତରୁ ଖସିପଡ଼ି ଯୁବକ ମୃତ

କଟକ(ନିପ୍ର): ଅସାବଧାନତା ଯୋଗୁଁ ଚାଲିଗଲା ଜୀବନ । ଦୁଇ ମହଲା ଛାତରୁ ତଳକୁ ଖସିପଡ଼ି ଯୁବକ ମୃତ । ମୃତ ଯୁବକ ହେଲେ ଜଗନ୍ନାଥ ସାହୁ । ସେ ଓମଫେଡରେ କ୍ଷୀର ଟ୍ୟାଙ୍କର ଚାଳକ ଭାବେ କାର୍ଯ୍ୟ କରନ୍ତି । ଯୁବକଙ୍କ ନିଜ ଘର ଜଗତସିଂହପୁର ଜିଲ୍ଲା ବାଲିକୁଦା ଆମ୍ବଶାଳ ଗ୍ରାମରେ ହୋଇଥିବା ବେଳେ ଏଠାରେ ଷଣ୍ଢପୁର ଗ୍ରାମରେ ଘର ଭଡ଼ା ନେଇ ତାଙ୍କ ଭାଇଙ୍କ ସହ ରହୁଥିଲେ । ଗତକାଲି ରାତି ପ୍ରାୟ ୧୧ଟା ସମୟରେ ଘରର ଛାତ ଉପରେ ଚଲାବୁଲା କରୁଥିବା ବେଳେ ଅସାବଧାନତା ବଶତଃ ଦୁଇ ମହଲା ଛାତରୁ ତଳକୁ ଖସି ପଡ଼ିଥିଲେ । ତଳେ ପଡି ପାଚେରିରେ ତାଙ୍କ ମୁଣ୍ଡ ମାଡ଼ ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ଗୋଡିସାହି ଫାଣ୍ଡି ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲା । ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

## ବିଭିନ୍ନ ହୋଟେଲ,ରେଷ୍ଟୁରାଣ୍ଟରେ ପ୍ରଶାସନିକ ଚଢାଉ, ୨୦ ଏଲପିଜି ଗ୍ୟାସ ସିଲିଣ୍ଡର ଜବତ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ପ୍ରଶାସନ ପକ୍ଷରୁ ସୋମବାର ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ଚଢ଼ାଉ କରାଯାଇ ୨୦ଟି ଘରୋଇ ଏଲପିଜି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି । ଉପଜିଲ୍ଲାପାଳ ସରଓ୍ୱନନ୍ ସଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି କଲେକ୍ଟର ସଞ୍ଜୟ ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର, ଏସିଏସଓ ରାଜକିଶୋର ସ୍ୱାଇଁ ପ୍ରମୁଖ ଚଢାଉ କରିଥିଲେ । ଅଧିକାରୀ ମାନେ ସାହୁ ହୋଟେଲରୁ ୨ଟି, ହୋଟେଲ ରୋୟାଲ ଗ୍ୟାଲେକ୍ସିରୁ ୮ଟି, ହୋଟେଲ ତିଳକ୍‌ରୁ ୫ଟି, ରସୋଇ ରେଷ୍ଟୁରାଣ୍ଟରୁ ୩ଟି ଓ ଟାଉନ ହୋଟେଲରୁ ୨ଟି ଏଭଳି ସମୁଦାୟ ୨୦ଟି ବେଆଇନ ଭାବେ ବ୍ୟବହାର କରୁଥିବା ଘରୋଇ ଗ୍ୟାସ ସିଲିଣ୍ଡର ଜବ୍ତ କରିଥିଲେ । ଜବତ ପରେ ଡେପୁଟି କଲେକ୍ଟର ମିଶ୍ର ଜବତ କରାଯାଇଥିବା ସମସ୍ତ ସିଲିଣ୍ଡର ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିବାବେଳେ ସେଗୁଡିକୁ ବାଣିଜ୍ୟିକ କାମରେ ବ୍ୟବହାର କରାଯାଉଥିବା କହିଛନ୍ତି । ସମ୍ପୃକ୍ତ ହୋଟେଲ ଓ ରେଷ୍ଟୁରାଣ୍ଟ ବିରୋଧରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଏଭଳି ଯାଞ୍ଚ ଓ ଚଢାଉ ଅଭିଯାନ ଜାରି ରହିବ ବୋଲି ସେ କହିଛନ୍ତି ।



## ଯୁବକଙ୍କ ମୃତଦେହ ଉଦ୍ଧାର: ହତ୍ୟାକରି ଫିଙ୍ଗି ଦେଇଥିବା ଅଭିଯୋଗ

କେନ୍ଦ୍ରାପଡ଼ା(ନିପ୍ର): ରବିବାର ରାତିରେ କେନ୍ଦ୍ରାପଡ଼ା ଡେରାବିଶ ବ୍ଲକ ଅନ୍ତର୍ଗତ ବାଙ୍କୀମୁଣ୍ଡେଇ ଗ୍ରାମର ସଂଜୀତ ମିତ୍ରଙ୍କ ପୁଅ ଆଶିଷ ମିତ୍ର(୩୦)ଙ୍କୁ ଘରୁ ଡାକିନେଇ ଚାନ୍ଦୋଳ ବଜାରରେ ଥିବା ରାଜବାଳା କମ୍ପ୍ଲେକ୍ସ ତିନିମହଲା ଛାତ ଉପରୁ କୌଣସି କାରଣ ବଶତଃ ହତ୍ୟାକରୀ ଛାତ ତଳ ବୁଦାଳିଆ ଲଟା ଜଙ୍ଗଲ ମଧ୍ୟକୁ ପକାଇ ଦେଇଥିବା ଦେଖିବାକୁ ମିଳିଛି । ସକାଳୁ ସକାଳୁ ଚାନ୍ଦୋଳ ଫାଣ୍ଡି ପୋଲିସ ସହିତ ସଦର ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ ଖବର ପାଇଁ ସଦର ପୋଲିସ ଧରି ଘଟଣା ସ୍ଥଳରେ ପହଞ୍ଚିଥିଲେ ଓ ହତ୍ୟାକାଣ୍ଡ ଘଟିଥିବା ସ୍ଥାନ ଏବଂ ତାହାର ଚତଃପାର୍ଶ୍ୱ ବୁଲି ଦେଖିବା ପରେ ଜାଣିବାକୁ ପାଇଥିଲେ ଯେ ଉକ୍ତ ଯୁବକଟି ସମ୍ବଲପୁରରେ ଫାୟାର ସିପିଟରେ କାମ କରୁଥିଲା, ଛୁଟିରେ ଘରକୁ ଆସିଥିଲା । ଚାନ୍ଦୋଳ ବଜାରରେ ଥିବା ରାଜବାଳା ଜୁଏଲର୍ସରେ ସେଲ୍ସ ମ୍ୟାନ ଭାବେ କାର୍ଯ୍ୟ କରୁଥିବା ପିଲାଦିନର ସାଙ୍ଗ ସୋନୁ ନାମକ ସ୍ଥାନୀୟ ଯୁବକ ସହିତ ଗତକାଲି ରବିବାର ରାତିରେ ଘରୁ ଖାଇବା ନେଇ ରାଜବାଳା କମ୍ପ୍ଲେକ୍ସରେ ସୋନୁ ରହୁଥିବା କୋଠରୀକୁ ଶୋଇବା ପାଇଁ ଆସିଥିଲା । ଉଭୟ ଖିଆ, ପିଆ କରି ଛାତ ଉପରେ କନ୍ଥା ବିଛାଇ ଶୋଇଥିଲେ । କିନ୍ତୁ ସକାଳୁ ସକାଳୁ ଉକ୍ତ କମ୍ପ୍ଲେକ୍ସରେ ଥିବା ଟିଭିଏସ ଶୋରୁମ, ଜିଓ କମ୍ପାନୀ ଏବଂ ଫାଇନାସ କମ୍ପାନୀଗୁଡିକରେ କାର୍ଯ୍ୟ କରୁଥିବା କର୍ମଚାରୀ ଆସି ଦୋକାନ ଖୋଲିବା ପରେ ଆଶିଷ ମିତ୍ରଙ୍କ ମୃତଦେହ ପାଚେରି କଡ଼ରେ ଥିବା ଲଟା ବଣରେ ପଡ଼ିଥିଲା । ତୁରନ୍ତ ଦୋକାନୀମାନେ ସ୍ଥାନୀୟ ଫାଣ୍ଡି ପୋଲିସକୁ ଖବର ଦେଇଥିଲେ । ଫାଣ୍ଡି ପୋଲିସ ମୃତ ଆଶିଷଙ୍କ ପରିଚୟ ପାଇବା ପରେ ତାର ଘରକୁ ଖବର ଦେଇଥିଲେ । ଆଶିଷଙ୍କ ପରିବାର ଲୋକେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ପୁଅର ଶବକୁ ଚିହ୍ନଟ କରିବା ପରେ ସଦର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ମୃତ ଆଶିଷ ବାପାଙ୍କ ଅଭିଯୋଗକୁ ଆଧାର କରି ସଦର ଥାନା ପୋଲିସ ଘଟଣାକୁ ହତ୍ୟା ମାମଲାରେ ରୁଜୁ କରିବା ସହିତ ଥାନା କେସ ନମ୍ବର - ୩୦୯/୨୬, ତା - ୧୮/୦୮/୨୬ ଅନୁଯାୟୀ ମୃତଦେହଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ସାଇଣ୍ଟିଫିକ ଟିମ ଡାକି ଘଟଣା ସ୍ଥଳରେ ପଡ଼ିଥିବା ଏକ ଶୋଇବା କନ୍ଥା, ଭିନ୍ନ ଭିନ୍ନ ସ୍ଥାନରେ ପଡ଼ିଥିବା ଦୁଇଗୋଟି ମୋବାଇଲ ଫୋନ, ପିନ୍ଧା ଚପଲ ଏବଂ ତଳ ପାଚେରି ଉପର ଲୁହା ରଡ଼ ଓ କାନ୍ଥରେ ଲାଗିଥିବା ରକ୍ତ ଛିଟାଗୁଡିକୁ ଫଟୋ ଉଠାଇ କିଛି ସମୟ ପାଇଁ ସେହି ସ୍ଥାନରେ ଛାନଭିନ ଆରମ୍ଭ କରିଥିଲେ । ପୋଲିସ ପକ୍ଷରୁ ତଦନ୍ତ ପକ୍ରିୟା ଜାରି ରହିଛି ଏବଂ ଘଟଣାରେ ଯାହା ସତ୍ୟାସତ୍ୟ ଥିବ ପୋଲିସ ସମସ୍ତଙ୍କ ସାମ୍ନାକୁ ଆଣିବ ବୋଲି ସଦର ପୋଲିସ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।



### ରାଜସ୍ୱ ନା ମଦୁଆ ସୃଷ୍ଟିର ପ୍ରତିଯୋଗିତା ?

# ୫ ବର୍ଷରେ ଅବକାରୀ ଟାର୍ଗେଟ୍ ଆକାଶଛୁଆଁ

ଧାମନଗର(ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରେ ସରକାରୀ ଲାଇସେନ୍ସପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନଗୁଡ଼ିକ ପାଇଁ ସରକାର ଧାର୍ଯ୍ୟ କରିଥିବା ନୂତନ ଲକ୍ଷ୍ୟ ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚର୍ଚ୍ଚା ଓ ଅସନ୍ତୋଷର ବିଷୟ ପାଲଟିଛି । ୨୦୨୧ ମସିହା ତୁଳନାରେ ୨୦୨୬ରେ ସରକାରଙ୍କ ଅବକାରୀ ନୀତି ଓ ଟାର୍ଗେଟରେ ଯେଉଁ ଅହେତୁକ ବୃଦ୍ଧି ଘଟିଛି, ତାହା ସାଧାରଣ ଲୋକଙ୍କୁ ଚକିତ କରିଛି । ପରିମାଣ ବଦଳରେ କେବଳ ମୋଟା ଅଙ୍କର ନଗଦ ଟଙ୍କା ଆଦାୟ କରିବାକୁ ସରକାର ଯେଉଁ ବାଧ୍ୟତାମୂଳକ ନିୟମ ଆଣିଛନ୍ତି, ତାହା ପରୋକ୍ଷରେ ଗ୍ରାମାଞ୍ଚଳରେ ମଦର ବନ୍ୟା ଛୁଟାଇବାକୁ ସରକାରୀ ପ୍ରୋତ୍ସାହନ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରୁଛନ୍ତି । ୨୦୨୧ ମସିହାରେ ସରକାରୀ ନୀତି ଅନୁଯାୟୀ, ମଦ ଦୋକାନଗୁଡ଼ିକୁ 'ସର୍ବନିମ୍ନ ଗ୍ୟାରେଣ୍ଟି ପ୍ରାପ୍ତ ପରିମାଣ' ଆଧାରରେ ମାସିକ କେତେ ଲିଟର ବା ବୋତଲ ମଦ କିଣିବା/ବିକ୍ରି କରିବାକୁ ହେବ, ତାହାର ଏକ ସୀମିତ କୋଟା ରହୁଥିଲା । ସେତେବେଳେ ମାସିକ କୌଣସି ନିର୍ଦ୍ଦିଷ୍ଟ ଟଙ୍କାର ଲକ୍ଷ୍ୟ ନଥିଲା । ମାତ୍ର ନୂତନ ଅବକାରୀ ନୀତିରେ ସରକାର ସମ୍ପୂର୍ଣ୍ଣ ଆର୍ଥିକ ଟାର୍ଗେଟ ଅର୍ଥାତ 'ସର୍ବନିମ୍ନ ଗ୍ୟାରେଣ୍ଟି ପ୍ରାପ୍ତ ଅବକାରୀ ରାଜସ୍ୱ' ଧାର୍ଯ୍ୟ କରିଛନ୍ତି । ଏହାର ଅର୍ଥ ହେଉଛି, ଦୋକାନୀଙ୍କୁ ପ୍ରତି ମାସରେ ଲକ୍ଷ ଲକ୍ଷ ଟଙ୍କାର ମଦ ସରକାରଙ୍କଠାରୁ ଉଠାଇବାକୁ କିମ୍ବା ସେହି ଅନୁଯାୟୀ ରାଜସ୍ୱ ଦେବାକୁ ବାଧ୍ୟ କରାଯାଉଛି । ସରକାରଙ୍କ ଧାର୍ଯ୍ୟ ଟାର୍ଗେଟ ଅନୁସାରେ ଧୁଷୁରି ମଦ ଦୋକାନ ସବୁଠାରୁ ଆଗରେ ରହିଛି । ୨୦୨୧ରେ ମାସିକ ସର୍ବନିମ୍ନ ୩,୬୦୦ ବଲ୍କ ଲିଟର (ପ୍ରାୟ ୫,୫୩୮ ବୋତଲ) ବିୟର ଏବଂ ୨,୪୦୦ ଲଣ୍ଡନ ପ୍ରୁଫ୍ ଲିଟର (ପ୍ରାୟ ୪,୨୬୬ ବୋତଲ) ବିଦେଶୀ ମଦ ବିକ୍ରିର ଲକ୍ଷ୍ୟ ଥିଲା । ଏବଂ କସନ୍ ମନି ଥିଲା ୬୩,୩୬୦ ଟଙ୍କା । ୨୦୨୬ରେ ଗ୍ରାମାଞ୍ଚଳରେ ଥିବା ଏହି ଦୋକାନ ଉପରେ ସରକାର ଏବେ ମାସିକ ଧାର୍ଯ୍ୟ କରିଛନ୍ତି ସର୍ବାଧିକ ୬୬,୨୮,୦୦୦ ଟଙ୍କା । ୨୦୨୧ର ପ୍ରାରମ୍ଭିକ ଆଧାର ତୁଳନାରେ ଏହା ପ୍ରାୟ ୧୦୪.୬୧ ଗୁଣା ଅଧିକ । ସେହିପରି ଧାମନଗର ମଦ ଦୋକାନରେ ୨୦୨୧ରେ ବିୟର ଟାର୍ଗେଟ୍ ୪,୫୦୦ ବଲ୍କ ଲିଟର (୬,୯୨୩ ବୋତଲ) ଓ ବିଦେଶୀ ମଦ ୩,୦୦୦ ଏଲପିଏଲ୍ (୫,୩୩୩ ବୋତଲ) ଥିଲା । କସନ୍ ମନି ଥିଲା ୭୯,୨୦୦ ଟଙ୍କା । ୨୦୨୬ରେ ଏହି ଦୋକାନ ପାଇଁ ମାସିକ ସର୍ବନିମ୍ନ ରାଜସ୍ୱ ଲକ୍ଷ୍ୟ ୫୬,୧୭,୦୦୦ ଟଙ୍କା କରାଯାଇଛି । ଦୋବଲ ବିଦେଶୀ ମଦ ଦୋକାନର ୨୦୨୧ରେ ବିୟର ଟାର୍ଗେଟ୍ ୩,୬୦୦ ବଲ୍କ

**ଧାମନଗର ବ୍ଲକରେ ମଦ ମାଫିଆ ସୃଷ୍ଟିର ଆଶଙ୍କା**

ଲିଟର (୫,୫୩୮ ବୋତଲ) ଧାର୍ଯ୍ୟ କରାଯାଇଥିଲା । ବିଦେଶୀ ମଦ ୨,୪୦୦ ଲଣ୍ଡନ ପ୍ରୁଫ୍ ଲିଟର (୪,୨୬୬ ବୋତଲ) ଧାର୍ଯ୍ୟ ହୋଇଥିଲା । ୨୦୨୧ରେ ଦୋକାନ ପାଇଁ କସନ୍ ମନି ୬୩,୩୬୦ ଟଙ୍କା ରହିଥିଲା.୨୦୨୬ ମସିହାର ନୂତନ ସରକାରୀ ଗାଇଡଲାଇନ୍ ଅନୁଯାୟୀ, ଏବେ ବୋତଲ ବା ଲିଟର ପରିବର୍ତ୍ତେ 'ସର୍ବନିମ୍ନ ଗ୍ୟାରେଣ୍ଟି ପ୍ରାପ୍ତ ଅବକାରୀ ରାଜସ୍ୱ' ବା ମାସିକ କେତେ ଟଙ୍କାର ମଦ କିଣିବାକୁ ହେବ, ତାହାର କଠୋର ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ଏହାର ମାସିକ ସର୍ବନିମ୍ନ ରାଜସ୍ୱ ଲକ୍ଷ୍ୟ ହେଉଛି ୩୮,୬୦,୦୦୦ ଟଙ୍କା । ୫ ବର୍ଷ ପରେ ଉଭୟ ଦୋକାନର କସନ୍ ମନି ବୃଦ୍ଧି ପାଇ ସମାନ ଭାବେ ୧,୩୩,୦୦୦ ଟଙ୍କାରେ ପହଞ୍ଚିଛି । ଏହାର ନୂତନ ଟାର୍ଗେଟ୍ ୨୦୨୧ ମସିହା ତୁଳନାରେ ପ୍ରାୟ ୬୦.୯୨ ଗୁଣା ଅଧିକ । ଅସୁରାଳି ମଦ ଦୋକାନରେ ୨୦୨୧ରେ ବିୟର ଟାର୍ଗେଟ୍ ୩,୬୦୦ ବଲ୍କ ଲିଟର (୫,୫୩୮ ବୋତଲ) ବିଦେଶୀ ମଦ ୨,୪୦୦ ଲଣ୍ଡନ ପ୍ରୁଫ୍ ଲିଟର (୪,୨୬୬ ବୋତଲ) ଥିଲା । ସେହି ସମୟରେ ଲାଇସେନ୍ସଧାରୀଙ୍କ କସନ୍ ମନି ୬୩,୩୬୦ ଟଙ୍କା ଧାର୍ଯ୍ୟ ହୋଇଥିଲା । ୨୦୨୬ରେ ଏହି ଦୋକାନ ପାଇଁ ମାସିକ ସର୍ବନିମ୍ନ ରାଜସ୍ୱ ଲକ୍ଷ୍ୟ ୫୬,୧୭,୦୦୦ ଟଙ୍କା ରଖାଯାଇଛି । କସନ୍ ମନି ମଧ୍ୟ ଦୁଇ ଗୁଣରୁ ଅଧିକ ବୃଦ୍ଧି ପାଇ ୧,୩୩,୦୦୦ ଟଙ୍କାରେ ପହଞ୍ଚିଛି । ପୂର୍ବଥର ଅପେକ୍ଷା ଏଥର କାରବାର ଲକ୍ଷ୍ୟ ପ୍ରାୟ ୮୮ ଗୁଣରୁ ଅଧିକ ବୃଦ୍ଧି ପାଇଛି । ଏଥର ଆବେଦନ ଦେୟ ଅତ୍ୟଧିକ ବୃଦ୍ଧି କରାଯାଇଛି ଏବଂ ଏହା ସମ୍ପୂର୍ଣ୍ଣ ଭାବେ 'ଅଣ-ଫେରସ୍ତଯୋଗ୍ୟ' ବୋଲି ଧାର୍ଯ୍ୟ ହୋଇଛି ।

# ବକେୟା ବେତନକୁ ନେଇ 'ଆମ ବସ୍' କର୍ମଚାରୀଙ୍କ ବିକ୍ଷୋଭ ପ୍ରଦର୍ଶନ



ଭୁବନେଶ୍ୱର, ୧୮/୫ (ନିପ୍ର): ବକେୟା ବେତନ ଓ ଅନ୍ୟାନ୍ୟ ଦାବିକୁ ନେଇ 'ଆମ ବସ୍' କର୍ମଚାରୀମାନେ ସୋମବାର ପାତ୍ରପଡ଼ା ଡିପୋରେ କରିଥିବା ପ୍ରତିବାଦ କାରଣରୁ ରାଜଧାନୀ ଭୁବନେଶ୍ୱରର ସାର୍ବଜନିକ ପରିବହନ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି । ବସ୍ ସେବା ବନ୍ଦ ହୋଇଯାଇ ଥିବାରୁ ଦୈନିକ ଯାତ୍ରୀମାନେ ପ୍ରବଳ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ଆନ୍ଦୋଳନ କାରଣରୁ ୪୫ଟି ରୁଟରେ ଚଳାଚଳ କରୁଥିବା ପ୍ରାୟ ୧୧୭ଟି ଆମ ବସ୍ ରାସ୍ତାକୁ ବାହାରିନାହିଁ । ଭୋର ପ୍ରାୟ ୪ଟାରୁ ଧାରଣା ଦେଇଛନ୍ତି କର୍ମଚାରୀ । ଡ୍ରାଇଭର, ଗାଇଡ୍ ଓ ଅନ୍ୟାନ୍ୟ କର୍ମଚାରୀ ଏଥିରେ ସାମିଲ ହୋଇଛନ୍ତି । ଗତ ଦୁଇ ମାସ ଧରି ବେତନ ପାଇନଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି । ବିକ୍ଷୋଭକାରୀ ମାନେ ଠିକ ସମୟରେ ବେତନ ପ୍ରଦାନ, ଇପିଏଫ୍ ଓ ଇଏସଆଇ ସୁବିଧା ଯୋଗାଇଦେବା ସହିତ ବସ୍ ଗାଇଡାନଙ୍କ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ଦାବି କରିଛନ୍ତି । କର୍ମଚାରୀମାନଙ୍କ କହିବା ଅନୁସାରେ, ବସ୍ ଗାଇଡାନଙ୍କୁ ଥାର୍ଡପାର୍ଟି ଏଜେନ୍ସି ମାଧ୍ୟମରେ ବେତନ ଦିଆ ଯାଉଥିବାରୁ ପେମେଣ୍ଟରେ ବାରମ୍ବାର ବିଳମ୍ବ ହେଉଛି । ଅନେକ ରୁଟରେ ବସ୍ ସେବା ବନ୍ଦ ରହିଥିବାରୁ, ବିଶେଷକରି ଅଫିସ ସମୟରେ ବହୁ ସଂଖ୍ୟକ ଯାତ୍ରୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଯାହା ଫଳରେ ରାଜଧାନୀର ସାଧାରଣ ପରିବହନ ବ୍ୟବସ୍ଥା ପ୍ରଭାବିତ ହୋଇଛି । ଅଧିକାରୀମାନେ କହିଛନ୍ତି ଯେ, ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରି ରହିଛି ଏବଂ ପରିସ୍ଥିତିକୁ ଶୀଘ୍ର ସାମାନ୍ୟ କରିବାକୁ ଚେଷ୍ଟା କରାଯାଉଛି । ତେବେ, କ୍ୟାପିଟାଲ୍ ରିଜିଅନ୍ ଅର୍ବନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ଏପର୍ଯ୍ୟନ୍ତ ଏହି ପ୍ରତିବାଦକୁ ନେଇ କୌଣସି ଆଧିକାରିକ ବିବୃତ୍ତି ଜାରି କରାଯାଇନାହିଁ ।



ଭୁବନେଶ୍ୱର: ଛଟେଇ ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ପିଏମଜିଠାରେ ବିକ୍ଷୋଭ (ଫଟୋ-ଦିନଲିପି)

## ଡାକ କର୍ମଚାରୀ ପାଇଲେ ଅନ୍ତର୍ଜାତୀୟ ଫିଲ୍ମ ପୁରସ୍କାର



ଆସିକା, ୧୮/୫(ନିପ୍ର): ଡାକ ମଣ୍ଡଳରେ କାର୍ଯ୍ୟରତ ଯୁବ ଲେଖକ ତଥା ଆମ କଳା ଆମ ସଂସ୍କୃତି ସମ୍ମାନପ୍ରାପ୍ତ କାହାଣୀକାର ସୀମାଞ୍ଚଳ ମହାରଣାଙ୍କୁ ଅନ୍ତର୍ଜାତୀୟ ଶ୍ରେଷ୍ଠ ଚଳଚ୍ଚିତ୍ର ସଂଳାପକାର ପୁରସ୍କାର ପ୍ରଦାନ କରାଯାଇଛି । ଗତ ମଇ ୧୭ ତାରିଖ ରବିବାର ସଂଧ୍ୟାରେ ଔରଙ୍ଗାବାଦର ମୌଲାନା ଅବଦୁଲ କଲାମ ଆଜାଦ ରିସର୍ଚ୍ଚ ସେଣ୍ଟରଠାରେ ଆୟୋଜିତ ରିଲସ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ପୁରସ୍କାର ପ୍ରଦାନ ସମାରୋହରେ ଶ୍ରେଷ୍ଠ ସଂଳାପକାର ବର୍ଗରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ମିସ୍ ଏସିଆ ୱାର୍ଲଡ ବିଜୟିନୀ ମଡେଲ ଗାୟତ୍ରୀ ରୋହଙ୍କର ଏବଂ ମିସ୍ ନେପାଳ ବିଜୟିନୀ ମଡେଲ ନିତୁ କୋଇରାଲା ଓ ଭାରତୀୟ ଫିଲ୍ମ ନିର୍ଦ୍ଦେଶିକା ତଥା ଏଡିଟର୍ ରୁନା ଲେଲା ଏହି ସମାରୋହରେ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ସୀମାଞ୍ଚଳ ମହାରଣାଙ୍କୁ ପୁରସ୍କୃତ କରିଥିଲେ । ଡିକେ ଫିଲ୍ମସ୍ ବ୍ୟାନରରେ ନିର୍ମିତ ଓ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନିର୍ଦ୍ଦେଶକ କ୍ରିଷ୍ଣା ଡିକେଙ୍କ ଦ୍ୱାରା ନିର୍ଦ୍ଦେଶିତ କ୍ଷୁଦ୍ର ଚଳଚ୍ଚିତ୍ର ଅଦମ୍ୟର କାହାଣୀ ଓ ସଂଳାପ ପ୍ରସ୍ତୁତ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

## ତେଲ ପାଇଁ ଚାଲିଗଲା ଜଣେ ବ୍ୟକ୍ତିର ଜୀବନ

ମାଲକାନଗିରି, ୧୮/୫(ନିପ୍ର): ତେଲର ଅଭାବ ଯୋଗୁଁ ଅନେକ ସମସ୍ୟା ଭୋଗୁଛନ୍ତି ଜନତା । କେଉଁଠି ଘଣ୍ଟା ଘଣ୍ଟା ଧରି ଲୋକେ ଲାଇନ ରେ ଛିଡା ହେଉଛନ୍ତି ତ ଆଉ କେଉଁଠି ଜାତୀୟ ରାଜପଥ ଜାମ ହେଉଛି । ସେଥି ମଧ୍ୟରୁ ଆସିଛି ଆଉ ଏକ ହୃଦୟ ବିଦାରକ ଚିତ୍ର । ଯେଉଁଠି ତେଲର ଅଭାବ ଯୋଗୁଁ ଚାଲିଗଲା ଜଣେ ବ୍ୟକ୍ତିର ଜୀବନ । ତେଲ ପାଇଁ ମାଲକାନଗିରି ଜିଲ୍ଲା କୁସୁମପୁଟ ଗାଁର ବସନ୍ତ ଖିଲଙ୍କର ମୃତ୍ୟୁ ହୋଇଛି । ମୃତ ବସନ୍ତ ଆମ୍ବ ତୋଳିବା ପାଇଁ ଗଛ ଉପରେ ଚଢି ଥିଲେ । ଆମ୍ବ ତୋଳୁଥିବା ସମୟରେ ହଠାତ ଗଛରୁ ପଡି ଯାଇଥିଲେ । ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ବାଇକ ଯୋଗେ ଚିକିତ୍ସାଳୟକୁ ଆଣୁଥିବା ବେଳେ ଅଧା ରାସ୍ତାରେ ଗାଡ଼ିର ତେଲ ସରିଯାଇଥିଲା । ତେଲ ନମିଳିବା ଯୋଗୁଁ ଅଧା ରାସ୍ତାରେ ଆମ୍ବୁଲାନ୍ସକୁ ଫୋନ କରାଯାଇଥିଲା । କିଛି ସମୟ ପରେ ଆମ୍ବୁଲାନ୍ସରେ ବସନ୍ତଙ୍କୁ ମାଥିଲି ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ।

## ଅଦିନିଆ ରଥଯାତ୍ରା ପାଳନକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରତିବାଦ

ପୁରୀ, ୧୮/୫(ନିପ୍ର): ଉତ୍ତରପ୍ରଦେଶ ହାପୁର ଜିଲ୍ଲାର ଭଗବାନ ଶ୍ରୀଜଗନ୍ନାଥ ରଥଯାତ୍ରା ସେବା ସମିତି ପକ୍ଷରୁ ତା୧୩.୬.୨୦୨୬ ରିଖରେ ନେତ୍ରୋତ୍ସବ ଓ ତା୧୪.୬.୨୦୨୬ରିଖରେ ରଥଯାତ୍ରା ପାଳନ କରାଯାଉଥିବା ଗଣମାଧ୍ୟମରେ ସମ୍ବାଦ ପ୍ରକାଶ ପାଇଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାର ଦୃଢ଼ ପ୍ରତିବାଦ କରାଯାଇଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ପ୍ରଶାସକ ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ ହାପୁର ଜିଲ୍ଲାର ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ତାଙ୍କର ତା୧୮.୫.୨୦୨୬ରିଖ, ପତ୍ରରେ ସଂପୃକ୍ତ ରଥଯାତ୍ରା ସେବା ସମିତିଙ୍କୁ ପାରମ୍ପରିକ ତିଥି ବ୍ୟତିରେକ ଅ - ତିଥିରେ ଏହି ଉତ୍ସବ ପାଳନରୁ ନିବୃତ ରହିବାକୁ ଉଚିତ ବ୍ୟବସ୍ଥା ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ମୁଖ୍ୟ ପ୍ରଶାସକ ତାଙ୍କ ପତ୍ରରେ ହାପୁର ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ ଅତିଥିରେ ପାଳନ କରାଯାଉଥିବା ରଥଯାତ୍ରାକୁ ବିରୋଧ କରି ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ସଂକଳ୍ପ ଗ୍ରହଣ କରିଛନ୍ତି, ଚଳିତ ବର୍ଷ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନେତ୍ରୋତ୍ସବ ଓ ରଥଯାତ୍ରା , ପାରମ୍ପରିକ ତଥା ଶାସ୍ତ୍ରାନୁମୋଦିତ ବିଧି ଅନୁସାରେ ଯଥାକ୍ରମେ ତା୧୪.୭.୨୦୨୬ ରିଖ ଓ ତା ୧୬.୭.୨୦୨୬ରିଖରେ ଅନୁଷ୍ଠିତ ହେବ । ଏହିଦିନ ଭିନ୍ନ ଅନ୍ୟ କୌଣସି ଦିନ ନେତ୍ରୋତ୍ସବ ଓ ରଥଯାତ୍ରା ପାଳନ କଲେ ଦେଶ ବିଦେଶର ଅଗଣିତ ଭକ୍ତମାନଙ୍କର ଧାର୍ମିକ ଭାବନାରେ ଆଘାତ ସୃଷ୍ଟି କରିବ ବୋଲି ମୁଖ୍ୟ ପ୍ରଶାସକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ।

## ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ସମସ୍ତଙ୍କ ଦାୟିତ୍ୱ

ପୁରୀ,୧୮/୫(ନିପ୍ର): ପୁରୀ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି । ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଚଳିତବର୍ଷ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଧରାଯାଇ କାର୍ଯ୍ୟସୂଚୀ ଚୁଡାନ୍ତ ହୋଇଛି ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡା ସୂଚନା ଦେଇଛନ୍ତି । ସୋମବାର ଅପରାହ୍ନରେ ସର୍କିଟ ହାଉସଠାରେ ଏସଆଇଆର ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡା ଏକ ସୁସ୍ଥ, ସଠିକ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ । ପ୍ରତ୍ୟେକ ବୁଥ ପାଇଁ ବିଏଲଓ ବା ବୁଥ ଲେବଲ ଅଫିସରଙ୍କ ସହ ତାହାକୁ ତଦାରଖ ପାଇଁ ସୁପରଭାଇଜର ମାନଙ୍କୁ ଦାୟିତ୍ୱ ଦିଆଯାଇଛି । ତେବେ ରାଜନୈତିକ



ଦଳମାନେ ପ୍ରତ୍ୟେକ ବୁଥରେ ବିଏଲଏ ବା ବୁଥ ଲେବଲ ଏଜେଣ୍ଟଙ୍କୁ ଦାୟିତ୍ୱ ଦେଲେ ଏହା ଅଧିକ ସ୍ୱଚ୍ଛ ଓ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇ ପାରିବ ବୋଲି ଜିଲ୍ଲାପାଳ କହିଥିଲେ । କାର୍ଯ୍ୟସୂଚୀ ଅନୁସାରେ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଧରାଯାଇଛି । ମଇ ମାସ ୨୦ ରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରସ୍ତୁତି, ପ୍ରଶିକ୍ଷଣ ଓ ପ୍ରିଣ୍ଟିଂ କାର୍ଯ୍ୟ କରାଯିବ । ବିଏଲଓମାନେ ମଇ ମାସ ୩୦ ତାରିଖଠାରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ସର୍ଭେ କରିବେ । ଜୁନ ୨୮ ତାରିଖରେ ରାସନାଇଜେସନ କରାଯିବ । ଜୁଲାଇ ୫ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରଦର୍ଶିତ ହେବ । ଜୁଲାଇ ୫ ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ କରାଯାଇ ପାରିବ । ଜୁଲାଇ ୫ରୁ ସେପ୍ଟେମ୍ବର ୨ ତାରିଖ ସୁଦ୍ଧା ଆପତ୍ତି ଅଭିଯୋଗ ଗୁଡିକ ର ଶୁଣାଣି କରାଯାଇ ଫଇସଲା କରାଯାଇ ଚୁଡାନ୍ତ ଭୋଟର ତାଲିକା ସେପଟ୍ଟେମ୍ବର ୬ ତାରିଖରେ ପ୍ରକାଶିତ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ ।

## ଚିଲିକାରୁ ୯୨୦ ଏକର ବେଆଇନ ଘେରି ଉଚ୍ଛେଦ



କୃଷ୍ଣପ୍ରସାଦ,୧୮/୫(ନିପ୍ର): ନୀଳାମ୍ବୁ ଚିଲିକାରୁ ଘେରିମୁକ୍ତ ଅଭିଯାନ ଆରମ୍ଭ ହୋଇଛି । ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣପ୍ରସାଦ ତହସିଲ ଅଧିନ ଚିଲିକାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ଜିଲ୍ଲା ପ୍ରଶାସନ ତହସିଲ ପ୍ରଶାସନ ସହଯୋଗରେ ବେଆଇନ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ସୋମବାର ତିତିପ ରାଜସ୍ୱ ସର୍କଲ ଅଧିନ କଙ୍କଡାଗାଡ଼ (କ ) ଚିଲିକା ଅଞ୍ଚଳରୁ ୯୨୦ ଏକର ଚିଲିକାରେ ହୋଇଥିବା ଜାଲ ଘେରିକୁ ପ୍ରଶାସନ ଉଚ୍ଛେଦ କରିଛି । ଘେରିରେ ବ୍ୟବହାର ହୋଇଥିବା ଜାଲ, କିଳା, ବାଉଁଶ ଆଦିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି । ଏହି ଉଚ୍ଛେଦ କୃଷ୍ଣପ୍ରସାଦ ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩୦ ଜଣ ଶ୍ରମିକଙ୍କୁ ନେଇ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି । ଶାନ୍ତି ଶୃଙ୍ଖଳା ଲାଗି କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ନିରୀକ୍ଷକ ତିତିପ ଶଶାଙ୍କ ଶେଖର ମହାରଣା ମହାରଣା, ରାଜସ୍ୱ ପରିଦର୍ଶକ ଲକ୍ଷ୍ମୀକାନ୍ତ ପାତ୍ର ସମେତ ତହସିଲ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ । ଚିଲିକାକୁ ସମ୍ପୂର୍ଣ୍ଣ ଘେରିମୁକ୍ତ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ତହସିଲଦାର ସହଦେବ ସାହୁ ପ୍ରକାଶ କରିଛନ୍ତି ।

### ସାରା ଓଡ଼ିଶାରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ପର୍ଯ୍ୟାପ୍ତ ଓ ଅବାଧ ଯୋଗାଣ

## ଆତଙ୍କିତ ନ ହେବା ପାଇଁ ଜନସାଧାରଣଙ୍କୁ ଅନୁରୋଧ

ଭୁବନେଶ୍ୱର, ୧୮/୫(ପିଆଇବି): ପେଟ୍ରୋଲ (ଏମଏସ), ଡିଜେଲ (ଏଚଏସଡି) ଏବଂ ତରଳ ପେଟ୍ରୋଲିୟମ ଗ୍ୟାସ (ଏଲପିଜି) ସମେତ ଅତ୍ୟାବଶ୍ୟକ ପେଟ୍ରୋଲିୟମ ଉତ୍ପାଦର ଯୋଗାଣ ସମଗ୍ର ଓଡ଼ିଶାରେ ଆଇଓସିଏଲ, ବିପିସିଏଲ ଏବଂ ଏଚ୍‌ପିସିଏଲ ଭଳି ସରକାରୀ କ୍ଷେତ୍ର ତୈଳ ବିପଣନ କମ୍ପାନୀଗୁଡ଼ିକର ସମସ୍ତ ବଣ୍ଟନ ଚ୍ୟାନେଲରେ ସ୍ଥିର, ଅବାଧ ଏବଂ ସମ୍ପୂର୍ଣ୍ଣ ପର୍ଯ୍ୟାପ୍ତ ରହିଛି । ସମଗ୍ର ଇନ୍ଧନ ଯୋଗାଣ ଶୃଙ୍ଖଳ, ଟର୍ମିନାଲ, ଡିପୋ ଏବଂ ଖୁଚୁରା ଦୋକାନଗୁଡ଼ିକୁ ଘେରି ରହିଥିବା, କୌଣସି କାର୍ଯ୍ୟକ୍ଷମ ବାଧା ବିନା ନିର୍ବିଘ୍ନରେ କାର୍ଯ୍ୟ କରୁଛି । ଇନ୍ଧନ ଇନଭେଣ୍ଟରୀଗୁଡ଼ିକୁ ବାସ୍ତବ ସମୟରେ ତଦାରଖ କରାଯାଉଛି ଏବଂ ରାଜ୍ୟର ସମସ୍ତ ସ୍ଥାନରେ ସର୍ବୋତ୍ତମ ଷ୍ଟକ୍ ସ୍ତର ବଜାୟ



ରଖିବା ପାଇଁ ପୁନଃପୂରଣ କାର୍ଯ୍ୟ ସୁଗମ ଭାବରେ କରାଯାଉଛି । ଘରୋଇ ଗ୍ରାହକମାନଙ୍କୁ ଏଲପିଜି ଯୋଗାଣକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି ଏବଂ ସମଗ୍ର ଓଡ଼ିଶାରେ ସ୍ୱାଭାବିକ ରହିଛି । ସମସ୍ତ ପରିବାରକୁ ସମୟୋଚିତ ଏବଂ ଅବାଧ ବିତରଣ ସୁନିଶ୍ଚିତ କରିବା ପାଇଁ ପରିସ୍ଥିତି ନିରନ୍ତର ଏବଂ ନିକଟତର ନଜର ରଖାଯାଇଛି । ତୈଳ ଶିଳ୍ପ ସମଗ୍ର ଅଞ୍ଚଳରେ ଇନ୍ଧନର ସୁଗମ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଲଜିଷ୍ଟିକ୍ସ, ଷ୍ଟକ୍ ଚଳାଚଳ ଏବଂ ଖୁଚୁରା କାର୍ଯ୍ୟରେ ଦୃଢ଼ ସମନ୍ୱୟ ବଜାୟ ରଖିଛି । ନାଗରିକମାନଙ୍କୁ ସାଧାରଣ ବ୍ୟବହାର ଶୈଳୀ ବଜାୟ ରଖିବାକୁ ଅନୁରୋଧ କରାଯାଇଛି ଏବଂ ଆତଙ୍କିତ କ୍ରୟ ନକରିବାକୁ ଦୃଢ଼ ପରାମର୍ଶ ଦିଆଯାଇଛି । ତୈଳ ବିପଣନ କମ୍ପାନୀଗୁଡ଼ିକ ଆହୁରି ଗୁରୁତ୍ୱାରୋପ କରିଛନ୍ତି ଯେ ଇନ୍ଧନ ଉପଲବ୍ଧତା ସମ୍ପର୍କରେ ଚିନ୍ତାର କୌଣସି କାରଣ ନାହିଁ ଏବଂ ସଠିକ୍, ଯାଞ୍ଚ ଏବଂ ସମୟୋଚିତ ସୂଚନା ପାଇଁ କେବଳ ସରକାରୀ ଯୋଗାଯୋଗ ଉପରେ ନିର୍ଭର କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

## ବଢ଼ିଲା ମାଟ୍ରିକ ସପ୍ଲିମେଣ୍ଟାରୀ ଫର୍ମ ଫିଲଅପ୍ ଅବଧି

ଭୁବନେଶ୍ୱର, ୧୮/୫(ନିପ୍ର): ମାଟ୍ରିକ ସପ୍ଲିମେଂଟାରୀ ପରୀକ୍ଷା ପାଇଁ ଫର୍ମ ଫିଲଅପ୍ ଅବଧି ଆସନ୍ତା ମେ' ୨୫ ତାରିଖ ଯାଏଁ ବୃଦ୍ଧି କରାଯାଇଛି । ମାଟ୍ରିକ ସପ୍ଲିମେଂଟାରୀ ଫର୍ମ ଫିଲଅପ୍ ପାଇଁ ସୋମବାର ଶେଷ ତାରିଖ ଥିଲା । ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

## ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବ୍ରହ୍ମପୁର ଚାମ୍ପିଅନ



ହିଞ୍ଜିଳିକାଟୁ, ୧୮/୫(ନିପ୍ର): ହିଞ୍ଜିଳିକାଟୁ ମର୍ଣ୍ଣିଂ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ଜାତୀୟସ୍ତରୀୟ ରାତ୍ରିକାଳୀନ କ୍ରିକେଟ ପ୍ରତିଯୋଗିତା ତଥା 'ହିଞ୍ଜିଳିକାଟୁ ପ୍ରିମିୟର ଲିଗ୍'ର ଫାଇନାଲ ମ୍ୟାଚରେ ସୋମପେଟାର ସୁରେଶ ଏକାଦଶ କ୍ରିକେଟ ଟିମକୁ ୪୯ରନରେ ପରାଜିତ କରି ବ୍ରହ୍ମପୁରର ରାଇଜିଂ ଷ୍ଟାର ଦଳ ଚାମ୍ପିଅନ ହୋଇଛି । ବ୍ରହ୍ମପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ୱିକେଟ ହରାଇ ୧୩୧ ରନ୍ ସଂଗ୍ରହ କରିଥିଲା । ଜବାବରେ ବିପକ୍ଷ ସୋମପେଟା ଦଳ ୧୧ ଓଭର ୪ଟି ବଲରେ ସମସ୍ତ ୱିକେଟ ହରାଇ ମାତ୍ର ୮୨ ରନ କରି ପରାଜୟ ବରଣ କରିଥିଲା । ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଘୁମୁସର ଆସ୍କା ସାଂଗଠନିକ ଜିଲ୍ଲା ସଭାପତି ସନ୍ତୋଷ ପାଣିଗ୍ରାହୀ, ହିଞ୍ଜିଳି ନଗର ମଣ୍ଡଳ ବିଜେପି ସଭାପତି ସୁଧାଂଶୁ ସାବତ,ମାଧବ ଗୌଡ଼, ରୋଶନ ଖୁଣ୍ଟିଆ, ଇ.ସରୋଜ ପାତ୍ର, ବଳରାମ ପଣ୍ଡା, ନୀତେଶ ପଣ୍ଡା ଓ ନାରାୟଣ ପାଢ଼ୀଙ୍କ ସମେତ ଉପସ୍ଥିତ ରହି ପୁରସ୍କୃତ କରିଥିଲେ ।

### ନ୍ୟାୟ ପାଇଁ ଥାନାରେ ଦ୍ୱାରସ୍ଥ ବେଳେ ନାବାଳିକା ଚେତାଶୂନ୍ୟ ଘଟଣା

## ପୀଡ଼ିତା ଓ ପରିବାରକୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

ଭୁବନେଶ୍ୱର, ୧୮/୫(ନିପ୍ର): ମୟୂରଭଞ୍ଜ ଜିଲ୍ଲାରେ ନ୍ୟାୟ ପାଇଁ ଜଣେ ନାବାଳିକା (୧୦ମ ଉତ୍ତୀର୍ଣ୍ଣ ଛାତ୍ରୀ) ମୋରଡା ଥାନାରେ ଥାନାଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲା । କିନ୍ତୁ ଧାନାଧିକାରୀଙ୍କ ଧମକ ସହ୍ୟ ନକରିପାରି ଚେତାଶୂନ୍ୟ ହୋଇଯାଇଥିଲେ ପୀଡିତା, ଯାହାକୁ ବିଜେଡି କଡା ନିନ୍ଦା କରିଛି । ରବିବାର ବିଜେଡିର ଏକ ପ୍ରତିନିଧି ଦଳ ପୀଡିତାଙ୍କୁ ନ୍ୟାୟ ଦେବା ଓ ଦାୟିତ୍ୱହୀନ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ନେତୃତ୍ୱରେ ପ୍ରଥମେ ପିଆରଏମ ମେଡିକାଲରେ ପହଞ୍ଚି ପୀଡିତା ଓ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ନ୍ୟାୟ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲା ବିଜେଡି ଟିମ୍ । ମୋରଡା ଥାନା ଅଞ୍ଚଳର ଜନୈକ ଯୁବକ ଅଭିଯୋଗ କାରିଣୀ ନାବାଳିକା ଛାତ୍ରୀଙ୍କୁ କିଛିଦିନ ହେବ ରାସ୍ତା ଘାଟରେ ପ୍ରେମ ନିବେଦନ କରିବା ସହିତ ଅଭଦ୍ରୋଚିତ ଅସଦାଚରଣ କରୁଥିଲେ । ଏଥିରେ ଅତିଷ୍ଠ ହୋଇ ନ୍ୟାୟ ପାଇଁ ନାବାଳିକା ତାଙ୍କ ବାପା ଓ ମା'ଙ୍କ ସହିତ ଶନିବାର ସନ୍ଧ୍ୟାରେ ମୋରଡା ଥାନାରେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ଥାନାଅଧିକାରୀ ଅଭିଯୋଗ ନରଖି ସେମାନଙ୍କୁ ଏପଟସେପଟ କଥା କହି ଫେରାଇ ଦେଇଥିଲେ । ଫଳରେ ବାପା, ମା' ଓ ପୀଡିତା ବେତନଟୀ ଏସଡିପିଓଙ୍କୁ ମୋବାଇଲ ଫୋନ ଯୋଗେ ସମସ୍ତ ଘଟଣା ଜଣାଇଥିଲେ । ପୁନର୍ବାର ଥାନାଧିକାରୀଙ୍କୁ ଭେଟି ଏତଲା ଦେବାକୁ ଏସଡିପିଓ କହିଥିଲେ ।

# ଆଜି ରାଜଧାନୀରେ ହେବ ପୂର୍ବାଞ୍ଚଳ କୃଷି ସମ୍ମିଳନୀ

### କୃଷି ବିକାଶ ଏବଂ କୃଷକ କଲ୍ୟାଣ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଉପରେ ହେବ ବ୍ୟାପକ ବିଚାରବିମର୍ଶ

ନୂଆଦିଲ୍ଲୀ, ୧୮/୫(ପିଆଇବି): ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ୧୯ ମଇ ୨୦୨୬ରେ ଓଡ଼ିଶାର ଭୁବନେଶ୍ୱରରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଆୟୋଜନ କରିବ । ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀର ଅଧ୍ୟକ୍ଷତା କରିବେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ । ଏହି ସମ୍ମିଳନୀରେ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିଭିନ୍ନ ରାଜ୍ୟର କୃଷି ମନ୍ତ୍ରୀ, ବରିଷ୍ଠ ଅଧିକାରୀ, ବୈଜ୍ଞାନିକ, କୃଷକ ପ୍ରତିନିଧି, କୃଷି ବିଶେଷଜ୍ଞ, କୃଷକ ଉତ୍ପାଦକ ସଂଗଠନ (ଏଫପିଓ), ଷ୍ଟାର୍ଟଅପ୍, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ଯୋଗଦେବେ । ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି କୃଷି କ୍ଷେତ୍ରର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା, କୃଷକଙ୍କ ଆୟ ବୃଦ୍ଧି କରିବା ଏବଂ



କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା । ସମ୍ମିଳନୀ ସମୟରେ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରାଯିବ । ଏଥିସହିତ କୃଷି କ୍ଷେତ୍ର ସହିତ ଜଡିତ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯିବ । ସମ୍ମିଳନୀ ସମୟରେ, କୃଷକ ରେଜିଷ୍ଟ୍ରିରେ ହୋଇଥିବା ପ୍ରଗତି, ଉଦ୍ୟାନ କୃଷି କ୍ଷେତ୍ରର ସମ୍ଭାବନା, ଡାଲି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ମିଶନ, ଜାତୀୟ ଖାଇବା ତେଲ-ତୈଳବୀଜ ମିଶନ (ଏନଏମଇଓ-ଓଏସ), ପିଏମ-ଆଶା, ଜାତୀୟ ପ୍ରାକୃତିକ କୃଷି ମିଶନ, କୃଷି ଋଣ ଏବଂ କିଷାନ କ୍ରେଡିଟ୍ କାର୍ଡ ସମ୍ପର୍କିତ ପ୍ରସଙ୍ଗ ଉପରେ ବିଶେଷ ଆଲୋଚନା କରାଯିବ । ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଦ୍ୱାରା ଗ୍ରହଣ କରାଯାଇଥିବା କୃଷି କ୍ଷେତ୍ରରେ ସଫଳ ପଦକ୍ଷେପ ଓ ନବସୃଜନକୁ ମଧ୍ୟ ପ୍ରଦର୍ଶିତ କରାଯିବ । ଓଡ଼ିଶା ଏହାର କୃଷି ସମ୍ପ୍ରସାରଣ କାର୍ଯ୍ୟ, ପଶ୍ଚିମବଙ୍ଗ ଏହାର ବିହନ ଉତ୍ପାଦନର ସର୍ବୋତ୍ତମ ଅଭ୍ୟାସ, ଝାଡ଼ଖଣ୍ଡ ଏହାର ଏଫପିଓ-ଆଧାରିତ ମୂଲ୍ୟ ଶୃଙ୍ଖଳ ଓ କୃଷି ଷ୍ଟାର୍ଟଅପ୍ ଇକୋସିଷ୍ଟମ ଏବଂ ବିହାର ମକା ଉତ୍ପାଦନ ଓ ବିପଣନ କ୍ଷେତ୍ରରେ ଏହାର ସଫଳ ଅଭିଜ୍ଞତା ବାଣ୍ଟିବ ।

## ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ପେଶାଲ୍ ଟ୍ରେନ୍ ଏବେ ନିୟମିତ ଏକ୍ସପ୍ରେସ୍ ଭାବେ ଚଳାଚଳ କରିବ



**ଭୁବନେଶ୍ୱର, ୧୮/୫(ନିପ୍ର):** ଯାତ୍ରୀମାନଙ୍କର ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପକ୍ଷରୁ ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ପେଶାଲ୍ ଟ୍ରେନକୁ ନିୟମିତ ଏକ୍ସପ୍ରେସ୍ ଟ୍ରେନରେ ରୂପାନ୍ତରିତ କରାଯାଇଛି । ଗାଡ଼ି ନମ୍ବର ୦୮୦୧୧/୦୮୦୧୨ ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ପେଶାଲ୍ ଟ୍ରେନ୍ ଏବେ ଗାଡ଼ି ନମ୍ବର ୧୮୦୧୭/୧୮୦୧୮ ଭଞ୍ଜପୁର-ପୁରୀ-ଭଞ୍ଜପୁର ଏକ୍ସପ୍ରେସ୍ ଭାବରେ ପରିଚାଳିତ ହେବ । ଏହି ଦୁଇଟି ଟ୍ରେନ୍ ଯଥାକ୍ରମେ ୨୧ ମଇ ଏବଂ ୨୨ ମଇ, ୨୦୨୬ ରୁ ସେମାନଙ୍କର ନିୟମିତ ଯାତ୍ରା ସେବା ଆରମ୍ଭ କରିବେ । ଟ୍ରେନ୍ ନମ୍ବର ୧୮୦୧୭ ଭଞ୍ଜପୁର-ପୁରୀ ଏକ୍ସପ୍ରେସ୍ ଭଞ୍ଜପୁରରୁ ରାତି ୧୧:୧୦ ମିନିଟରେ ଯାତ୍ରା ଆରମ୍ଭ କରି ପରଦିନ ସକାଳ ୫:୫୦ ମିନିଟରେ ପୁରୀରେ ପହଞ୍ଚିବ । ସେହିଭଳି, ଟ୍ରେନ୍ ନମ୍ବର ୧୮୦୧୮ ପୁରୀ-ଭଞ୍ଜପୁର ଏକ୍ସପ୍ରେସ୍ ପୁରୀରୁ ରାତି ୧୧:୫୦ ମିନିଟରେ ଯାତ୍ରା ଆରମ୍ଭ କରି ପରଦିନ ସକାଳ ୬:୫୦ ମିନିଟରେ ଭଞ୍ଜପୁରରେ ପହଞ୍ଚିବ । ଏହି ଟ୍ରେନ୍ ସେବା ସ୍ପେଶାଲ୍ ଟ୍ରେନ୍ ଭାବେ ପ୍ରଚଳନ ହେବା ପରଠାରୁ ଯାତ୍ରୀମାନଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇପାରିଛି । ଯାତ୍ରୀଙ୍କ ସଂଖ୍ୟା ଓ ଚାହିଦାକୁ ଦୃଷ୍ଟିରେ ରଖି ଏହି ସେବାକୁ ନିୟମିତ କରାଯାଇଛି, ଯାହା ଫଳରେ ଯାତ୍ରୀମାନଙ୍କ ଗମନାଗମନରେ ଆହୁରି ସୁବିଧା ହେବ । ଏହି ନିୟମିତ ଟ୍ରେନ୍ ଓଡ଼ିଶାର ପ୍ରମୁଖ ସହର ଯଥା ବାରିପଦା, ବାଲେଶ୍ୱର, ସୋରୋ, ଭଦ୍ରକ, ଯାଜପୁର ରୋଡ୍, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ୍ କୁ ସଂଯୋଗ କରିବ । ଭାରତୀୟ ରେଳବାଇର ଏହି ପଦକ୍ଷେପ ଯାତ୍ରୀଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେବା ସହ ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବା ଏବଂ ସୁରକ୍ଷିତ ତଥା ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପ୍ରୟାସ ।

## ଚୋର ସନ୍ଦେହରେ ପିଟିବାରୁ ୩ ଗିରଫ

### ବ୍ରହ୍ମପୁର ଗିରିରୋଡରେ ମରଣାନ୍ତକ ଆକ୍ରମଣ

କଟକ/ବ୍ରହ୍ମପୁର, ୧୮/୫(ନିପ୍ର): କଟକ ଚୌଦ୍ୱାର ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ଚୋର ସନ୍ଦେହରେ ଲୋକେ ପିଟି ଦରମରା କରିଛନ୍ତି । ଖବର ପାଇ ପୋଲିସ ଏହି ଯୁବକଙ୍କୁ ଉଦ୍ଧାର କରିଛି । ଏହି ଘଟଣାରେ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏକ ସୂତ୍ରରୁ ପ୍ରକାଶ । ସେହିପରି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଗିରିରୋଡ ଛକ ନିକଟରେ ଜଣେ ଯୁବକଙ୍କୁ ଅନ୍ୟ ୨ ଜଣ ଯୁବକ ମରଣାନ୍ତକ ଭାବରେ ପିଟୁଥିବାରୁ ଦୃଶ୍ୟ ସୋସିଆଲ ମିଡିଆରେ ଭିଡଓ ଭାଇରାଲ ହୋଇଛି । ମାନବୀୟ ସମ୍ବେଦନା ଦିନକୁ ଦିନ ଏକପ୍ରକାର ଲୋପ ପାଉଥିବା ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ